

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ...

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଶନିବାର ୨୭ ଜୁନ୍ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 27 June 2026

Vol.No. 36 ■ No.167 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ନାମଲେଖା ଚାଲୁଅଛି-୨୦୨୬

ସାଇ ସାଧନା ସେବାଶ୍ରମ

ଦିବ୍ୟସିଂହପୁର, ଉଦଳା, ମୟୂରଭଞ୍ଜ

(+୨ ବିଜ୍ଞାନ, +୨ କଳା ଏବଂ +୩ ବିଜ୍ଞାନ)

୧୦୦% ପ୍ରତିଶତ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ-୨୦୨୬


Only for ST/SC Students

(Not for Service Holders)


ଖାଇବା ରହିବା ସମ୍ପୂର୍ଣ୍ଣ ମାଗଣା

Contact No: 9437294587, 9437443950, 9937557158


# ଅଯୋଧ୍ୟା ରାମମନ୍ଦିରରୁ ଦାନପାଣ୍ଠି ଚୋରି ମାମଲା : ଇସ୍ତଫା ଦେଲେ ଟ୍ରଷ୍ଟ ମହାସଚିବ ଚମ୍ପତ ରାୟ ଓ ଅନିଲ ମିଶ୍ର







ନୂଆଦିଲ୍ଲୀ, ୨୬/୦୬ : ଅଯୋଧ୍ୟା ରାମମନ୍ଦିରରୁ ଦାନ ପାଣ୍ଠି ଚୋରି ମାମଲା, ଇସ୍ତଫା ଦେଲେ ଟ୍ରଷ୍ଟ ମହାସଚିବ ଚମ୍ପତ ରାୟ ଓ ଅନିଲ ମିଶ୍ର । ଯୋଗୀ ଆଦିତ୍ୟନାଥ ଏହି ଅବସରରେ ବିରୋଧୀ ଦଳମାନଙ୍କୁ ସମାଲୋଚନା କରି କହିଛନ୍ତି ଯେ, ଏହା ଅଯୋଧ୍ୟାକୁ ବଦନାମ କରିବାର ପ୍ରୟାସ ଓ 'ରାମ ଭକ୍ତ'ଙ୍କ ଭାବନାକୁ ଆଘାତ ଦେଇଛି । ଦେଓରିଆରେ ଏକ କାର୍ଯ୍ୟକ୍ରମରେ ଭାଷଣ ଦେଇ ଦୁଇ ଥରର ମୁଖ୍ୟମନ୍ତ୍ରୀ ଯୋଗୀ କହିଛନ୍ତି ଯେ, ଉତ୍ତର ପ୍ରଦେଶ ସରକାର ରାମ ମନ୍ଦିର ଦାନର କଥିତ ଆତ୍ମସାତ ଘଟଣାର ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ତଦନ୍ତ ଦଳ (ଏସଆଇଟି) ଗଠନ କରିଛନ୍ତି ଓ ଏ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଅଯୋଧ୍ୟା ରାମମନ୍ଦିର ପାଣ୍ଠି ହେରଫେର ମାମଲାରେ ୮ ଜଣ ଗିରଫ ହେବା ପରେ ରାମ ମନ୍ଦିର ତୀର୍ଥକ୍ଷେତ୍ର ଟ୍ରଷ୍ଟର ମହାସଚିବ ଚମ୍ପତ ରାୟ ଓ ଟ୍ରଷ୍ଟର ଅନ୍ୟ ଜଣେ ପ୍ରମୁଖ ସଦସ୍ୟ ଅନିଲ ମିଶ୍ର ଇସ୍ତଫା ଦେଇଛନ୍ତି । ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଦାନ ଚୋରି ମାମଲାରେ ଏହି ସମସ୍ତେ ସମ୍ପୃକ୍ତ ଥିବା ସ୍ୱୀକାର କରିବାର କିଛି ମିନିଟ୍ ପରେ ଚମ୍ପତ ରାୟ ଓ ଅନିଲ ମିଶ୍ର ଇସ୍ତଫା ଦେଇଛନ୍ତି । ଯୋଗୀ ଆଦିତ୍ୟନାଥ ଏହି ଅବସରରେ ବିରୋଧୀ ଦଳମାନଙ୍କୁ ସମାଲୋଚନା କରି କହିଛନ୍ତି ଯେ, ଏହା ଅଯୋଧ୍ୟାକୁ ବଦନାମ କରିବାର ପ୍ରୟାସ ଓ 'ରାମଭକ୍ତ'ଙ୍କ ଭାବନାକୁ ଆଘାତ ଦେଇଛି । ଦେଓରିଆରେ ଏକ କାର୍ଯ୍ୟକ୍ରମରେ ଭାଷଣ ଦେଇ ଯୋଗୀ କହିଛନ୍ତି ଯେ, ଉତ୍ତର ପ୍ରଦେଶ ସରକାର ରାମ ମନ୍ଦିର ଦାନର କଥିତ ଆତ୍ମସାତ ଘଟଣାର ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ତଦନ୍ତ ଦଳ ଗଠନ କରିଛନ୍ତି ଓ ଏ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ରାମ ମନ୍ଦିର ପାଣ୍ଠି ହେରଫେର ମାମଲାର ତଦନ୍ତ କରୁଥିବା ଏସଆଇଟି ଉତ୍ତରପ୍ରଦେଶ ସରକାର ନିକଟରେ ଏହାର ପ୍ରାଥମିକ ରିପୋର୍ଟ ଦାଖଲ କରିବାର ୨ ଦିନ ପରେ ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତ ଟିନୁ ଯାଦବ ଓ ଅନୁକଳ୍ପ ମିଶ୍ରଙ୍କ ସମେତ ମୋଟ୍ ୮ ଜଣଙ୍କ ବିରୋଧରେ ଏତଲା ରୁଜୁ ହୋଇଥିଲା । ଏସଆଇଟି କରିଥିବା ସୁପାରିସ ଆଧାରରେ ଉକ୍ତ ମାମଲାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇଛି । ଶ୍ରୀ ରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟ୍ର ସଦସ୍ୟ ଶ୍ରୀ କୃଷ୍ଣ ମୋହନ ପ୍ରଥମେ ଏହି ମାମଲାରେ ଅଭିଯୋଗ କରିଥିଲେ । ଘଟଣାର ତଦନ୍ତ ପାଇଁ ଉତ୍ତରପ୍ରଦେଶ ସରକାର ୩ ଜଣିଆ ସଦସ୍ୟ ବିଶିଷ୍ଟ ଏକ ଏସଆଇଟି ଗଠନ କରିଥିଲେ ।

◆◆ପୃଷ୍ଠା ୭

# ଲାଲାଜୀ ଦେଶାଇ ଓଡିଶା କଂଗ୍ରେସର ନୂଆ ପ୍ରଭାରୀ



ଭୁବନେଶ୍ୱର, ୨୬/୬ (ନି.ପ୍ର): ଓଡ଼ିଶାରେ ସାଙ୍ଗଠନିକ ଭିତ୍ତିକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ଅଖିଳ ଭାରତୀୟ କଂଗ୍ରେସ କମିଟି (ଏଆଇସିସି) ଶୁକ୍ରବାର ଗୁଜରାଟର ବରିଷ୍ଠ କଂଗ୍ରେସ ନେତା ଲାଲଜୀ ଦେଶାଇଙ୍କୁ ଓଡ଼ିଶାର ନୂଆ ଏଆଇସିସି ପ୍ରଭାରୀ ଭାବେ ନିଯୁକ୍ତ କରିଛି । ସେ ବର୍ତ୍ତମାନର ପ୍ରଭାରୀ ଅଜୟ କୁମାର ଲଲ୍ଲୁଙ୍କ ସ୍ଥାନ ନେବେ । ଏହି ନିଯୁକ୍ତି ତୁରନ୍ତ କାର୍ଯ୍ୟକାରୀ ହେବ ବୋଲି ଏଆଇସିସି ସାଧାରଣ ସମ୍ପାଦକ (ସଂଗଠନ) କେ.ସି. ଭେନୁଗୋପାଳ ଜାରି କରିଥିବା ବିଜ୍ଞପ୍ତିରେ କୁହାଯାଇଛି । ଲାଲଜୀ ଦେଶାଇ କଂଗ୍ରେସର ଜଣେ ଦକ୍ଷ ସାଙ୍ଗଠନିକ ନେତା ଭାବେ ପରିଚିତ । ୨୦୧୮ ମସିହାରୁ ସେ ଅଖିଳ ଭାରତୀୟ କଂଗ୍ରେସ ସେବାଦଳର ମୁଖ୍ୟ ସଂଗଠକ ଭାବେ କାର୍ଯ୍ୟ କରୁଛନ୍ତି । ଦଳର ସାଙ୍ଗଠନିକ ବିସ୍ତାର, କର୍ମୀ ପ୍ରଶିକ୍ଷଣ, ସଦସ୍ୟତା ଅଭିଯାନ ଏବଂ ନିର୍ବାଚନୀ ପ୍ରସ୍ତୁତିରେ ତାଙ୍କର ଦୀର୍ଘ ଅଭିଜ୍ଞତା ରହିଛି । ସେ କଂଗ୍ରେସ ୱାର୍କିଂ କମିଟିର ସ୍ୱତନ୍ତ୍ର ଆମନ୍ତ୍ରିତ ସଦସ୍ୟ ମଧ୍ୟ ଅଟନ୍ତି । ଅନ୍ୟପକ୍ଷରେ, ଉତ୍ତର ପ୍ରଦେଶ କଂଗ୍ରେସର ପୂର୍ବତନ ସଭାପତି ଅଜୟ କୁମାର ଲଲ୍ଲୁ ୨୦୨୪ ଲୋକସଭା ଓ ବିଧାନସଭା ନିର୍ବାଚନ ପରବର୍ତ୍ତୀ ସମୟରେ ଓଡ଼ିଶାର ଦାୟିତ୍ୱ ସମ୍ଭାଳି ଥିଲେ । ତାଙ୍କ କାର୍ଯ୍ୟକାଳରେ ରାଜ୍ୟ କଂଗ୍ରେସର ସାଙ୍ଗଠନିକ ପୁନର୍ଗଠନ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଜିଲ୍ଲା କଂଗ୍ରେସ ସଭାପତିଙ୍କ ନିଯୁକ୍ତି ସହ 'ସଙ୍ଗଠନ ସୃଜନ ଅଭିଯାନ' ମାଧ୍ୟମରେ ବୁଥ୍ ସ୍ତରରେ ଦଳକୁ ସୁଦୃଢ଼ କରିବା ପାଇଁ ପଦକ୍ଷେପ ନିଆଯାଇଥିଲା । ଏଆଇସିସି ପକ୍ଷରୁ ଜାରି ବିଜ୍ଞପ୍ତିରେ ଲଲ୍ଲୁଙ୍କ ଅବଦାନକୁ ପ୍ରଶଂସା କରାଯାଇଛି । ୨୦୨୯ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଓଡ଼ିଶାରେ ଦଳୀୟ ସଂଗଠନକୁ ମଜଭୁତ କରିବା, ବୁଥ୍ସ୍ତରରେ କର୍ମୀଙ୍କୁ ସକ୍ରିୟ କରିବା ଏବଂ ରାଜ୍ୟ ନେତୃତ୍ୱ ସହ ସମନ୍ୱୟ ବୃଦ୍ଧି କରିବା ଲାଲଜୀ ଦେଶାଇଙ୍କ ପାଇଁ ପ୍ରମୁଖ ଆହ୍ୱାନ ହେବ ।

## ଦଳରେ କୌଣସି ଦ୍ୱନ୍ଦ୍ୱ ନାହିଁ : ଦେବୀ ମିଶ୍ର

ଭୁବନେଶ୍ୱର, ୨୬/୦୬ : (ନି.ପ୍ର) ସୁଜାତାଙ୍କ ମିଶ୍ରଣ ପର୍ବରେ କିଛି ନେତାଙ୍କ ଅନୁପସ୍ଥିତ ପ୍ରସଙ୍ଗ ଉପରେ ପ୍ରତିକ୍ରିୟା ରଖିଛନ୍ତି ବରିଷ୍ଠ ଉପସଭାପତି ଦେବୀ ମିଶ୍ର । ସେ କହିଛନ୍ତି ଯେ, କିନ୍ତୁ ଯେହେତୁ ସ୍ୱଳ୍ପ ସମୟରେ ମିଶ୍ରଣ ପର୍ବ ଆୟୋଜନ ହୋଇଥିଲା ଅନେକ ନେତାଙ୍କ ସହ ଯୋଗାଯୋଗ ହୋଇପାରି ନଥିଲା । କିନ୍ତୁ ପ୍ରସନ୍ନ ଆଚାର୍ଯ୍ୟଙ୍କର ବ୍ୟକ୍ତିଗତ କାର୍ଯ୍ୟ ଥିବାରୁ ସେ ଆସିପାରି ନଥିଲେ ମୁଁ କଥା ହୋଇଛି । ସେଇଭଳି ରଣେନ୍ଦ୍ର ସ୍ୱାଇଁଙ୍କ ନିର୍ବାଚନ ମଣ୍ଡଳୀରେ କାର୍ଯ୍ୟ ଥିଲା । ଅନ୍ୟମାନଙ୍କ କଥା କହି ପାରିବିନି । ନବୀନ ପଟ୍ଟନାୟକଙ୍କ ନିଜେ କହି ସାରିଛନ୍ତି କି ମୋ ନେତୃତ୍ୱରେ ୨୯ ଲଢ଼ିବ ଦଳ । ତେଣୁ ଏଥିରେ ଆଉ କୌଣସି ଦ୍ୱନ୍ଦ୍ୱ ନାହିଁ ବୋଲି ଦେବୀ ମିଶ୍ର କହିଛନ୍ତି ।

# ବହିରେ ତ୍ରୁଟି ପଛରେ ସାଂଘାତିକ ଷଡଯନ୍ତ୍ର : ଚକ୍ରାନ୍ତର ଗନ୍ଧ ବାରିଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୬/୦୬ : (ନି.ପ୍ର) ସ୍କୁଲ ବହି ତ୍ରୁଟି ପାଇଁ ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ଗଠିତ ହୋଇଥିବା କମିଟି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ରିପୋର୍ଟ ପ୍ରଦାନ କରିଛି । କମିଟିର ସୁପାରିଶ ଅନୁଯାୟୀ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯାଇଛି । ଏହି ନିଷ୍ପତି ଅନୁଯାୟୀ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟର (ଟିଚରସ୍ ଟ୍ରେନିଂ ଆଣ୍ଡ ଏସସିଇଆରଟି ) ତତ୍କାଳୀନ ନିର୍ଦ୍ଦେଶକ ଶ୍ରୀ ମନୋଜ ପାଢ଼ୀଙ୍କ ସହିତ ତିନି ଜଣ ସହକାରୀ ନିର୍ଦ୍ଦେଶକ ପ୍ରଲିପ୍ତା ମିଶ୍ର, ଦିଲୀପ କୁମାର ସାହୁ ଓ ଭାରତୀ ଟୁଡୁଙ୍କୁ ନିଲମ୍ବିତ କରାଯାଇଛି । ଏହା ସହିତ ୬ ଜଣ ସହକାରୀ ନିର୍ଦ୍ଦେଶକଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଏମାନେ ହେଲେ ବନ୍ଦିତା ପଟ୍ଟନାୟକ, ମାନସ ରଞ୍ଜନ ରାଉତ, ମନୋରଞ୍ଜନ ମହାପାତ୍ର, ଡକ୍ଟର ପ୍ରଶାନ୍ତ କୁମାର ସାହୁ, ମାନସ କୁମାର ନାୟକ ଏବଂ ଡକ୍ଟର ସୁଦର୍ଶନ ସନ୍ତରା । ଭୁଲ ସୁଧାରିବା ପାଇଁ ୧୪ ସୁପାରିସ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ । ସାରା ଓଡ଼ିଶାବାସୀ ଅପେକ୍ଷା କରିଥିଲେ ଲକ୍ଷ ଲକ୍ଷ ପିଲାଙ୍କ ଭବିଷ୍ୟତ ସହ ଖେଳ ଖେଳିଥିବା ଅଧିକାରୀଙ୍କ ଉପରେ କି ଆକ୍ସନ ହେବ । ଗତକାଲି ରିପୋର୍ଟ ପାଇବା ପରେ ଆଜି ଆକ୍ସନ ନେଇଛନ୍ତି ମୁଖ୍ୟମନ୍ତ୍ରୀ । ୪ଜଣଙ୍କୁ ନିଲମ୍ବିତ କରିବା ସହ ୬ଜଣଙ୍କ ବିରୋଧରେ ହୋଇଛି ଶୃଂଖଳାଗତ କାର୍ଯ୍ୟାନୁଷ୍ଠାନ । କମିଟି ସୁପାରୀଶ କରିଥିବା ୧୪ଟି ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ । ଏଥିସହ ଏତେ ବଡ ତ୍ରୁଟି ପଛରେ ଷଡ଼ଯନ୍ତ୍ର ହୋଇଥିବା ସନ୍ଦେହ କରିଛନ୍ତି । ବହିରେ ଏତେ ସଂଖ୍ୟାରେ ତ୍ରୁଟି ବାହାରିବା ପରେ ବ୍ୟସ୍ତ ହୋଇ

◆◆ପୃଷ୍ଠା ୭

# ଭେନେଜୁଏଲା ପରେ ଫିଲିପାଇନ୍ସରେ ଶକ୍ତିଶାଳୀ ଭୂମିକମ୍ପ



ନୂଆଦିଲ୍ଲୀ, ୨୬/୦୬ : ବିପର୍ଯ୍ୟୟ ପରେ ବିପର୍ଯ୍ୟୟ । ଭେନେଜୁଏଲାରେ ପ୍ରଳୟଙ୍କାରୀ ଭୂମିକମ୍ପରେ ଶହ ଶହ ଲୋକଙ୍କ ମୃତ୍ୟୁର ମାତ୍ର ଗୋଟିଏ ଦିନ ପରେ, ଶୁକ୍ରବାର ସନ୍ଧ୍ୟାରେ ଦକ୍ଷିଣ ଫିଲିପାଇନ୍ସରେ ଆଉ ଏକ ଶକ୍ତିଶାଳୀ ଭୂମିକମ୍ପ ଅନୁଭୂତ ହୋଇଛି । ବିପର୍ଯ୍ୟୟ ପରେ ବିପର୍ଯ୍ୟୟ । ଭେନେଜୁଏଲାରେ ପ୍ରଳୟଙ୍କାରୀ ଭୂମିକମ୍ପରେ ଶହ ଶହ ଲୋକଙ୍କ ମୃତ୍ୟୁର ମାତ୍ର ଗୋଟିଏ ଦିନ ପରେ, ଶୁକ୍ରବାର ସନ୍ଧ୍ୟାରେ ଦକ୍ଷିଣ ଫିଲିପାଇନ୍ସରେ ଆଉ ଏକ ଶକ୍ତିଶାଳୀ ଭୂମିକମ୍ପ ଅନୁଭୂତ ହୋଇଛି । ଆମେରିକାର ଭୂତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥାର ସୂଚନା ଅନୁଯାୟୀ, ରିକ୍ଟର ସ୍କେଲରେ ଏହି ଭୂମିକମ୍ପର ତୀବ୍ରତା ୬.୭ ରେକର୍ଡ କରାଯାଇଛି । ଏହି ଭୂମିକମ୍ପଟି ସ୍ଥାନୀୟ ସମୟ ରାତି ପ୍ରାୟ ୭:୪୨ରେ ମିନ୍ଦାନାଓ ଦ୍ୱୀପର ସାରାଙ୍ଗାନି ସହରଠାରୁ ପ୍ରାୟ ୨୧ କିଲୋମିଟର ଦକ୍ଷିଣ-ପଶ୍ଚିମରେ ଭୂଗର୍ଭର ୬୫.୭ କିଲୋମିଟର ଗଭୀରତାରେ ସୃଷ୍ଟି ହୋଇଥିଲା । ସୂଚନାଯୋଗ୍ୟ ଯେ, ମାତ୍ର ତିନି ସପ୍ତାହ ପୂର୍ବରୁ ଏହି ଅଞ୍ଚଳରେ ଆସିଥିବା ଏକ ବଡ଼ ଭୂମିକମ୍ପ ଝଟକା ଯୋଗୁଁ ୮୦ ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ । ତେବେ ବର୍ତ୍ତମାନର ଏହି ଭୂମିକମ୍ପ ପରେ ତୁରନ୍ତ କୌଣସି ସୁନାମି ସତର୍କତା ଜାରି କରାଯାଇ ନାହିଁ ।






## ବହିରେ ତ୍ରୁଟି ଉପରେ ମୁଖ୍ୟମନ୍ତ୍ରୀଙ୍କ ମନ୍ତବ୍ୟ ସମସ୍ତଙ୍କୁ ମର୍ମାହତ କରିଛି : ବିଜେଡି

ଭୁବନେଶ୍ୱର, ୨୬/୦୬ : (ନି.ପ୍ର) - ବହିରେ ତ୍ରୁଟି ଷଡଯନ୍ତ୍ର ଉପରେ ବିଜେଡି ବିଧାୟକ ସାରଦା ଜେନା ପ୍ରତିକ୍ରିୟା ରଖିଛନ୍ତି ସେ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ ମନ୍ତବ୍ୟ ସମସ୍ତଙ୍କୁ ମର୍ମାହତ କରିଛି । ମୁଖ୍ୟମନ୍ତ୍ରୀ ନିଜେ ପରିପ୍ରକାଶ କଲେ ବଡ଼ ଷଡଯନ୍ତ୍ର ରହିଛି । ଚାଲି ନଜାଣି ବାଟର ଦୋଷ ଦେଉଛନ୍ତି । ଖାଲି କହିଲେ ହେବନି ଷଡଯନ୍ତ୍ରକୁ ବାହାରକୁ ଆଣନ୍ତୁ । ନିଜ ଦାୟିତ୍ୱରୁ ଖସିଯିବା ପାଇଁ ଅନ୍ୟ ଉପରେ ଦୋଷ ଲଦିବା ଠିକ ନୁହେଁ । ୨୪ ମାସର ସରକାରର କେବଳ ଗୋଟିଏ କାମ ୨୪ ବର୍ଷର ପୂର୍ବ ସରକାରର ଦୋଷ ଧରିବା । ତ୍ରୁଟି କିଏ କଲା, ଛପା ଦାୟିତ୍ୱ କିଏ ନେଇଥିଲା, ମନ୍ତ୍ରୀ ଓ ଅଫିସର କଣ ଦାୟିତ୍ୱ ନେଇଥିଲେ କାହା ଉପରେ କାର୍ଯ୍ୟାନୁଷ୍ଠାନ ହେବ ପ୍ରଥମେ ସ୍ପଷ୍ଟ କରନ୍ତୁ ମୁଖ୍ୟମନ୍ତ୍ରୀ ବୋଲି ଦାବି କରିଛନ୍ତି ସାରଦା ଜେନା ।

## ବରିଷ୍ଠ ସାମ୍ବାଦିକ ଶରତ ଦାଶଙ୍କ ପରଲୋକ

ଭୁବନେଶ୍ୱର, ୨୬/୦୬ : (ନି.ପ୍ର) - ବରିଷ୍ଠ ସାମ୍ବାଦିକ ଶରତ ଦାଶଙ୍କର ୮୩ ବର୍ଷ ବୟସରେ ଶୁକ୍ରବାର ଅପରାହ୍ନରେ ପରଲୋକ ଘଟିଛି । ଶାରୀରିକ ଅସୁସ୍ଥତା ଲାଗି ଗୁରୁବାରଠାରୁ ସେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତି ହୋଇଥିଲେ । ହୃଦଘାତରେ ତାଙ୍କର ପରଲୋକ ଘଟିଥିବା ପରିବାର ସୂତ୍ରରୁ ଜଣାପଡ଼ିଛି । ଶ୍ରୀ ଦାଶ ଦୀର୍ଘ ୩୭ ବର୍ଷ କାଳ ସାମ୍ବାଦିକତାରେ ରହିଥିଲେ । ସେ ପ୍ରେସ ଟ୍ରଷ୍ଟ ଅଫ ଇଣ୍ଡିଆ (ପିଟିଆଇ)ର ସମ୍ବାଦଦାତା ଭାବରେ ଦିଲ୍ଲୀ, ମୁମ୍ବାଇ ଓ କୋଲକାତାରେ ଦୀର୍ଘବର୍ଷ କାର୍ଯ୍ୟ କରି ପରେ କଟକ ଓ ଭୁବନେଶ୍ୱରରେ ପିଟିଆଇର ପ୍ରମୁଖ ସମ୍ବାଦଦାତା ତଥା ମ୍ୟାନେଜର ଭାବରେ କାର୍ଯ୍ୟ କରି ଅବସର ନେଇଥିଲେ । ସାମାଜିକ ଓ ରାଜନୈତିକ ସାମ୍ବାଦିକତାରେ ସେ ବେଶ ସକ୍ରିୟ ଥିଲେ । ଜଣେ ସୁନାମଧନ୍ୟ ଓ ଦକ୍ଷ ସାମ୍ବାଦିକ ଭାବରେ ସେ ପରିଚିତ ଥିଲେ ।

# ତାରାତାଲା ଗୋଦାମ ଭୁଶୁଡ଼ିବା ଘଟଣାରେ ମୃତ୍ୟୁ ସଂଖ୍ୟା ୧୫କୁ ବୃଦ୍ଧି

କୋଲକାତା, ୨୬/୦୬ : କୋଲକାତାର ତାରାତାଲା ଠାରେ ବି-୨ ଟ୍ରାନ୍ସପୋର୍ଟ ଡିପୋ ରୋଡରେ ଏକ ନିର୍ମାଣାଧୀନ ଗୋଦାମର ଛାତ ଭୁଶୁଡ଼ିବାର ପ୍ରାୟ ଦୁଇ ଦିନ ପରେ, ରିଲିଫ ଏବଂ ଉଦ୍ଧାର କାର୍ଯ୍ୟ ନିରବଚ୍ଛିନ୍ନ ଭାବରେ ଜାରି ରହିଛି । ଭଗ୍ନାବଶେଷ ତଳେ ଫସି ରହିଥିବା ଲୋକଙ୍କୁ ଖୋଜିବା ପାଇଁ ଭାରୀ ଲୁହା ବିମ୍ କାଟି ଦିଆଯାଉଛି ଏବଂ କଂକ୍ରିଟର ବିଶାଳ ସ୍ଲାବ୍ ହଟାଯିବା କାର୍ଯ୍ୟ କରାଯାଉଛି । ଶୁକ୍ରବାର ସକାଳେ ଏହି ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ୧୫କୁ ବୃଦ୍ଧି ପାଇଛି । ଉଦ୍ଧାରକାରୀମାନେ ବୁଧବାର ଅପରାହ୍ନଠାରୁ ମୋଟ ୩୩ ଜଣଙ୍କୁ ଭଗ୍ନାବଶେଷରୁ ଉଦ୍ଧାର କରିଛନ୍ତି । ଏବେବି ଅନେକ ଶ୍ରମିକ ଭଗ୍ନାବଶେଷ ତଳେ ଚାପି ହୋଇ ରହିଥାଇପାରନ୍ତି ବୋଲି ଆଶଙ୍କା କରାଯାଉଛି । ଗୁରୁବାର ବିଳମ୍ବିତ ରାତିରେ ଭଗ୍ନାବଶେଷରୁ ଆଉ ଦୁଇଟି ମୃତଦେହ ଉଦ୍ଧାର କରାଯାଇଥିଲା, ଯାହା ଏପର୍ଯ୍ୟନ୍ତ ଚିହ୍ନଟ ହୋଇନାହିଁ । ମନୁ କୁମାର (୧୯) ଏବଂ ସାହିଲ ସର୍ଦ୍ଦାର (୧୯) ଆଜି ସକାଳେ ଏସ୍. ଏସ୍. କେ. ଏମ୍. ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ମୃତ୍ୟୁବରଣ କରିଥିଲେ । ବିହାରର ମୁଙ୍ଗେରର ବାସିନ୍ଦା ମନୁ କୁମାରଙ୍କୁ ବୁଧବାର ଦିନ ଭଗ୍ନାବଶେଷରୁ ଜୀବନ୍ତ ଉଦ୍ଧାର କରାଯାଇଥିଲା । ଗୁରୁବାର ରାତିରେ ମଧ୍ୟ ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା, କିନ୍ତୁ ଡାକ୍ତରଙ୍କ ଉଦ୍ୟମ ସତ୍ତ୍ୱେ ଶୁକ୍ରବାର ସକାଳେ ସେ ପ୍ରାଣ ହରାଇଥିଲେ । ପୂର୍ବରୁ ଏହି ଦୁର୍ଘଟଣାରେ ତାଙ୍କ ଭାଇ ଘୀ କୁମାର (୧୭) ଙ୍କ ମଧ୍ୟ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ବାପା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ଆହତ ହୋଇଥିବା ଗଣେଶ କାଳିନ୍ଦୀ (୪୫) ଶୁକ୍ରବାର ଦିନ ଚିକିତ୍ସା ସମୟରେ ମୃତ୍ୟୁବରଣ କରିଥିଲେ ।

# ମାଟିଆପଡ଼ା ଆରଓବି କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା : ଶୀଘ୍ର କାର୍ଯ୍ୟ ସମାପ୍ତି ପାଇଁ ନିର୍ଦ୍ଦେଶ

ଭୁବନେଶ୍ୱର, ୨୬/୦୬ (ନି.ପ୍ର): ଆଗକୁ ରଥଯାତ୍ରା ଆସୁଛି ଓ ଏଥିଲାଗି ରାଜ୍ୟ ତଥା ରାଜ୍ୟ ବାହାରୁ ପୁରୀକୁ ଅନେକ ପର୍ଯ୍ୟଟକ ଓ ତୀର୍ଥଯାତ୍ରୀ ଆସିବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ପୁରୀ ସହର ଏବଂ ସହରକୁ ସଂଯୋଗ କରୁଥିବା ରାସ୍ତା ଓ ଗମନା ଗମନ ମାର୍ଗର ସୁଦୃଢ଼ୀକରଣ ଉପରେ ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ ମନ୍ତ୍ରୀ ଗୁରୁତ୍ୱ ଦେଇ ଆସୁଛନ୍ତି ।ଏହି କ୍ରମରେ ନିର୍ମାଣ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ଏନ୍‌ଏଚ୍-୩୧୬ ଅନ୍ତର୍ଗତ ମାଟିଆପଡ଼ା ରୋଡ୍ ଓଭର ବ୍ରିଜ୍ (ଆରଓବି) ନିର୍ମାଣ ସ୍ଥଳ ପରିଦର୍ଶନ କରି କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଛନ୍ତି । ପ୍ରମୁଖ ଶାସନ ସଚିବ ଶ୍ରୀ ସିଂହ ବୋ-ଷ୍ଟ୍ରିଙ୍ଗ ଗାର୍ଡର କାର୍ଯ୍ୟ ପରିଦର୍ଶନ କରିବା ସହ ପ୍ରକଳ୍ପର ଅବଶିଷ୍ଟ କାର୍ଯ୍ୟର ସମୀକ୍ଷା କରିଥିଲେ। ୨୬ ଜୁନ ୨୦୨୬ରେ ଆରଡିଏସ୍‌ଓ ଦଳର ପରିଦର୍ଶନ ପରେ ଅବଶିଷ୍ଟ ଦୁଇଟି ସ୍ପାନର ବୋ-ଷ୍ଟ୍ରିଙ୍ଗ ଗାର୍ଡର ଲଂଚିଂ ସହ ସମସ୍ତ କାର୍ଯ୍ୟକୁ ତ୍ୱରାନ୍ୱିତ କରି ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ସେ ଜାତୀୟ ରାଜପଥ ବିଭାଗର ଅଧିକାରୀ ଏବଂ କାର୍ଯ୍ୟ ନିର୍ବାହୀ ସଂସ୍ଥାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ, କ୍ରାସ୍ ବ୍ୟାରିୟର ଢଳେଇ, ଉଭୟ ପାର୍ଶ୍ୱର ଆପ୍ରୋଚ୍ ରୋଡରେ ପିଚୁ-କଙ୍କ୍ରିଟ୍ ବିଛାଇବା, ଏକ୍ସପାନସନ୍ ଜଏଂଟ ସ୍ଥାପନ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟକୁ ସମାନ୍ତରାଳ ଭାବେ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ନିର୍ମାଣ ବିଭାଗ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଅଗ୍ରଗତି ଉପରେ ନିରନ୍ତର ନଜର ରଖିଛି ଏବଂ ଜନସାଧାରଣଙ୍କ ସୁବିଧା ପାଇଁ ଏହାକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ପ୍ରତିବଦ୍ଧ। ଏଥି ସହିତ ଆସନ୍ତା ରଥଯାତ୍ରା-୨୦୨୬ ପୂର୍ବରୁ ଆରଓବିର ଉଭୟ ପାର୍ଶ୍ୱରେ ଥିବା ସର୍ଭିସ୍ ରୋଡ୍ କୁ ସମ୍ପୂର୍ଣ୍ଣ ପ୍ରସ୍ତୁତ କରି ଯାତାୟାତ ଉପଯୋଗୀ କରିବାକୁ ମଧ୍ୟ ସେ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ପରିଦର୍ଶନ ସମୟରେ ମୁଖ୍ୟ ଯନ୍ତ୍ରୀ (ଜାତୀୟ ରାଜପଥ), ତତ୍ତ୍ୱାବଧାୟକ ଯନ୍ତ୍ରୀ (ଜାତୀୟ ରାଜପଥ) ଏବଂ କାର୍ଯ୍ୟ ନିର୍ବାହୀ ସଂସ୍ଥାର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ବିଏମ୍‌ସି ପକ୍ଷରୁ ସହରାଂଚଳ ଜନସଂପର୍କ ଓ ନାଗରିକ ସହଭାଗିତା କାର୍ଯ୍ୟକ୍ରମ ଆୟୋଜିତ

ଭୁବନେଶ୍ୱର, ୨୬/୦୬ (ନି.ପ୍ର): ଭୁବନେଶ୍ୱର , ୨୫ ଜୁନ୍ (ହି.ସ.) - ରାଜ୍ୟ ସରକାରଙ୍କ ପକ୍ଷରୁ ୨ ବର୍ଷ ପୂର୍ତ୍ତି ପାଳନ ଅବସରରେ ରାଜ୍ୟ ବ୍ୟାପି ଚାଲିଥିବା ବିକାଶର ଧାରା, ଓଡିଶା ସାରା କାର୍ଯ୍ୟକ୍ରମ ଭୁବନେଶ୍ୱର ମହାନଗର ନିଗମ (ବିଏମ୍ ସି) ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି । ବିଏମ୍ ସି ମୁଖ୍ୟାଳୟସ୍ଥିତ ଏକାମ୍ର ହଲରେ ଅନୁଷ୍ଠିତ ବିକାଶ ଧାରା, ଓଡିଶା ସାରା ଅଂଶ ସ୍ୱରୂପ ରାଜ୍ୟସ୍ତରୀୟ ସହରାଞ୍ଚଳ ଜନସଂପର୍କ ଓ ନାଗରିକ ସହଭାଗିତା କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏକାମ୍ର ବିଧାୟକ ଶ୍ରୀ ବାବୁ ସିଂ, ମେୟର ଶ୍ରୀମତୀ ସୁଲୋଚନା ଦାସ, ଡେପୁଟି ମେୟର ଶ୍ରୀମତୀ ମଞ୍ଜୁଲତା କହଁର, ବିଏମ୍ ସି କମିଶନର ଶ୍ରୀ ଚଞ୍ଚଳ ରାଣା, ଶିକ୍ଷା ଓ ସାଂସ୍କୃତିକ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ଶ୍ରୀ ରାମଚନ୍ଦ୍ର ରଣସିଂହ, ଓ୍ୱାର୍କସ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଶ୍ରୀ ଶ୍ରୀଧର ବେହେରା, ସିଟି ଇଂଜିନିୟର ଶ୍ରୀ ପ୍ରଫୁଲ୍ଲ ରଇତ, ବହୁ କର୍ପୋରେଟର ମଂଚାସୀନ ଥିଲେ ।

ଏହି ଅବସରରେ ବିଭିନ୍ନ ବର୍ଗରେ ଉଲ୍ଲେଖନୀୟ କାର୍ଯ୍ୟକରିଥିବା ସ୍ୱଚ୍ଛକର୍ମୀ, ସଫେଇ ଗାଡି ଡ୍ରାଇଭର, ଆବାସିକ ସଂଗଠନ, ବହୁଳ ବର୍ଜ୍ୟ ଉତ୍ପନ୍ନକାରୀ ସଂସ୍ଥା, ସର୍ବାଧିକ ହୋଲଡିଂ ଟାକ୍ସ ଦେଉଥିବା ବ୍ୟକ୍ତି ବିଶେଷ, ଗୋଷ୍ଠୀ ସଂଗଠକ, ପ୍ରଧାନମନ୍ତ୍ରୀ ଗୃହ ହିତାଧିକାରୀ, ରାସ୍ତା ପାର୍ଶ୍ୱ ବ୍ୟବସାୟୀ, ବରିଷ୍ଠ ନାଗରିକ ପ୍ରମୁଖ ୩୦ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ସେହିପରି ଆଜି ବିଏମ୍ ସି ପକ୍ଷରୁ ୧୪ଟି ଉନ୍ନୟନ ମୂଳକ ପ୍ରକଳ୍ପର କାର୍ଯ୍ୟାଦେଶ ମାନନୀୟା ମେୟରଙ୍କ ଦ୍ୱାରା ପ୍ରଦାନ କରାଯାଇଛି ।

ଏହି କାର୍ଯ୍ୟକ୍ରମ ଭୁବନେଶ୍ୱର ମହାନଗର ନିଗମର ୩ଗୋଟି ଜୋନର ୬ ଗୋଟି ସ୍ଥାନରେ ଅନୁଷ୍ଠିତ ହୋଇଥିଲା । ଏଥିରେ ସମସ୍ତ ଜୋନାଲ କମିଶନର ସ୍ଥାନୀୟ କର୍ପୋରେଟର, ଡେପୁଟି କମିଶନର, ସହକାରୀ କମିଶନର, ସ୍ଥାନୀୟ ସଂଗଠନର କର୍ମକର୍ତ୍ତା, ବରିଷ୍ଠ ନାଗରିକ ଆଦି ୧୦୦୦ରୁ ଅଧିକ ଲୋକ ଯୋଗଦେଇଥିଲେ । ଶେଷରେ ପୁରୀଠାରେ ଅନୁଷ୍ଠିତ ଓଡିଶା ସାରା, ବିକାଶର ଧାରା ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମରେ ଆଭାସି ମାଧ୍ୟମରେ ସମସ୍ତଙ୍କୁ ସିଧାସଳଖ ଯୋଡି ଦିଆଯାଇଥିଲା ।

ରାଜ୍ୟ ସରକାରଙ୍କର ବିକାଶ ଧାରାରେ ନାଗରିକମାନଙ୍କର ସହଭାଗିତା ପାଇଁ ଆହ୍ୱାନ ଦେଇଛନ୍ତି ଏକାମ୍ର ବିଧାୟକ ଶ୍ରୀ ବାବୁ ସିଂ । ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତ ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବିକଶିତ ଓଡିଶା ସ୍ୱପ୍ନ ସେହିଦିନ ସାକାର ହେବ, ଯେଉଁଦିନ ନାଗରିକମାନେ ପୂର୍ଣ୍ଣ ପ୍ରାଣରେ ସରକାରଙ୍କୁ ସହଯୋଗ କରିବେ ବୋଲି ସେ କହିଛନ୍ତି ।

ମହାନଗର ନିଗମକୁ ସ୍ୱଚ୍ଛ, ସବୁଜ ଓ ସୁନ୍ଦର ରଖିବା ପାଇଁ ପରିମଳ ବ୍ୟବସ୍ଥାକୁ ବ୍ୟାପକ କରାଯାଇଛି । ଭୁବନେଶ୍ୱର ଦେଶର ସ୍ୱଚ୍ଛ ସହର ତାଲିକାର ୯ମ ସ୍ଥାନରେ ରହିଛି । ବର୍ଜ୍ୟ ପ୍ରବଣ ଅଂଚଳକୁ ସୌନ୍ଦର୍ଯ୍ୟକରଣ କରାଯାଇଛି । ବୈଜ୍ଞାନିକ ପଦ୍ଧତିରେ ବର୍ଜ୍ୟ ପ୍ରକ୍ରିୟାକରଣ କରାଯାଉଛି । ପଳାଶୁଣିଠାରେ ମେଗା ଟିଟିଏସ୍ ପ୍ରତିଷ୍ଠା କରାଯାଇଛି। ବର୍ଜ୍ୟରୁ କମ୍ପ୍ରେସଡ୍ ବାୟୋ ଗ୍ୟାସ୍ ଉତ୍ପାଦନ ପାଇଁ ଅଏଲ୍ ଇଣ୍ଡିଆ ଲିମିଟେଡ୍ ସହ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି । ୧୭୫ କୋଟି ଟଙ୍କା ବ୍ୟୟରେ କମ୍ପ୍ରେସଡ୍ ବାୟୋ ଗ୍ୟାସ୍ ପ୍ଲାଣ୍ଟ ପ୍ରତିଷ୍ଠା କାର୍ଯ୍ୟ ଆରମ୍ଭ ହୋଇସାରିଛି । ସହରରେ ଥିବା ମୋଟ ୫୧୨ଟି ବର୍ଜ୍ୟ ପ୍ରବଣ ସ୍ଥାନକୁ ସୌନ୍ଦର୍ଯ୍ୟକରଣ କରାଯାଇ ସେଠାରେ ବୃକ୍ଷ ରୋପଣ, ସୁନ୍ଦର ଚିତ୍ର ଅଙ୍କନ, ବସିବା ପାଇଁ ସ୍ଥାନ, କେତେକ ସ୍ଥାନରେ ଛୋଟ ଛୋଟ ପାର୍କ ମଧ୍ୟ କରାଯାଇଛି । ସହରକୁ ସଫାସୁତରା ରଖିବା ସହ ସୌନ୍ଦର୍ଯ୍ୟକରଣ କାର୍ଯ୍ୟରେ ୪୨ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସହ ୭୨୦ ଜଣ ସ୍ୱଚ୍ଛ କର୍ମୀ କାର୍ଯ୍ୟ କରୁଛନ୍ତି । ଭୁବନେଶ୍ୱର ସହରକୁ ସବୁଜ ସୁନ୍ଦର କରିବା ପାଇଁ ବୃକ୍ଷ ରୋପଣ କାର୍ଯ୍ୟ ଜାରି ରହିଛି । ମାଆ ପାଇଁ ଗଛଟିଏ କାର୍ଯ୍ୟକ୍ରମ ଜରିଆରେ ବିଭିନ୍ନ ସ୍ଥାନରେ ବୃକ୍ଷ ରୋପଣ କାର୍ଯ୍ୟ ଜାରି ରହିଛି । ମିଆଁଓ୍ୱାକି ପଦ୍ଧତିରେ ସହରରେ ୧୫ରୁ ଅଧିକ ଜଙ୍ଗଲ ସୃଷ୍ଟି କରାଯାଇଛି । ଫଳରେ ସ୍ୱଚ୍ଛ ବାୟୁ ତାଲିକାର ୪ର୍ଥ ସ୍ଥାନରେ ରହିଛି ଭୁବନେଶ୍ୱର । ବାୟୁ ପ୍ରଦୂଷଣ ମୁକ୍ତକୁ ଆହୁରି ପ୍ରଭାବଶାଳୀ କରିବା ପାଇଁ ବିଏମ୍ ସି ଆଉ ପାଦେ ଆଗକୁ ଯାଇ ଏବେ ପରୀକ୍ଷାମୂଳକ ଭାବେ ଲିଙ୍ଗରାଜ ମନ୍ଦିର ଅଂଚଳ ଏବଂ ଚନ୍ଦ୍ରଶେଖରପୁର ଅଂଚଳରେ ଡଷ୍ଟ କଲେକ୍ଟର ଲଗାଇଛି, ବିଏମ୍ ସି ଅଂଚଳରେ ଥିବା ପୁଷ୍କରିଣୀଗୁଡିକୁ ନବୀକରଣ କରାଯାଇଛି ବୋଲି କହିଥିଲେ ମେୟର ।

# ‘ସଂବିଧାନ ହତ୍ୟା ଦିବସ’ରେ ଲୋକତନ୍ତ୍ର ସେନାନୀଙ୍କ ଅସୀମ ତ୍ୟାଗ ଓ ସଂଘର୍ଷକୁ ମନେ ପକାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୫ ଜୁନ (ହି.ସ)- ‘ସଂବିଧାନ ହତ୍ୟା ଦିବସ’ରେ ଲୋକତନ୍ତ୍ର ସେନାନୀଙ୍କ ଅସୀମ ତ୍ୟାଗ ଓ ସଂଘର୍ଷକୁ ମନେ ପକାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ୧୯୭୫ ମସିହା ଆଜିର ଦିନରେ, ଗୋଟିଏ ପରିବାରର କ୍ଷମତା ଲିପ୍ସା ଓ ଏକଛତ୍ରବାଦୀ ମାନସିକତା ଯୋଗୁଁ ସାରା ଦେଶରେ ’ଜରୁରୀକାଳୀନ ପରିସ୍ଥିତି’ ଲଦି ଦିଆଯାଇଥିଲା, ଯାହା ଭାରତୀୟ ଗଣତନ୍ତ୍ରର ଇତିହାସରେ ଏକ କଳା ଅଧ୍ୟାୟ। ସାମ୍ବିଧାନିକ ବିଧି ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ କରି ସାଧାରଣ ନାଗରିକଙ୍କ ମୌଳିକ ଅଧିକାରକୁ କ୍ଷୁର୍ଣ୍ଣ କରାଯାଇଥିଲା, ବିନା କାରଣରେ ଲକ୍ଷ ଲକ୍ଷ ଦେଶପ୍ରେମୀଙ୍କୁ କାରାଗାରର ଅନ୍ଧକାର କୋଠରୀକୁ ଠେଲି ଦିଆଯାଇଥିଲା ଏବଂ ଗଣମାଧ୍ୟମର ସ୍ୱାଧୀନତାକୁ ଅହେତୁକ ଭାବେ ଦମନ କରାଯାଇଥିଲା। ଗଣତାନ୍ତ୍ରିକ ମୂଲ୍ୟବୋଧ ଉପରେ ହୋଇଥିବା ଏହି ନିର୍ମମ ଆଘାତକୁ ସ୍ମରଣ କରିବା ଏବଂ ନିଜର ସାମ୍ବିଧାନିକ ଅଧିକାର ପ୍ରତି ପ୍ରତିଟି ନାଗରିକଙ୍କୁ ସତର୍କ ଓ ସଚେତନ କରିବା ଉଦ୍ଦେଶ୍ୟରେ ଆଜିର ଦିନକୁ ସାରା ଦେଶରେ ‘ସମ୍ବିଧାନ ହତ୍ୟା ଦିବସ’ ଭାବରେ ପାଳନ କରାଯାଉଛି। ଏହି କଳଙ୍କିତ ଦିନର ୫୧ ବର୍ଷ ପୂର୍ତ୍ତି ଅବସରରେ, ଏକଛତ୍ରବାଦୀ ଶାସନ ବିରୋଧରେ ଦୃଢ଼ ସ୍ୱର ଉତ୍ତୋଳନ କରି କାରାଗାରର ଅମାନୁଷିକ ଯାତନା ସହିଥିବା ସେହି ସମସ୍ତ ଅଗଣିତ ବୀର ‘ଲୋକତନ୍ତ୍ର ସେନାନୀ’ଙ୍କ ଅସୀମ ତ୍ୟାଗ ଓ ସଂଘର୍ଷକୁ ମୁଁ ସାଦର ପ୍ରଣାମ ଜଣାଉଛି। ଆଜି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଜୀଙ୍କ ସମର୍ପିତ ନେତୃତ୍ୱରେ ସମ୍ବିଧାନର ପ୍ରକୃତ ଗରିମା ଓ ସାର୍ବଭୌମତ୍ୱ ସୁରକ୍ଷିତ ରହିଛି ଏବଂ ସମାଜର ଶେଷ ଧାଡ଼ିରେ ଥିବା ପ୍ରତିଟି ନାଗରିକ ବାସ୍ତବ ଅର୍ଥରେ ସଶକ୍ତ ଓ ସ୍ୱାଭିମାନୀ ହୋଇପାରିଛନ୍ତି। ଆସନ୍ତୁ, ସମ୍ବିଧାନର ସୁରକ୍ଷା, ଗଣତାନ୍ତ୍ରିକ ମୂଲ୍ୟବୋଧ ଏବଂ ସାମ୍ବିଧାନିକ ଶ୍ରେଷ୍ଠତାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ଆଜି ଦିନରେ ସଂକଳ୍ପବଦ୍ଧ ହେବା।

# ବଳଙ୍ଗା ଗ୍ରାମପଂଚାୟତର ବିଜେଡି କାର୍ଯ୍ୟକର୍ତ୍ତାଙ୍କ ବିଜେପିରେ ଯୋଗଦାନ

ଭୁବନେଶ୍ୱର, ୨୬/୦୬ (ନି.ପ୍ର): ନିମାପଡ଼ା-ଗୋପ ନିର୍ବାଚନମଣ୍ଡଳୀର ବଳଙ୍ଗା ଗ୍ରାମପଂଚାୟତର ବିଜେଡି କାର୍ଯ୍ୟକର୍ତ୍ତାମାନେ ଗୁରୁବାର ବିଜେପିରେ ଯୋଗଦେଇଛନ୍ତି। ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ସେମାନଙ୍କୁ ଦଳକୁ ସ୍ୱାଗତ ଜଣାଇଛନ୍ତି। ଏହି ଅବସରରେ ଶ୍ରୀମତୀ ପରିଡା କହିଛନ୍ତି ଆପଣମାନଙ୍କ ଯୋଗଦାନ ଦଳର ସଂଗଠନକୁ ତୃଣମୂଳ ସ୍ତରରେ ଆହୁରି ସୁଦୃଢ଼ କରିବା ସହ ଜନସେବା ଓ ବିକାଶର ସଂକଳ୍ପକୁ ଅଧିକ ଶକ୍ତି ପ୍ରଦାନ କରିବ ବୋଲି ମୋର ଦୃଢ଼ ବିଶ୍ୱାସ ।

# ରାଜ୍ୟର ସମସ୍ତ ସ୍ୱାସ୍ଥ୍ୟାନୁଷ୍ଠାନରେ ଅଗ୍ନି ନିରାପତା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବାକୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୨୫ ଜୁନ୍ (ହି.ସ)- ଲୋକସଭା ଭବନରେ ଆୟୋଜିତ ଏକ ଗୁରୁତ୍ୱପୂର୍ଣ୍ଣ ଅଗ୍ନି ନିରାପତା ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ସଭାପତିତ୍ୱ କରି ରାଜ୍ୟର ସମସ୍ତ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟାନୁଷ୍ଠାନରେ ଅଗ୍ନି ନିରାପତା ବ୍ୟବସ୍ଥାର ବର୍ତ୍ତମାନ ସ୍ଥିତି ଓ ଆବଶ୍ୟକତା, ପୂର୍ବରୁ ଦିଆଯାଇଥିବା ନିର୍ଦ୍ଦେଶ କେତେ ଅନୁପାଳନ ହୋଇଛି ସେ ବିଷୟରେ ମଧ୍ୟ ସମୀକ୍ଷା କରାଯାଇଥିଲା । ରୋଗୀଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନଙ୍କୁ ଅଗ୍ନି ନିର୍ବାପକ ଉପକରଣର ନିୟମିତ ଯାଂଚ, ଜରୁରୀକାଳୀନ ପ୍ରସ୍ତୁତିର ସୁନିଶ୍ଚିତକରଣ, ନିର୍ଦ୍ଧାରିତ ସୁରକ୍ଷା ମାନଦଣ୍ଡର କଡ଼ାକଡ଼ି ପାଳନ ଏବଂ ସମସ୍ତ ସ୍ୱାସ୍ଥ୍ୟାନୁଷ୍ଠାନରେ ଅଗ୍ନି ନିରାପତା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ ଓ କାର୍ଯ୍ୟକ୍ଷମ କରିବା ପାଇଁ ସ୍ପଷ୍ଟ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା ।

ମନ୍ତ୍ରୀ କହିଥିଲେ ଯେ, ସ୍ୱାସ୍ଥ୍ୟସେବା ପ୍ରଦାନ ସହିତ ରୋଗୀ ଓ ସ୍ୱାସ୍ଥ୍ୟକର୍ମୀଙ୍କ ନିରାପତା ସରକାରଙ୍କ ପ୍ରମୁଖ ଦାୟିତ୍ୱ । ତେଣୁ ଅଗ୍ନିକାଣ୍ଡ ପରି ଜରୁରୀ ପରିସ୍ଥିତିକୁ ମୁକାବିଲା ପାଇଁ ପ୍ରତ୍ୟେକ ଅନୁଷ୍ଠାନରେ ପୂର୍ବ ପ୍ରସ୍ତୁତି ଏବଂ ସମୟୋପଯୋଗୀ ବ୍ୟବସ୍ଥା ଗ୍ରହଣ ଅତ୍ୟାବଶ୍ୟକ ।

ଏହି ବୈଠକରେ ଜାତୀୟ ସ୍ୱାସ୍ଥ୍ୟ ମିଶନ (ଏନଏଚଏମ୍) ଏମଡି ଡ. ବୃନ୍ଦା ଡ଼ି , ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ଏବଂ ବିଭିନ୍ନ ଜିଲ୍ଲାର ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ମେଡିକାଲ କଲେଜ ଡିନ ଓ ସୁପରିଟେଣ୍ଡଂଟମାନେ ଭର୍ଚୁଆଲ ମାଧ୍ୟମରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଉମରକୋଟରେ ବିଜେପିର ମହା ମିଶ୍ରଣ ପର୍ବ ଅନୁଷ୍ଠିତ

ଭୁବନେଶ୍ୱର, ୨୫ ଜୁନ୍ (ହି.ସ)- ଉମରକୋଟ ଭାରତୀୟ ଜନତା ପାର୍ଟି କାର୍ଯ୍ୟାଳୟରେ ଗୁରୁବାର ଦିନ ବିଜେପିର ମହା ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଉମରକୋଟ ନିର୍ବାଚନ ମଣ୍ଡଳୀର ଶତାଧିକ ଅନ୍ୟ ଦଳର ତୁଙ୍ଗ ନେତା ଓ କର୍ମୀ ଏବଂ ନୂତନ ଭାବରେ ରାଜନୀତିରେ ପାଦ ଥାପିଥିବା କାର୍ଯ୍ୟକର୍ତ୍ତା ଭାରତୀୟ ଜନତା ପାର୍ଟିର ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ପଦ୍ମ ଧରିଛନ୍ତି। ଏହି ମିଶ୍ରଣ ପର୍ବରେ ଯୋଗ ଦେବା ଅବସରରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି କେନ୍ଦ୍ର ଓ ରାଜ୍ୟରେ ଭାରତୀୟ ଜନତା ପାର୍ଟିର ସରକାର ସୁଶାସନ ଓ ଅନେକ ଉପଲବ୍ଧି ହାସଲ କରିଛି। କେନ୍ଦ୍ରରେ ଭାରତୀୟ ଜନତା ପାର୍ଟିର ସରକାର ସଫଳତାପୂର୍ବକ ୧୨ ବର୍ଷ ପୂରଣ କରିଥିବା ବେଳେ ଓଡ଼ିଶାରେ ବିଜେପିର ସରକାର ଦୁଇ ବର୍ଷ ପୂରଣ କରିଛି। ଏହି ସଫଳତା ସମସ୍ତଙ୍କୁ ଅନୁପ୍ରାଣିତ କରିବା ସହ ଆମ ଦଳର ଆଦର୍ଶ ସମସ୍ତଙ୍କୁ ଏହି ଦଳ ଆଡ଼କୁ ଟାଣିଛି। ଭାରତୀୟ ଜନତା ପାର୍ଟିରେ କାର୍ଯ୍ୟକର୍ତ୍ତାଙ୍କୁ ନିର୍ମାଣ କରାଯାଏ। ଲୋକଙ୍କ ସେବକ ଭାବରେ ଲୋକଙ୍କ ସେବା ସହିତ ଦେଶ ସେବାରେ ନିୟୋଜିତ ହେବାକୁ ପଡ଼େ। ଶୃଙ୍ଖଳା ଓ ଆଦର୍ଶକୁ ପାଥେୟ କରି ସମସ୍ତେ ଆଗକୁ ବଢ଼ନ୍ତି; ଏଠି ସମସ୍ତେ କର୍ମୀ, କେହି ବଡ଼ ନେତା ନୁହନ୍ତି। ଏହି ନୀତି ଓ ଆଦର୍ଶ ସବୁଠୁ ନିଆରା, ଯାହା ଅନ୍ୟ କୌଣସି ଦଳରେ ଦେଖିବାକୁ ମିଳେ ନାହିଁ। ବିଜେପିର ଚିନ୍ତାଧାରାକୁ ଭଲପାଇ ଆମ ଦଳକୁ ଆସିଥିବା ସମସ୍ତଙ୍କୁ ମୁଁ ହାର୍ଦ୍ଦିକ ସ୍ୱାଗତ ଜଣାଉଛି। ଆପଣମାନଙ୍କ ନେତୃତ୍ୱରେ ଆମ ଦଳ ଆଗକୁ ବଢ଼ିବ ଏବଂ ନିର୍ବାଚନ ରଣାଙ୍ଗନରେ ବିଜୟ ସହିତ ଜନତାଙ୍କ ସେବାକୁ ପ୍ରାଧାନ୍ୟ ମିଳିବ।

# ଶାନ୍ତିପୂର୍ଣ୍ଣ ମହରମ୍ ପାଳନ ପାଇଁ ଡିଜିପିଙ୍କ ସମୀକ୍ଷା ବୈଠକ ଅନୁଷ୍ଠିତ

ଭୁବନେଶ୍ୱର, ୨୫ ଜୁନ୍ (ହି.ସ)- ଆସନ୍ତା ଜୁନ ୨୬ ତାରିଖରେ ପବିତ୍ର ମହରମ ପର୍ବକୁ ସାରା ରାଜ୍ୟରେ ଶାନ୍ତିପୂର୍ଣ୍ଣ, ଶୃଙ୍ଖଳିତ ଏବଂ ଭାଇଚାରାର ପରିବେଶ ମଧ୍ୟରେ ପାଳନ କରିବା ନିମନ୍ତେ ରାଜ୍ୟ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଗୁରୁବାର ପୂର୍ବାହ୍ନରେ ଏହି ପରିପ୍ରେକ୍ଷୀରେ ରାଜ୍ୟ ପୋଲିସ ମୁଖ୍ୟାଳୟଠାରେ ଆଭାସୀ ମାଧ୍ୟମରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ମହରମ ସମୟରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ସୁଦୃଢ଼ ରଖିବା ପାଇଁ ଡିଜିପି ସମସ୍ତ ପୋଲିସ ଅଧିକାରୀଙ୍କୁ ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ କରିବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ, ସମସ୍ତ ଅଂଚଳରେ ପୋଲିସ ପାଟ୍ରୋଲିଂକୁ ଜୋରଦାର କରିବା ସହ ଆବଶ୍ୟକ ସ୍ଥଳେ ଅତିରିକ୍ତ ପୋଲିସ ଫୋର୍ସ ମୁତୟନ ଓ ସେମାନଙ୍କ ସଠିକ୍ ବ୍ରିଫିଂ ଉପରେ ଗୁରୁତ୍ୱ ଦେଇଛନ୍ତି। ରାଜ୍ୟର ଚିହ୍ନଟ ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ସ୍ୱତନ୍ତ୍ର ସୁରକ୍ଷା ପ୍ଲାନ ସହ ଅତିରିକ୍ତ ସତର୍କତା ଅବଲମ୍ବନ କରିବା ସହ ବିଗତ ବର୍ଷ ମାନଙ୍କରେ ଘଟିଥିବା ବିଭିନ୍ନ ଛୋଟବଡ଼ ଘଟଣାର ସମୀକ୍ଷା କରାଯାଇ ସେହିସବୁ ସ୍ଥାନଗୁଡ଼ିକ ପ୍ରତି ଅଧିକ ଯତ୍ନବାନ ରହିବାକୁ କୁହାଯାଇଛି। ସୋସିଆଲ ମିଡିଆରେ ଗୁଜବ ଓ ଉତେଜନାମୂଳକ ପୋଷ୍ଟ ପ୍ରସାରଣକୁ ରୋକିବା ପାଇଁ ୨୪ ଘଂଟିଆ ସାଇବର ପାଟ୍ରୋଲିଂ କରାଯିବା ସହ ଅପରାଧୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଡିଜିପି କହିଛନ୍ତି। ଏହାବ୍ୟତୀତ, ସ୍ଥାନୀୟ ଅଂଚଳର ଶାନ୍ତି କମିଟି ଓ ବିଭିନ୍ନ ଗୋଷ୍ଠୀର ମୁଖ୍ୟମାନଙ୍କ ସହ ସମନ୍ୱୟ ବୈଠକ ଆୟୋଜନ କରି ପାରସ୍ପରିକ ସହଯୋଗ ମାଧ୍ୟମରେ ପର୍ବକୁ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ଯେକୌଣସି ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ସଦାସର୍ବଦା ପ୍ରସ୍ତୁତ ରହିବା ସହ ସ୍ଥାନୀୟ ପ୍ରଶାସନ ଓ ଜନସାଧାରଣଙ୍କ ସହ ସୁସମ୍ପର୍କ ବଜାୟ ରଖିବାକୁ ଡିଜିପି ଶ୍ରୀ ଖୁରାନିଆ ସମସ୍ତ ଜିଲ୍ଲା ଏସପିଙ୍କୁ ପରାମର୍ଶ ଦେଇଛନ୍ତି।

# ଓଡ଼ିଶା ସୂଚନା ସେବାର ୩ ଜଣ ବରିଷ୍ଠ ଅଧିକାରୀଙ୍କୁ ପଦନ୍ନୋତି

ଭୁବନେଶ୍ୱର, ୨୫ ଜୁନ୍ (ହି.ସ)- ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗର ପଦୋନ୍ନତି ପ୍ରକ୍ରିୟାରେ ଓଡ଼ିଶା ସୂଚନା ସେବାକ୍ୟାଡରର ୩ ଜଣ ବରିଷ୍ଠ ଉପ-ନିର୍ଦ୍ଦେଶକଙ୍କୁ ଯୁଗ୍ମ-ନିର୍ଦ୍ଦେଶକ ପଦବୀକୁ ପଦୋନ୍ନତି ମିଳିଛି । ରାଜ୍ୟପାଳଙ୍କ ନିର୍ଦ୍ଦେଶକ୍ରମେ ବିଭାଗ ପକ୍ଷରୁ ଏହି ବିଜ୍ଞପ୍ତି ପ୍ରକାଶ ପାଇଛି । ଜୟଦେବ ଭବନସ୍ଥିତ ରାଜ୍ୟ ସୂଚନା କେନ୍ଦ୍ରର ଉପ-ନିର୍ଦ୍ଦେଶିକା ପଦବୀରେ ଥିବା ଶ୍ରୀମତୀ ଦୀପ୍ତିମୟୀ ମହାପାତ୍ରଙ୍କୁ ରାଜ୍ୟ ମୁଖ୍ୟ ଦପ୍ତରର ଯୁଗ୍ମ-ନିର୍ଦ୍ଦେଶିକା ଭାବେ ପଦନ୍ନୋତି ଦିଆଯାଇଛି ଏବଂ ସେ ଜୟଦେବ ଭବନ ରାଜ୍ୟ ସୂଚନା କେନ୍ଦ୍ରର ଉପ-ନିର୍ଦ୍ଦେଶିକା ଦାୟିତ୍ୱ ମଧ୍ୟ ଅତିରିକ୍ତ ଭାବେ ତୁଲାଇବେ । ସେହିପରି ବିଭାଗର ସମ୍ବଲପୁରସ୍ଥିତଉପ ନିର୍ଦ୍ଦେଶକ କାର୍ଯ୍ୟାଳୟ (ଉତରାଂଚଳ ଡିଭିଜନ)ର ଉପ-ନିର୍ଦ୍ଦେଶିକା ଭାବେ କାର୍ଯ୍ୟରତ ଶ୍ରୀମତୀ କଲ୍ୟାଣୀ ଦାଶଙ୍କୁ ରାଜ୍ୟ ମୁଖ୍ୟ ଦପ୍ତରର ଯୁଗ୍ମ-ନିର୍ଦ୍ଦେଶିକା ପଦବୀକୁ ପଦୋନ୍ନତି ଦିଆଯାଇଛି । ସେ ମଧ୍ୟ ଉତରାଂଚଳ ଉପ ନିର୍ଦ୍ଦେଶିକା ଭାବେ ଅତିରିକ୍ତ ଦାୟିତ୍ୱ ନିର୍ବାହ କରିବେ। ରାଜ୍ୟ ମୁଖ୍ୟ ଦପ୍ତରର ଉପ-ନିର୍ଦ୍ଦେଶକ (କ୍ଷେତ୍ର-୧) ଭାବେ କାର୍ଯ୍ୟରତ ଶ୍ରୀମତୀ ସୁଚେତା ପ୍ରିୟଦର୍ଶିନୀଙ୍କୁ ରାଜ୍ୟ ମୁଖ୍ୟ ଦପ୍ତରର ଯୁଗ୍ମ-ନିର୍ଦ୍ଦେଶିକା ( କ୍ଷେତ୍ର) ଭାବେ ପଦନ୍ନୋତି ପ୍ରଦାନ କରାଯାଇଛି । ଓଡ଼ିଶା ସୂଚନା ସେବା ସଂଘର ସଦସ୍ୟ ସଦସ୍ୟାମାନେ ପଦନ୍ନୋତି ପାଇଥିବା ସମସ୍ତ ତିନିଜଣ ଯୁଗ୍ମ-ନିର୍ଦ୍ଦେଶିକାଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି । ଏହା ସହିତ ସୂଚନା ଓ ଲୋକସମ୍ପର୍କ ବିଭାଗର ବରିଷ୍ଠ ଅଧିକାରୀ, ଉପ ବିଭାଗୀୟ ଅଧିକାରୀ, କର୍ମଚାରୀ ଏବଂ ସହକର୍ମୀମାନେ ନୂତନ ଯୁଗ୍ମ-ନିର୍ଦ୍ଦେଶିକାମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଉତରୋତର ସଫଳତା କାମନା କରିଛନ୍ତି । ସେମାନଙ୍କର ଏହି ପଦୋନ୍ନତି ବିଭାଗର କାର୍ଯ୍ୟଧାରାକୁ ଆହୁରି ସୁଦୃଢ଼ ଓ ଗତିଶୀଳ କରିବ ବୋଲି ସଂଘ ଆଶା ପ୍ରକାଶ କରିଛି ।

# ଏମରଜେନ୍ସି ଥିଲା ସମ୍ବିଧାନକୁ କ୍ଷୁର୍ଣ୍ଣ କରିବାର କଳା ଅଧ୍ୟାୟ : ଧର୍ମେନ୍ଦ୍ର ପ୍ରଧାନ

ଚଣ୍ଡୀଗଡ଼/ ଭୁବନେଶ୍ୱର, ୨୫ ଜୁନ୍ (ହି.ସ)- ‘ଏମରଜେନ୍ସି’ ଥିଲା ସମ୍ବିଧାନକୁ କ୍ଷୁର୍ଣ୍ଣ କରିବାର କଳା ଅଧ୍ୟାୟ । କେବଳ କ୍ଷମତା ଏବଂ ପରିବାର ମୋହରେ ଅନ୍ଧ ହୋଇ କଂଗ୍ରେସ ସମ୍ବିଧାନକୁ କ୍ଷତିଗ୍ରସ୍ତ କରିବା ସହ ଏବଂ ସମଗ୍ର ଦେଶକୁ ଏକ କାରାଗାରରେ ପରିଣତ କରିଥିଲେ। ବୋଲି ଗୁରୁବାର ଚଣ୍ଡୀଗଡ଼ ଠାରେ ଆୟୋଜିତ ‘ସମ୍ବିଧାନ ହତ୍ୟା ଦିବସ’ କାର୍ଯ୍ୟକ୍ରମରେ ସାମିଲ ହେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

୧୯୭୫ ମସିହା ଜରୁରୀକାଳୀନ ସ୍ଥିତିର ସେହି ଅନ୍ଧକାରମୟ କାଳଖଣ୍ଡକୁ ମନେ ପକାଇବା ସହ କଂଗ୍ରେସର ଏକଛତ୍ରବାଦୀ ମାନସିକତା ଉପରେ ସମାଲୋଚନା କରିଛନ୍ତି ଶ୍ରୀ ପ୍ରଧାନ । ଜରୁରୀକାଳୀନ ପରିସ୍ଥିତିର ୫୧ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଜରୁରୀକାଳୀନ ସମୟରେ ଅମାନୁଷିକ ନିର୍ଯାତନା ସହି ମଧ୍ୟ ଦେଶର ଗଣତନ୍ତ୍ରକୁ ଜୀବିତ ରଖିବା ପାଇଁ ସଂଗ୍ରାମ କରିଥିବା ଗଣତନ୍ତ୍ରର ପ୍ରହରୀମାନଙ୍କୁ ସମ୍ମାନିତ କରିଥିଲେ । ଗଣମାଧ୍ୟମକୁ ସମ୍ବୋଧିତ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ, ସମ୍ବିଧାନର ମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କରିବା, ନାଗରିକ ଅଧିକାରକୁ ବନ୍ଧକ ରଖିବା ଏବଂ କିଶୋର କୁମାର ଓ ଲତା ମଙ୍ଗେସକରଙ୍କ ଭଳି ମହାନ କଳାକାରମାନଙ୍କ ସ୍ୱର ଉପରେ ପ୍ରତିବନ୍ଧକ ଲଗାଇବାର ନାମ ଥିଲା ‘ଏମରଜେନ୍ସି’। ଏହି ସମ୍ବିଧାନ ବିରୋଧୀ ଲୋକଙ୍କର ନିର୍ବାଚନ ପ୍ରକ୍ରିୟା ଠାରୁ ଆରମ୍ଭ କରି ନ୍ୟାୟପାଳିକା ପର୍ଯ୍ୟନ୍ତ କୌଣସି ସାମ୍ବିଧାନିକ ବ୍ୟବସ୍ଥା ଉପରେ କେବେ ବି ବିଶ୍ୱାସ ନଥିଲା । କେବଳ କ୍ଷମତା ଏବଂ ପରିବାର ମୋହରେ ଅନ୍ଧ ହୋଇ ଏହି ଲୋକମାନେ ସମ୍ବିଧାନକୁ କ୍ଷତିଗ୍ରସ୍ତ କରିଥିଲେ ଏବଂ ସମଗ୍ର ଦେଶକୁ ଏକ କାରାଗାରରେ ପରିଣତ କରି ଆମ ନାଗରିକମାନଙ୍କ ସ୍ୱାଧୀନତା ଉପରେ କୁଠାରଘାତ କରିଥିଲେ ।

କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ‘ଦିନେ ଇଣ୍ଡିଆ ହିଁ ଇନ୍ଦିରା, ଇନ୍ଦିରା ହିଁ ଇଣ୍ଡିଆ’ ଭଳି ମାନସିକତା ସେମାନଙ୍କର ଏକଛତ୍ରବାଦୀ ଚିନ୍ତାଧାରାର ପ୍ରତୀକ ଥିଲା । ବର୍ତ୍ତମାନ ସମୟରେ ରାହୁଲ ଗାନ୍ଧୀଙ୍କ ସମେତ ସମଗ୍ର କଂଗ୍ରେସ ଦଳ ସେହି ସମାନ ଚିନ୍ତାଧାରାକୁ ଆଗକୁ ବଢ଼ାଉଛନ୍ତି। ଶ୍ରୀ ପ୍ରଧାନ ଜୋର୍ ଦେଇ କହିଛନ୍ତି ଯେ ଭାରତ ହେଉଛି ଗଣତନ୍ତ୍ରର ଜନନୀ । ଆଜି ଯେତେବେଳେ ଦେଶ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ‘ବିକଶିତ ଭାରତ ୨୦୪୭ର ସଂକଳ୍ପ ଆଡ଼କୁ ଅଗ୍ରସର ହେଉଛି, ସେତେବେଳେ ଆପାତକାଳ ଭଳି ଘୃଣ୍ୟ ଚିନ୍ତାଧାରାକୁ ପ୍ରତ୍ୟାଖ୍ୟାନ କରିବା ଜରୁରୀ। ଏଥିପାଇଁ ‘ସମ୍ବିଧାନ ହତ୍ୟା ଦିବସ’କୁ ମନେ ରଖିବା ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ଜନସଚେତନତାକୁ ଅଧିକ ସଶକ୍ତ କରିବା ଆବଶ୍ୟକ ବୋଲି ପ୍ରକାଶ କରିଛନ୍ତି ।

ଏହି ଅବସରରେ ସେ ବିଜେପିର ରାଷ୍ଟ୍ରୀୟ ଉପସଭାପତି ଶ୍ରୀ ସୌଦାନ ସିଂହ, ଚଣ୍ଡୀଗଡ଼ ବିଜେପି ରାଜ୍ୟ ସଭାପତି ଶ୍ରୀ ଜେ.ପି. ମଲହୋତ୍ରା, ରାଜ୍ୟସଭା ସାଂସଦ ଶ୍ରୀମତୀ ରେଖା ଶର୍ମା ଏବଂ ଚଣ୍ଡୀଗଡ଼ର ମେୟର ଶ୍ରୀ ସୌରଭ ଯୋଶୀଙ୍କ ସମେତ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିମାନଙ୍କ ସହ କାର୍ଯ୍ୟକ୍ରମରେ ସହଭାଗୀ ହୋଇଥିଲେ।

## ଜରୁରୀକାଳର କଳା ଅଧ୍ୟାୟକୁ ଦେଶ ଭୁଲିବ ନାହିଁ- ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୫ ଜୁନ (ହି.ସ)- ‘ସଂବିଧାନ ହତ୍ୟା ଦିବସ’ରେ ଗଣତନ୍ତ୍ର ସେନାନୀମାନଙ୍କ ସାହସ ଓ ସଂଘର୍ଷକୁ ମନେ ପକାଇ ଏହି କଳା ଅଧ୍ୟାୟକୁ ଦେଶ କେବେ ଭୁଲିବ ନାହିଁ ବୋଲି କହିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ । ଏନେଇ ସୋସିଆଲ ମିଡିଆ ଏକ୍ସରେ ଏକ ବାର୍ତ୍ତା ସେୟାର କରି ମନ୍ତ୍ରୀ କହିଛନ୍ତି ଯେ, ୧୯୭୫ ମସିହା ଆଜିର ଦିନରେ ତତ୍କାଳୀନ କଂଗ୍ରେସ ସରକାର ନିଜର ସ୍ୱାର୍ଥ ହାସଲ ପାଇଁ ଦେଶରେ ଜରୁରୀକାଳୀନ ପରିସ୍ଥିତି ଲଗାଇ ଭାରତର ସମ୍ବିଧାନର ହତ୍ୟା କରିଥିଲା। ଆଜି ସେହି କଳା ଦିବସକୁ ୫୧ ବର୍ଷ ପୁରିଛି। ଦେଶବାସୀ ଏହି କଳା ଅଧ୍ୟାୟକୁ କେବେବି ଭୁଲିବେ ନାହିଁ।

## ‘ସଂବିଧାନ ହତ୍ୟା ଦିବସ’ରେ ଗଣତନ୍ତ୍ର ସେନାନୀମାନଙ୍କ ସାହସ ଓ ସଂଘର୍ଷକୁ ସ୍ମରଣ କଲେ କେଭି ସିଂହଦେଓ

ଭୁବନେଶ୍ୱର, ୨୫ ଜୁନ (ହି.ସ)- ‘ସଂବିଧାନ ହତ୍ୟା ଦିବସ’ରେ ଗଣତନ୍ତ୍ର ସେନାନୀମାନଙ୍କ ସାହସ ଓ ସଂଘର୍ଷକୁ ସ୍ମୃତିଚାରଣ କରିଛନ୍ତି ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ । ଏନେଇ ସୋସିଆଲ ମିଡିଆ ଏକ୍ସରେ କେଭି ସିଂହଦେଓ କହିଛନ୍ତି ଯେ, ‘ସଂବିଧାନ ହତ୍ୟା ଦିବସ’ ଭାରତୀୟ ଗଣତନ୍ତ୍ରର ସେହି କଳା ଅଧ୍ୟାୟକୁ ସ୍ମରଣ କରାଏ, ଯେତେବେଳେ ୨୫ ଜୁନ ୧୯୭୫ ରେ ଦେଶରେ ଜରୁରୀକାଳ ଲାଗୁ କରାଯାଇ ନାଗରିକ ସ୍ୱାଧୀନତା, ମତ ପ୍ରକାଶର ସ୍ୱାଧୀନତା ଏବଂ ସାଂବିଧାନିକ ଅଧିକାର ଉପରେ ବ୍ୟାପକ କଟକଣା ଲଗାଯାଇଥିଲା। ପ୍ରେସ ଉପରେ ସେନ୍ସରଶିପ୍, ରାଜନୈତିକ ବିରୋଧୀମାନଙ୍କ ଗିରଫ ଏବଂ ଗଣତାନ୍ତ୍ରିକ ସଂସ୍ଥାଗୁଡ଼ିକ ଉପରେ ନିୟନ୍ତ୍ରଣ ସଂବିଧାନର ମୂଳ ଭାବନାକୁ ଗଭୀର ଆଘାତ ପହଞ୍ଚାଇଥିଲା। ଏହି ଦିବସ ସେହି ଗଣତନ୍ତ୍ର ସେନାନୀମାନଙ୍କ ସାହସ ଓ ସଂଘର୍ଷକୁ ସ୍ମରଣ କରିବାର ଏକ ସୁଯୋଗ, ଯେଉଁମାନେ ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ଗଣତାନ୍ତ୍ରିକ ମୂଲ୍ୟବୋଧ ଏବଂ ନାଗରିକ ଅଧିକାରର ସୁରକ୍ଷା ପାଇଁ ନିଜ ସ୍ୱରକୁ ଉଚ୍ଚ କରିଥିଲେ। ସେମାନଙ୍କର ତ୍ୟାଗ ଆମକୁ ସଂବିଧାନର ଗରିମା, ସ୍ୱାଧୀନତା ଏବଂ ଗଣତନ୍ତ୍ରର ସୁରକ୍ଷା ପ୍ରତି ସଦା ସଚେତନ ଓ ପ୍ରତିବଦ୍ଧ ରହିବାକୁ ପ୍ରେରଣା ଦେଇଥାଏ। ଆଜି ‘ସଂବିଧାନ ହତ୍ୟା ଦିବସ’ ଅବସରରେ ସେହି ସମସ୍ତ ଗଣତନ୍ତ୍ର ରକ୍ଷକଙ୍କୁ ଶ୍ରଦ୍ଧାପୂର୍ବକ ନମନ।


## ଇଲେକ୍ଟ୍ରି ପୋଲ ଚୋରି କରିବା ଘଟଣାରେ ଦୁର୍ବୃତ୍ତଙ୍କ ଗୋଦାମ ଘର ଭାଙ୍ଗିଲା ପୋଲିସ

ଭୁବନେଶ୍ୱର, ୨୫ ଜୁନ (ହି.ସ)- ରାଜଧାନୀରେ ସ୍ମାର୍ଟ ସିଟି ଇଲେକ୍ଟ୍ରି ପୋଲ ଚୋରି କରିବା ଘଟଣାର ଦୁର୍ବୃତ୍ତଙ୍କ ଗୋଦାମ ଘର ଭାଙ୍ଗିଲା ପୋଲିସ ଓ ଖରାବେଳ ଥାନା ଅଧୀନରେ ସେକ ଯାଇବୁର ଓ ସେକ୍ ହମିଦ ଦୀର୍ଘ ବର୍ଷ ଧରି ରହି ରାଜଧାନୀର ବିଭିନ୍ନ ଷ୍ଟ୍ରିଟ ଲାଇଟ ଚୋରି କରି ପୋଲିସର ମୁଣ୍ଡ ବିନ୍ଧା କାରଣ ସାଜିଥିଲେ ଓ ଜନପଥରେ ବିଏମସି ତରଫରୁ ଲାଗିଥିବା ଲକ୍ଷାଧିକ ଟଙ୍କାର ସ୍ମାର୍ଟ ସିଟି ଇଲେକ୍ଟ୍ରି ପୋଲକୁ ଖୋଲିକି ବିକ୍ରି କରିବା ଅଭିଯୋଗରେ ପୂର୍ବରୁ ଗିରଫ ହୋଇଥିଲା । ସେକ ଯାଇବୁର ଓ କିନ୍ତୁ ସେକ୍ ହମିଦ ଏବେବି ଫେରାର୍ ରହିଛି ।



# ସକାଳେ ଆଖି ଖୋଲିବା ବେଳକୁ ଗଳା ଶୁଖୁଛି କି ?

ନାରାୟଣ ଚନ୍ଦ୍ର ବିଶ୍ୱାଳ




ବର୍ଷା ଟିକେ ଟିକେ ହେଉଛି, ଖରା ଗଡ଼ିଲା ପରେ କେଉଁଠି ଅଚାନକ ବର୍ଷା ତ କାଳବୈଶାଖୀ । ଦିନରେ ଖରା ଭିତରେ ବେଳେ ବେଳେ ଧୂଳିଝଡ଼ ସହର ପରିବେଶକୁ ଏକ ପ୍ରକାର ବିଷଗଦା ଭିତରକୁ ଠେଲି ଦେଉଛି । ବର୍ତ୍ତମାନ କହିବାକୁଗଲେ ଯଦିଓ ବର୍ଷାଋତୁ କିନ୍ତୁ ସେପରି ବର୍ଷା ହୋଇନାହିଁ । ବର୍ଷାଋତୁଟି ଅନେକଙ୍କ ପାଇଁ ସୁଖଦ, କେତେକଙ୍କ ପାଇଁ ଦୁଃଖଦ ଅନୁଭୂତି ଆଣିଥାଏ । ଖରାଦିନର କର୍ଣ୍ଣ-ନାସା-ଗଳା କ୍ଷେତ୍ରକୁ ଦେଖିଲେ ଅନେକ ସମସ୍ୟା ତ ରହିଥାଏ । ତେବେ ବର୍ଷା ଦିନ ପାଗରେ ଆର୍ଦ୍ରତା ଥିବା ସତ୍ତ୍ୱେ ଆମ ଭିତରୁ ଅନେକ ଅଛନ୍ତି ଯେଉଁମାନେ ସକାଳେ ଉଠି ଆଖି ଖୋଲିଲା ବେଳକୁ ସେମାନଙ୍କ ଗଳା ଶୁଖିଲା ଶୁଖିଲା ପରି ଲାଗିଥାଏ । କେବଳ ସେତିକି ନୁହେଁ ଅସ୍ୱସ୍ତିକର ଅନୁଭବ କରି ପାଣି ପିଇବାକୁ ମଧ ଇଛା ହେଉଛି । ତେବେ ଏହାକୁ ହାଲକା ଭାବନ୍ତୁ ନାହିଁ । କାରଣ ବିଛଣାରୁ ଉଠିବା ବେଳକୁ ସାମାନ୍ୟ ଠାରୁ ଅଧିକ ଶୁଖିବା କୌଣସି ସମସ୍ୟାର କାରଣ ହୋଇପାରେ । ରାତିରେ ସାତ ଆଠ ଘଣ୍ଟାର ନିଦ ହେବା ପରେ ସକାଳକୁ ପ୍ରତ୍ୟେକ ବ୍ୟକ୍ତିର ଗଳା ଶୁଖିବା ଖୁବ ସାଧାରଣ କଥା । କିନ୍ତୁ ସାମାନ୍ୟ ଠାରୁ ଅଧିକ ହେବା କିମ୍ବା ଲାଳ ନ ଆସିବା ଆଦୌ ସାଧାରଣ ନୁହେଁ । ଗଳା ଶୁଷ୍କ ହେବା ଜିମୋଷ୍ଟେମିଆ ହେବାର କାରଣ ହୋଇପାରେ । ପାଟି ସହିତ ଏହା ଶରୀରର ଅନ୍ୟ କେତେକ ସମସ୍ୟାର ଲକ୍ଷଣ ହୋଇପାରେ ।

ଏହାର ପ୍ରମୁଖ ଲକ୍ଷଣ ଗୁଡ଼ିକ ହେଉଛି ବାରମ୍ବାର ପାଟି ଶୁଖିବା, ଚୋବାଇବା, ଗିଳିବା ବା କଥା କହିବା ସମୟରେ ସମସ୍ୟା ହେବା, ଲଗାତାର ଗଳା ଶୁଖିବା ସହ କାଶ ଲାଗି ରହିବା, ପାଟିରୁ ଦୁର୍ଗନ୍ଧ ବାହାରିବା, ଓଠ ଫାଟିବା କିମ୍ବା ପାଟି ଭିତରେ ବାରମ୍ବାର ଘାଆ ହେବା ଇତ୍ୟାଦି । ସେହିପରି ଏହାର ବଡ଼ କାରଣ ହେଉଛି ଡିହାଇଡ୍ରେସନ । ଅନେକ ଭାବନ୍ତି ବର୍ଷାଦିନ ହୋଇଥିବାରୁ କମ ପରିମାଣର ପାଣି ପିଇଲେ ଚଳିବ ଏହା କିନ୍ତୁ ଠିକ ନୁହେଁ, ଆପଣ ନିଜର ଖାଦ୍ୟକୁ ଦେଖି ନିର୍ଦ୍ଧାରିତ ପରିମାଣର ପାଣି ମଧ ପିଅନ୍ତୁ । ପାଣିରେ ବିଶୁଦ୍ଧତା ଜରୁରୀ । ରାତିରେ ଶୋଇବା ପୂର୍ବରୁ ପର୍ଯ୍ୟାପ୍ତ ମାତ୍ରାରେ ପାଣି ନ ପିଇବା ଦ୍ୱାରା କମ ପରିମାଣରେ ଲାଳ ତିଆରି ହୋଇଥାଏ । ଆମ୍ଭମାନଙ୍କ ଭିତରୁ ଅଧିକାଂଶଙ୍କର ବିଚାର ଏହା ଯେ ଶୋଇଲା ବେଳେ ଅଧିକ ପରିମାଣର ପାଣି ପିଇଲେ ରାତିରେ ପରିସ୍ରା କରିବା ପାଇଁ ଉଠିବାକୁ ପଡ଼ିବ ବା ନିଦ ବ୍ୟାଘାତ ଘଟିବ । ଏହା କଳ ଓ ପାଟି ଶୁଷ୍କତାର ସବୁଠୁ ବଡ଼ କାରଣ ।

ଅନେକ ଲୋକଙ୍କର ଏକ ଅଭ୍ୟାସ ରହିଛି ସେମାନେ ଇଛାକୃତ ଭାବେ ପାଟିରେ ନିଶ୍ୱାସ ନେଇଥାନ୍ତି । ଯେଉଁ ଲୋକମାନେ ନାକରେ ନିଶ୍ୱାସ ନେବା ପରିବର୍ତ୍ତେ ପାଟିରେ ନିଶ୍ୱାସ ନେଇଥାନ୍ତି, ସେମାନଙ୍କ ଠାରେ ଗଳା ଶୁଷ୍କତା ଅଧିକ ଦେଖିବାକୁ ମିଳିଥାଏ । ସେହିପରି କେତେକ ଔଷଧ ରହିଛି, ଯାହାକୁ ଖାଇବା ଦ୍ୱାରା ପାଟିର ଶୁଷ୍କତା ବଢ଼ିଥାଏ । ଏହା ବ୍ୟତୀତ ମଧୁମେହ ଏବଂ ଅଟୋ ଇନ୍ୟୁନ ରୋଗର କାରଣରୁ ରାତିରେ ପାଟି ଓ ଗଳା ଶୁଖିଶୁଖି ଯାଏ । ଏତଦ୍ ବ୍ୟତୀତ ବୟସ ବଢ଼ିବା ସହ ରାତିରେ ଲାଳର ମାତ୍ରା କମିଯାଏ ତେଣୁ ବୟସ୍କ ଲୋକଙ୍କ ଠାରେ ଗଳା ଶୁଷ୍କତା ବଢ଼ିଯାଏ । ସେହିପରି ଆଉ ଗୋଟିଏ ବଡ଼ ଗମ୍ଭୀର ସମସ୍ୟା ହେଉଛି ସ୍ଲିପ ଆପ୍ନିଆ । ଶୋଇବା ସମୟରେ ନିଶ୍ୱାସ ସହିତ ଜଡ଼ିତ ସମସ୍ୟା ଯେପରିକି ଘୁଙ୍ଗୁଡ଼ି ମାରିବା କିମ୍ବା ସ୍ଲିପ ଆପ୍ନିଆପରି ସମସ୍ୟା ରହିଥିଲେ ମଧ ଗଳା ଶୁଷ୍କ ହୋଇଯାଏ । ସେହିପରି ଅନ୍ୟାନ୍ୟ ସମସ୍ୟା ଗୁଡ଼ିକ ମଧ ସମ୍ମୁଖୀନ ହେବାକୁ ପଡ଼ିଥାଏ । ଏହାର କାରଣରୁ ଦାନ୍ତ ଦୁର୍ବଳ ହୋଇ ଭାଙ୍ଗିଥାଏ, ମାଡ଼ି ଜନିତ ସମସ୍ୟା ବଢ଼େ ଏବଂ ପରିଣାମ ସ୍ୱରୂପ ପାଟିରେ ତୁଣ୍ଡଘା ହୋଇଥାଏ । ପାଟିର ସ୍ୱାଦ ବଦଳିବା ସହ ଖାଦ୍ୟ ଠିକ ଭାବେ ହଜମ ନ ହେବା ପରି ସମସ୍ୟା ଉପୁଜି ଥାଏ ।

ଏହି ସମସ୍ୟାରୁ ନିସ୍ତାର ପାଇବା ପାଇଁ ଦିନ ତମାମ ଶରୀର ଅନୁଯାୟୀ ପର୍ଯ୍ୟାପ୍ତ ପରିମାଣର ପାଣି ପିଇବା ସହ ରାତିରେ ନିଜ ପାଖରେ ପିଇବା ପାଣିର ବ୍ୟବସ୍ଥା କରନ୍ତୁ । ଚା’, କଫି ଓ ଆଲକହଲ, ଯେଉଁ ଜିନିଷ ଗୁଡ଼ିକ ଶାରୀରିକ ଉତ୍ତାପ ତୀବ୍ର ଭାବେ ବଢ଼ାଇଥାଏ ଏଥିରୁ ଦୂରେଇ ରୁହନ୍ତୁ କାରଣ ଏହାକୁ ପିଇବା ଦ୍ୱାରା ଜଳ ଶୁଷ୍କତା ବଢ଼ିଥାଏ । ଏହାକୁ ହାଲକା ବା ମାମୁଲି ଭାବନ୍ତୁ ନାହିଁ । କାରଣ ଲଗାତାର ଭାବେ ଏହି ଅଭ୍ୟାସଟି ରହିଲେ ସ୍ୱାସ୍ଥ୍ୟ ଉପରେ ଗୁରୁତର ପ୍ରଭାବ ପକାଇଥାଏ ଏବଂ ଶରୀରର ବିଶେଷକରି କର୍ଣ୍ଣ-ନାସା-ଗଳାକୁ ପ୍ରଭାବିତ କରି ଅନ୍ୟ ସ୍ୱାସ୍ଥ୍ୟ ଜଟିଳତା ସୃଷ୍ଟି କରିବାର ସମ୍ଭାବନା ରହିଛି । ତେବେ ଏହି ସମସ୍ୟାକୁ ସେପରି କୌଣସି ଗମ୍ଭୀର ସମସ୍ୟା ଭାବେ ଗ୍ରହଣ କରନ୍ତୁ ନାହିଁ । ଯଦି କୌଣସି କାରଣରୁ ଗଳା ଶୁଖିଯାଉଥାଏ ତେବେ ଇଏନଟି ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ ।

+ ବାକ୍ ଶ୍ରବଣ ବିଶେଷଜ୍ଞ,
‘ଧ୍ୱନୀ’ କାଠଗୋଲା ରୋଡ଼,
ମଙ୍ଗଳାବାଗ, କଟକ,
(ମୋ) ୯୪୩୮୨୭୬୭୬୦

# ଖାଦ୍ୟ ପ୍ରତି ସତର୍କତା



♦ ଖାଦ୍ୟ ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି ଯେ ଅଧିକ ଲୁଣି ଖାଦ୍ୟ ଖାଇବା ସ୍ୱାସ୍ଥ୍ୟ ପାଇଁ ହାନିକାରକ । ତେବେ କେବଳ ଲୁଣ ନୁହେଁ, ଅନ୍ୟ ଖାଦ୍ୟ ମଧ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଇଥାଏ ।

♦ ଚିନି ଖାଇବା ଉପରେ ନିୟନ୍ତ୍ରଣ କରନ୍ତୁ । ଅଧିକ ପରିମାଣର ଚିନି ଖାଇଲେ ଚିଡ଼ଚିଡ଼ା ଲାଗିବା, ବିରକ୍ତି ଲାଗିବା, ମୋଟାପଣ, ଶ୍ୱାସ ବଢ଼ିବାର ଆଶଙ୍କା ରହିଛି ।

♦ ଲୁଣରେ ସୋଡ଼ିୟମ ମାତ୍ରା ଅଧିକ ଥିବାରୁ ତାହା ରକ୍ତଚାପ, ହୃଦଘାତ ଓ କର୍କଟର ଆଶଙ୍କା ବଢ଼ାଇଥାଏ । ବଜାରରେ ମିଳୁଥିବା ଲୁଣିଆ ଚିପ୍ସଠାରୁ ଯଥା ସମ୍ଭବ ଦୂରେଇ ରହନ୍ତୁ ।

♦ ମଇଦାରେ ଫାଇବର ଆଦୌ ନାହିଁ । ମଇଦାଜାତୀୟ ଖାଦ୍ୟ ଖାଇଲେ ତାହା ସହଜରେ ହଜମ ହୋଇନଥାଏ ଏଥିରେ ଥିବା ବ୍ଲିଚିଙ୍ଗ ତତ୍ତ୍ୱ କାରଣରୁ ହୃଦଘାତର ଆଶଙ୍କା ବଢ଼େ ।

♦ ମୃଦୁ ପାନୀୟରେ ଥିବା କାର୍ବୋହାଇଡ୍ରେଟ୍ ଓ ଅନ୍ୟାନ୍ୟ ତତ୍ତ୍ୱ ସ୍ମୃତି ଶକ୍ତି ହ୍ରାସ କରେ ।

# ରକ୍ତହୀନତା ଦୂର ସାଙ୍ଗକୁ କୋଷ୍ଠକାଠିନ୍ୟ ଦୂର କରିଥାଏ ପୋଟଳ

ପୋଟଳ ଏକ ଭଲ ପରିବା, ଯାହାକି ସ୍ୱାସ୍ଥ୍ୟ ଲାଗି ଅତ୍ୟନ୍ତ ଲାଭପ୍ରଦ । ତେବେ ପୋଟଳରେ ଭିଟାମିନ୍ ଏ, ବି ୱାନ୍, ବି ଟୁ ଏବଂ ଭିଟାମିନ୍ ସି ଆଦି ବହୁଳ ମାତ୍ରାରେ ରହିଥିବା କାରଣରୁ ଏହା ଆମ ଶରୀରରେ ରୋଗ ପ୍ରତିରୋଧକ କ୍ଷମତାକୁ ବଢାଇ ରୋଗ ଦାଉରୁ ଲଢିବାରେ ସାହାଯ୍ୟ କରିଥାଏ । ଏତଦ୍‌ବ୍ୟତୀତ ପୋଟଳ ଆମର କି କି ଉପକାର କରିଥାଏ ଆସନ୍ତୁ ଜାଣିବା ...

୧-ପୋଟଳ ଖାଇଲେ ଆମ ଶରୀରର ହାଡ଼ ସୁସ୍ଥ ରହିବା ସହିତ କଫଜନିତ ସମସ୍ୟାକୁ ମଧ ଦୂର ହୋଇଥାଏ ।

୨-ରକ୍ତ ସଫା କରିବାରେ ବି ବେଶ୍ ସହାୟକ ହୋଇଥାଏ ପୋଟଳ ।

୩-ତେବେ ପୋଟଳରେ ଫାଇବରର ମାତ୍ରା ଅତ୍ୟଧିକ ରହିଥିବା ଯୋଗୁଁ , ଏହା ଆମ ହଜମ କ୍ରିୟାରେ ସହାୟକ ହେବା ସାଂଗକୁ ଗ୍ୟାସ୍ ଜନିତ ସମସ୍ୟାକୁ ମଧ ଦୂର କରିଥାଏ ।

# ଆଇଫିଲ୍ ଟାୱାର



*୩୨୪ ମିଟର ଉଚ୍ଚତା ବିଶିଷ୍ଟ ପ୍ୟାରିସରେ ଅବସ୍ଥିତ ଆଇଫିଲ୍ ଟାୱାର । ଯାହା ସାରା ବିଶ୍ୱ ପ୍ରସିଦ୍ଧ । ଏହି ଆଇଫିଲ୍ ଟାୱାରକୁ ଭ୍ରମଣ କରିବା ପାଇଁ ବହୁ ଦୂରଦୂରରୁ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳିଥାଏ । ପ୍ରାୟ ସମସ୍ତଙ୍କ ଭ୍ରମଣ ତାଲିକାରେ ଏହି ପ୍ୟାରିସର ଟାୱାର ଜଡ଼ିତ ଥାଏ । ତେବେ ଭ୍ରମଣ ପୂର୍ବରୁ ଆସନ୍ତୁ ଏହି ଟାୱାର ସମ୍ପର୍କରେ କେତେକ ତଥ୍ୟ ଜାଣିବା ।*

♦ ଏହି ଟାୱାର ଅଗ୍ରଭାଗରେ ଗୋଟିଏ ଆପର୍ଟମେଣ୍ଟ ରହିଛି ।

♦ ଏହା ତଳ ଠାରୁ ଆରମ୍ଭକରି ଅଗ୍ରଭାଗ ପର୍ଯ୍ୟନ୍ତ ଏକ ସ୍ପାଇରାଲ ଶିଡ଼ି ରହିଛି । ଯାହାକୁ କେହି ବ୍ୟବହାର କରିନଥାନ୍ତି ।


♦ ଇଞ୍ଜିନିୟର ଗଷ୍ଟାଭି ଆଇଫିଲ୍ ନାମକୁ ନେଇ ଏହି ଟାୱାରଟିକୁ ନାମିତ କରାଯାଇଛି ।

♦ ଆଇଫିଲ ଟାୱାର ତଳେ ଆପଣ ଏକ ଇଂଲିସ୍ ବଗିଚା ଦେଖିବାକୁ ପାଇବେ ।

♦ ଆଇଫିଲ୍ ପୋଷ୍ଟ ଅଫିସ୍ ।

# ସ୍ମୃତିଶକ୍ତି ଓ ନିଦର ନିବିଡ଼ତା

ଆନ୍ତଜାତୀୟ ନ୍ୟୁରୋସାଇକୋଲାଜିକାଲ ସୋସାଇଟିର ଗବେଷକ ଦଳଙ୍କ ଅନୁସନ୍ଧାନ ଅନୁସାରେ ପ୍ରତ୍ୟେକ ବର୍ଗ ଓ ବୟସର ଲୋକ ଦୈନିକ ୭-୮ ଘଣ୍ଟା ଶୋଇବା ନିତାନ୍ତ ଜରୁରୀ । ଭଲଭାବେ ନିଦ ନ ହେଲେ ତହିଁ ଆରଦିନ ଆମ କାର୍ଯ୍ୟଶୈଳୀ ଉପରେ ଏହାର କୁପ୍ରଭଭାବ ପଡ଼ିଥାଏ । ଏହା ସହ ଆମ ସ୍ମୃତିଶକ୍ତି ମଧ ଦୁର୍ବଳ ହୋଇଥାଏ ବୋଲି ପରୀକ୍ଷାରୁ ପ୍ରମାଣିତ ହୋଇଛି । ଅନିଦ୍ରା ରହିଲେ ବିଭିନ୍ନ ଶାରୀରିକ ସମସ୍ୟା ଉପୁଜେ । ଏହା କାରଣରୁ ଅବସାଦ ଭାବ ସହ ଚିଡ଼ଚିଡ଼ା ମଧ ଲାଗେ । ଭଲ ଭାବେ ଶେଶଇଲେ ମାନସିକ ସ୍ଥିତି ଠିକ୍ ରହିବା ସହ ଶଯ୍ୟା ତ୍ୟାଗ ପରେ ଜଣେ ବ୍ୟକ୍ତି ସୁସ୍ଥ ଅନୁଭବ କରିଥାଏ । ବୋଲି ଗବେଷଣାରୁ ପ୍ରମାଣିତ ।




# ସ୍ୱାସ୍ଥ୍ୟ ପାଇଁ ହାନିକାରକ ତମାଖୁ



ତମାଖୁ ସ୍ୱାସ୍ଥ୍ୟ ପାଇଁ ହାନିକାରକ । ଏକ ସ୍ୱଚ୍ଛ ଅକ୍ଷରରେ ତମାଖୁର ପ୍ୟାକେଟ୍ ଉପରେ ଲେଖା ହେବା ପରେ ମଧ କୌଣସି ଲୋକ ଏହାର ପର୍ଦ୍ଧି ଗଭୀରତାର ସହ ନେଉ ନାହାଁନ୍ତି । ଯଦି ଆପଣଙ୍କର ଏହା ନିଶା ହୋଇଥାଏ ତେବେ ଆପଣ ଆପଣଙ୍କ ଜୀବନକୁ ନିଜ ହାତରେ ନଷ୍ଟ କରୁଛନ୍ତି । ଏହା ନା କେବଳ ବ୍ୟକ୍ତିର ସ୍ୱାସ୍ଥ୍ୟ ଖରାପ କରେ ତାର ମସ୍ତିଷ୍କକୁ ମଧ ପ୍ରଭାବିତ କରେ । ତମାଖୁରେ ଲକ୍ଷ୍ୟାଧିକ ଲୋକ କେତେକ ଗମ୍ଭୀର ରୋଗରେ ଆକ୍ରାନ୍ତ ହୋଇ ଯାଉଛନ୍ତି । ଏଥିପାଇଁ ପୂରା ଦୁନିଆରେ ବହୁତ ଅଭିଯାନ ମଧ କରାଯାଉଛି । ଏମିତି ଯେ ତମାଖୁ ଯୋଗୁଁ ପୁରୁଷ ଅପେକ୍ଷା ମହିଳାମାନେ ବେଶୀ ପ୍ରଭାବିତ । ଆମେରିକାର ଏକ ଗବେଷଣାରୁ ଜଣାପଡ଼ିଛି ଯେ ଆମେରିକାର ମହିଳାମାନେ ପାକସ୍ଥଳୀ କର୍କଟ ରୋଗରେ ବେଶୀ ଆକ୍ରାନ୍ତ ହେଉଛନ୍ତି । କିଛି ବର୍ଷ; ପୂର୍ବରୁ ଏହି ରୋଗ ପୁରୁଷମାନଙ୍କ ମଧରେ ଅଧିକ ଦେଖାଯାଉଥିଲା । ଏହି ଗବେଷଣା ଆମେରିକାନ ସୋସାଇଟି ଓ ରାଷ୍ଟ୍ରୀୟ କ୍ୟାନସର ସଂସ୍ଥା ଦ୍ୱାରା କରାଯାଇଛି । ତମାଖୁରେ କ୍ୟାନସର ଜୀବାଣୁକୁ ଜନ୍ମ ଦେବା ତତ୍ତ୍ୱମାନେ ହେଲେ ନିକୋଟିନ, ନାଇଟ୍ରୋସାମାଇନ୍ସ, ଆର୍ସେନିକ୍ ଓ କୋମିୟମ । ନିକୋଟିନ କ୍ୟାଡ଼ିୟମ ଓ କାର୍ବନମୋଲୋ ଆକ୍ସାଇଡ ସ୍ୱାସ୍ଥ୍ୟ ପାଇଁ ବେଶୀ ହାନିକାରକ ।

# ରକ୍ତଚାପକୁ ନିୟନ୍ତ୍ରଣରେ ରଖେ ଓ ହୃଦ୍‌ରୋଗୀଙ୍କ ପାଇଁ ମହୋଷଧି ଏହି ଫଳ



ଆପଣଙ୍କୁ ନଡ଼ିଆ ଖାଇବାକୁ କେମିତି ଲାଗେ ? ଏହି ଫଳ ଖାଇବାର ଅଭ୍ୟାସ ଅଛି ତ ? ଗୋଟାଏ ଫଳ, ହେଲେ ଏହାକୁ ବିଭିନ୍ନ ପ୍ରକାରର ବ୍ୟବହାର କରିପାରିବେ ଆପଣ । ନଡ଼ିଆ କେବଳ ପାଟିକୁ ସୁଆଦ ଲାଗୁଥିବା ପରି ଏକ ଫଳ ନୁହେଁ ବରଂ ଏଥିରେ ଅନେକ ଭଲ ଗୁଣ ରହିଛି, ଯାହାକି ଶରୀର ପାଇଁ ଖୁବ୍ ଉପକାରୀ । ନଡ଼ିଆରେ ପ୍ରଚୁର ପରିମାଣର ପ୍ରୋଟିନ୍ ରହିଛି । ଭିଟାମିନ୍ ବି ମଧ କିଛି ପରିମାଣରେ ରହିଛି ଏଥିରେ । କେତେକ ଗୁରୁତ୍ୱପୂର୍ଣ୍ଣ ମିନେରାଲ୍ ଥିବା ଏହି ଫଳକୁ ଖାଇବା ଦ୍ୱାରା ଶରୀର ଫୁର୍ତ୍ତି ହୋଇଥାଏ ।

ଏଥିରେ ପ୍ରବଳ ମାତ୍ରାରେ ମ୍ୟାଗ୍ନେସିୟମ୍ ରହିଛି, ଯାହାକି ହାଡ଼କୁ ଶକ୍ତ କରିବାରେ ସହାୟ ହେବ । ଏଥିରେ କପର ଓ ଆଇରନ୍ ମଧ ରହିଛି । ଏଥିରେ ଥିବା ଆଣ୍ଟି ଅକ୍ସିଡାଣ୍ଟ୍ ଆମ ସେଲ୍‌କୁ ସୁରକ୍ଷା ଦେଇଥାଏ । ଏକ ଗବେଷଣାରୁ ଜାଣିବାକୁ ମିଳିଛି ଯେ ହୃଦ୍‌ରୋଗୀମାନଙ୍କ ପାଇଁ ନଡ଼ିଆ ଖାଇବା ବହୁତ ଭଲ ହୋଇଥାଏ । ଏହାକୁ ଖାଇବା ଦ୍ୱାରା ହୃଦ୍‌ଘାତର ସମ୍ଭାବନା କମ୍ ରହିଥାଏ ।

ଏହା ପେଟରେ ଥିବା ଅତିରିକ୍ତ ଚର୍ବିକୁ କମ୍ କରିଥାଏ । ଶରୀରରେ ଜମିଥିବା ଅତିରିକ୍ତ ଚର୍ବି ମଧୁମେହ ଓ ହୃଦ୍‌ରୋଗର କାରଣ ହୋଇଥିବାରୁ ନଡ଼ିଆ ଖାଇବା ଦ୍ୱାରା ଏହି ଦୁଇ ରୋଗକୁ ଦୂରେଇ ଦେଇ ହେବ । ନଡ଼ିଆ ରକ୍ତଚାପକୁ ନିୟନ୍ତ୍ରଣରେ ରଖିବା ସହ ହଜମ ପ୍ରକ୍ରିୟାକୁ ମଧ ତ୍ୱରାନ୍ୱିତ କରିଥାଏ । ଦୈନିକ ଏହାକୁ ଖାଇଲେ ଅନେକ ରୋଗକୁ ଦୂରେଇ ଦେଇ ହେବ ।





# ମେରୁଦଣ୍ଡ ସୁସ୍ଥ ରହିବ

*ମେରୁଦଣ୍ଡ ସଂଲଗ୍ନ ଚଉଡ଼ା ଅସ୍ଥିରେ ଭରାଦେଇ ପଛକୁ ନଇଁବାର ଏକାଧିକ ଉପକାର ମିଳିଥାଏ । ଏହା ତଳପିଠିକୁ ଆରାମ ଦେବା ସହ ନିତମ୍ବ ମାଂସପେଶୀକୁ ଏବଂ ଏହା ସଂଲଗ୍ନ ଅଙ୍ଗଗୁଡ଼ିକୁ ସକ୍ରିୟ କରେ । ଏଭଳି ବ୍ୟାୟାମ ଦ୍ୱାରା ଛାତି, ତଳିପେଟର ଭଲ ଷ୍ଟ୍ରେଚିଂ ହୋଇପାରେ ଏବଂ ବେକ ସହଜ ଭାବେ କାମ କରିପାରେ ।*

**ପ୍ରକ୍ରିୟାଃ-** ଟାଣ ଫୋମ ବା ସ୍ୱଞ୍ଜର ଦୁଇଟି ୮-୪୪ ଇଞ୍ଚ ଇଟା ନିଅନ୍ତୁ ।

ତଳେ ଏକ ଲମ୍ବା ଚଟେଇ କିମ୍ବା ଚାଦର ବିଛାଇ ଚକା ପକାଇ ସଳଖ ଭାବେ ବସିପଡ଼ନ୍ତୁ ।

ଏବେ ପିଠିମାଡି ଶୋଇବା ସହିତ ଗୋଡ଼ ଦୁଇଟି ଆଣ୍ଠୁ ଭାଙ୍ଗି ରଖିବେ । ଗୋଇଠି ନିତମ୍ବ ପାଖରେ ରହୁଥିବା ଜରୁରୀ ।

ପାଦରେ ଚାପ ଦେଇ ନିତମ୍ବକୁ ଧୀରେଧୀରେ ଉଠାନ୍ତୁ ।

ଏହା ସହିତ କାନ୍ଧରେ ତଳେ ଚାପ ଦେଇ ଛାତି ଉପରକୁ ଉଠାଇବେ । ସ୍ୱଞ୍ଜ ଇଟା ନେଇ କଟି ଏବଂ ନିତମ୍ବର ଯୋଡେଇ ସ୍ଥାନରେ ଭରାଦେବା ପରି ରଖିବେ । ଇଟାଟି ଯେପରି କେବଳ ତଳ ପିଠିକୁ ଲାଗୁନଥିବ ।

ଗୋଇଠିକୁ ଧୀରେ ଆଗକୁ ଘୁଞ୍ଚାଇ ଲମ୍ବାଇବାକୁ ଚେଷ୍ଟା କରନ୍ତୁ ।

ଆଣ୍ଠୁ କୁ ଷ୍ଟ୍ରେଚ୍ କରିବା ସହ ଗୋଡ ସିଧା ରଖିବେ ।

ହାତ ଦୁଇଟି ମଧ ମୁଣ୍ଡଉପରେ ନେଇ ସଳଖ ଭାବେ ଭୂମିରେ ଲଗାଇ ରଖିବେ । ତଳପେଟକୁ ଲଗାଇ ନିଶ୍ୱାସ ନେବା ସହିତ ଚାରି ମିନିଟ୍ ଏହି ଅବସ୍ଥାରେ ରହନ୍ତୁ ।

ଧୀରେଧୀରେ ଗୋଡ଼କୁ ଭାଙ୍ଗି ସାମାନ୍ୟ ଅବସ୍ଥାକୁ ଫେରି ଆସିବେ ।

# ନିଜ ଦେଶରେ ଅବିଶ୍ୱାସ, ବିଦେଶରେ କିଏ କରିବ ବିଶ୍ୱାସ ?

ଭାରତୀୟ ପ୍ରଶାସନିକ ବ୍ୟବସ୍ଥା ଏବଂ ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ନିକଟରେ ଏକ ଏପରି ଘଟଣା ସାମ୍ନାକୁ ଆସିଛି, ଯାହା କେବଳ ଆଶ୍ଚର୍ଯ୍ୟଜନକ ନୁହେଁ ବରଂ ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି । କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ (ଏମଇଏ) ନିକଟରେ ସ୍ପଷ୍ଟ କରିଛି ଯେ ଭାରତୀୟ ପାସପୋର୍ଟ କେବଳ ଏକ ଯାତ୍ରା ଦଲିଲ ଏବଂ ଏହାକୁ ନାଗରିକତ୍ୱର ଚୂଡ଼ାନ୍ତ ପ୍ରମାଣ ଭାବରେ ଗ୍ରହଣ କରାଯାଇପାରିବ ନାହିଁ । ଏହି ଗୋଟିଏ ବୟାନ ସମଗ୍ର ଦେଶ ତଥା ଅନ୍ତର୍ଜାତୀୟ ସ୍ତରରେ ଭାରତୀୟ ପାସପୋର୍ଟର ବିଶ୍ୱସନୀୟତା ଉପରେ ଏକ ବଡ଼ ପ୍ରଶ୍ନ ଚିହ୍ନ ଲଗାଇ ଦେଇଛି । ଏକ ସାଧାରଣ ତଥା ଯୁକ୍ତିଯୁକ୍ତ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ, ଯଦି ଭାରତ ସରକାର ନିଜେ ନିଜ ଦେଶର ସର୍ବୋଚ୍ଚ ଯାଞ୍ଚପ୍ରାପ୍ତ ଦଲିଲକୁ ନାଗରିକତ୍ୱର ପ୍ରମାଣ ଭାବରେ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହଁନ୍ତି, ତେବେ ବିଶ୍ୱର ଅନ୍ୟ କୌଣସି ଦେଶ ବା ବିଦେଶୀ ରାଷ୍ଟ୍ର ଏହାକୁ କାହିଁକି ବିଶ୍ୱାସ କରିବେ ? ଏହି ପ୍ରଶ୍ନର ଉତ୍ତର ଖୋଜିବା କେବଳ ପ୍ରଶାସନିକ ଦୃଷ୍ଟିକୋଣରୁ ନୁହେଁ, ବରଂ ଏକ ସାର୍ବଭୌମ ରାଷ୍ଟ୍ରର ନାଗରିକ ଭାବରେ ଆମର ପରିଚୟ ସହ ମଧ୍ୟ ଓତପ୍ରୋତ ଭାବେ ଜଡ଼ିତ । ବିଶ୍ୱର କୌଣସି ପ୍ରାନ୍ତରେ ଏପରି ବ୍ୟବସ୍ଥା ନାହିଁ ଯେଉଁଠି ଗୋଟିଏ ସରକାର ଏକ ପାସପୋର୍ଟ ଇସ୍ୟୁ କରିବ, ସମଗ୍ର ବିଶ୍ୱକୁ ଏହାକୁ ଜାତୀୟତା ଏବଂ ନାଗରିକତ୍ୱର ପ୍ରମାଣ ଭାବରେ ଗ୍ରହଣ କରିବାକୁ ଅନୁରୋଧ କରିବ ଏବଂ ପରେ ନିଜେ ଯୁକ୍ତି କରିବ ଯେ ଏହା କେବଳ ଏକ ଯାତ୍ରା କରିବାର କାଗଜପତ୍ର ମାତ୍ର ।

ଗୋଟିଏ ସାଧାରଣ ଭାରତୀୟ ପାଇଁ ପାସପୋର୍ଟଟିଏ ତିଆରି କରିବା କୌଣସି ସହଜ ପ୍ରକ୍ରିୟା ନୁହେଁ । ଏଥିପାଇଁ ଆବେଦନକାରୀଙ୍କୁ ଅନେକ ସ୍ତରର କଠୋର ଯାଞ୍ଚ ଦେଇ ଗତି କରିବାକୁ ପଡ଼ିଥାଏ । ପରିଚୟ ପତ୍ର, ଠିକଣା ପ୍ରମାଣପତ୍ର, ଜନ୍ମ ପ୍ରମାଣପତ୍ର, ଶିକ୍ଷାଗତ ଯୋଗ୍ୟତା ଆଦି ଦାଖଲ କରିବା ପରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ହେଉଛି ପୋଲିସ ଭେରିଫିକେସନ୍ ବା ପୋଲିସ ଯାଞ୍ଚ । ସ୍ଥାନୀୟ ଥାନା ଅଧିକାରୀ ଆବେଦନକାରୀଙ୍କ ପୂର୍ବ ରେକର୍ଡ, ତାଙ୍କର ନାଗରିକତ୍ୱ ଏବଂ ତାଙ୍କର ବାସସ୍ଥାନର ସତ୍ୟତା ପୁଙ୍ଖାନୁପୁଙ୍ଖ ଅନୁସନ୍ଧାନ କଲା ପରେ ହିଁ ପାସପୋର୍ଟ କାର୍ଯ୍ୟାଳୟ ପକ୍ଷରୁ ପାସପୋର୍ଟ ଇସ୍ୟୁ କରାଯାଇଥାଏ । ଭାରତ ସରକାରଙ୍କ ଅତ୍ୟନ୍ତ ସୁରକ୍ଷିତ ପ୍ରେସରେ ଜାତୀୟ ପ୍ରତୀକ ସହିତ ଏହି ଦଲିଲ ଛପାଯାଏ ଏବଂ ଏହାକୁ ସମଗ୍ର ବିଶ୍ୱ ସମ୍ମୁଖରେ ଜଣେ ଭାରତୀୟ ନାଗରିକର ପରିଚୟ ପତ୍ର ଭାବରେ ଉପସ୍ଥାପନ କରାଯାଏ । ଏତେ ସବୁ କଠୋର ପ୍ରକ୍ରିୟା ଏବଂ ଯାଞ୍ଚ ପରେ ଯେତେବେଳେ ଜଣେ ବ୍ୟକ୍ତି ନିଜର ପାସପୋର୍ଟକୁ ଦେଶ ଭିତରେ ନାଗରିକତ୍ୱର ପ୍ରମାଣ ଭାବରେ ଉପସ୍ଥାପନ କରୁଛି, ସେତେବେଳେ ତାକୁ କୁହାଯାଉଛି ଯେ ଏହା ତୁମର ନାଗରିକତ୍ୱ ପ୍ରମାଣିତ କରେ ନାହିଁ । ଏହାଠାରୁ ବଡ଼ ବିଡ଼ମ୍ବନା ଆଉ କଣ ହୋଇପାରେ ? ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଏହି ଯୁକ୍ତି ଅନୁଯାୟୀ, ସରକାର ପ୍ରକୃତରେ ଏତେ ଦିନ ଧରି କଣ ଯାଞ୍ଚ କରୁଥିଲେ ? ଯଦି ନାଗରିକତ୍ୱ ମୁଖ୍ୟ ବିଷୟ ନୁହେଁ, ତେବେ କଣ କେବଳ ଆନ୍ତର୍ଜାତୀୟ ଯାତ୍ରା ପ୍ରତି ଥିବା ଆଗ୍ରହ କିମ୍ବା ପାସପୋର୍ଟ ଅଫିସରେ ଧାଡ଼ିରେ ଛିଡ଼ା ହେବାର କ୍ଷମତାକୁ ଯାଞ୍ଚ କରାଯାଉଥିଲା କି ? ଏହି ପ୍ରଶ୍ନର ଉତ୍ତର ସରକାରଙ୍କ ପାଖରେ ମଧ୍ୟ ସ୍ପଷ୍ଟ ନାହିଁ ।

ଆଇନଗତ ଦୃଷ୍ଟିକୋଣରୁ ବିଚାର କଲେ ମଧ୍ୟ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଏହି ଯୁକ୍ତି ସମ୍ପୂର୍ଣ୍ଣ ଅସଙ୍ଗତ ମନେହୁଏ । ୧୯୬୭ ମସିହାର ପାସପୋର୍ଟ ଆଇନର ପ୍ରସ୍ତାବନାରେ ସ୍ପଷ୍ଟ ଭାବରେ ଉଲ୍ଲେଖ କରାଯାଇଛି ଯେ ଏହି ଆଇନ ଭାରତୀୟ ନାଗରିକମାନଙ୍କର ଭାରତରୁ ପ୍ରସ୍ଥାନକୁ ନିୟନ୍ତ୍ରଣ କରିବା ଏବଂ ପାସପୋର୍ଟ ତଥା ଯାତ୍ରା ଦଲିଲ ପ୍ରଦାନ କରିବା ପାଇଁ ଉଦ୍ଦିଷ୍ଟ । ଏହି ଆଇନର ଧାରା ୧(୨) ସମଗ୍ର ଭାରତବର୍ଷ ସମେତ ଭାରତ ବାହାରେ ଥିବା ଭାରତୀୟ ନାଗରିକମାନଙ୍କ ପାଇଁ ମଧ୍ୟ ପ୍ରଯୁଜ୍ୟ ଅଟେ । ଅର୍ଥାତ୍ ଆଇନଗତ ଭାବରେ ପାସପୋର୍ଟ ଏକ ଏପରି ଦଲିଲ ଯାହା ନାଗରିକତ୍ୱ ସହ ଅବିଚ୍ଛେଦ୍ୟ ଭାବେ ଜଡ଼ିତ । ଜଣେ ବିଦେଶୀ ନାଗରିକ କଦାପି ଭାରତୀୟ ପାସପୋର୍ଟ ପାଇପାରିବ ନାହିଁ ଏବଂ ଭାରତୀୟ ପାସପୋର୍ଟ ପାଇବା ପାଇଁ ଭାରତର ନାଗରିକ ହେବା ପ୍ରାଥମିକ ସର୍ତ୍ତ । ଯେଉଁ ଦଲିଲଟି ନାଗରିକତ୍ୱ ଆଧାରରେ ପ୍ରଦାନ କରାଯାଉଛି, ସେହି ଦଲିଲଟି କିପରି ନାଗରିକତ୍ୱର ପ୍ରମାଣ ହୋଇପାରିବ ନାହିଁ, ତାହା ବୁଝିବା ସାଧାରଣ ଲୋକଙ୍କ ପକ୍ଷେ ଅସମ୍ଭବ ।

ଅନ୍ତର୍ଜାତୀୟ ସ୍ତରରେ ପାସପୋର୍ଟ ବ୍ୟବସ୍ଥାର ମୂଳଦୁଆ ହେଉଛି ପାରସ୍ପରିକ ବିଶ୍ୱାସ ଏବଂ ରାଷ୍ଟ୍ରୀୟ ସାର୍ବଭୌମତ୍ୱ । ପ୍ରତ୍ୟେକ ଭାରତୀୟ ପାସପୋର୍ଟର ଭିତର ପୃଷ୍ଠାରେ ଭାରତର ରାଷ୍ଟ୍ରପତିଙ୍କ ନାମରେ ଏକ ବିଶେଷ ଅନୁରୋଧ ଲିପିବଦ୍ଧ ଥାଏ । ସେଥିରେ ଲେଖାଥାଏ ଯେ ପାସପୋର୍ଟ ଧାରକଙ୍କୁ ବିନା କୌଣସି ବାଧାବିଘ୍ନରେ ଯାତ୍ରା କରିବାକୁ ଅନୁମତି ଦିଆଯାଉ ଏବଂ ଆବଶ୍ୟକ ସ୍ଥଳେ ତାଙ୍କୁ ସମସ୍ତ ପ୍ରକାରର ସହାୟତା ଏବଂ ସୁରକ୍ଷା ପ୍ରଦାନ କରାଯାଉ । ଏହି ଅନୁରୋଧର ସିଧାସଳଖ ଅର୍ଥ ହେଉଛି ଭାରତ ସରକାର ସମ୍ପୃକ୍ତ ବ୍ୟକ୍ତିଙ୍କ ଜାତୀୟତା ବା ନାଗରିକତ୍ୱର ଶତପ୍ରତିଶତ ଗ୍ୟାରେଣ୍ଟି ନେଉଛନ୍ତି । କୌଣସି ସାର୍ବଭୌମ ରାଷ୍ଟ୍ର ଏମିତି କୌଣସି ବ୍ୟକ୍ତି ପାଇଁ ବିଦେଶୀ ରାଷ୍ଟ୍ରଗୁଡ଼ିକୁ କୂଟନୈତିକ ସୁବିଧା ଏବଂ ସୁରକ୍ଷା ଯୋଗାଇଦେବାକୁ ଅନୁରୋଧ କରେ ନାହିଁ, ଯାହାର ନାଗରିକତ୍ୱ ବିଷୟରେ ସେ ନିଜେ ସନ୍ଦିହାନ ଥାଏ । ସମଗ୍ର ଅନ୍ତର୍ଜାତୀୟ ପାସପୋର୍ଟ ବ୍ୟବସ୍ଥା ଏହି ନିର୍ଦ୍ଦିଷ୍ଟ ଆଶ୍ୱାସନା ଉପରେ ହିଁ ନିର୍ଭର କରେ । ଯଦି ଏହି ଆଶ୍ୱାସନା ନଥାଏ, ତେବେ ପାସପୋର୍ଟ କେବଳ ଏକ ବହୁମୂଲ୍ୟ ଏବଂ ଆକର୍ଷଣୀୟ ଯାତ୍ରା ସାମଗ୍ରୀରେ ପରିଣତ ହୋଇଯିବ । ବିଦେଶରେ ଭାରତୀୟ ଦୂତାବାସଗୁଡ଼ିକ ପାସପୋର୍ଟ ଆଧାରରେ ହିଁ ନିଜ ନାଗରିକମାନଙ୍କୁ ଚିହ୍ନଟ କରନ୍ତି ଏବଂ ସେମାନଙ୍କୁ ସୁରକ୍ଷା ପ୍ରଦାନ କରନ୍ତି । ଯଦି ପାସପୋର୍ଟ ନାଗରିକତ୍ୱର ପ୍ରମାଣ ନୁହେଁ, ତେବେ ବିଦେଶରେ ବିପଦରେ ପଡ଼ିଥିବା ଜଣେ ବ୍ୟକ୍ତିଙ୍କୁ ଭାରତ ସରକାର କେଉଁ ଆଧାରରେ ଉଦ୍ଧାର କରିବେ କିମ୍ବା ତାଙ୍କର ଦାୟିତ୍ୱ ନେବେ ?

ବର୍ତ୍ତମାନର ଏହି ନୂତନ ଆଭିମୁଖ୍ୟ ବିଦେଶୀ ସରକାରମାନଙ୍କୁ ମଧ୍ୟ ଏକ ଅତ୍ୟନ୍ତ ଅଡୁଆ ପରିସ୍ଥିତିରେ ପକାଇଦେବ । ବିଦେଶୀ ସରକାରମାନେ ଆଶା କରନ୍ତି ଯେ ଭାରତୀୟ ପାସପୋର୍ଟ ଦ୍ୱାରା ପ୍ରମାଣିତ ଜାତୀୟତାକୁ ଭିସା ଏବଂ କୂଟନୈତିକ କାର୍ଯ୍ୟ ପାଇଁ ସମ୍ପୂର୍ଣ୍ଣ ବିଶ୍ୱାସ କରାଯାଇପାରିବ । ଅଥଚ ଇସ୍ୟୁ କରୁଥିବା କର୍ତ୍ତୃପକ୍ଷ ଅର୍ଥାତ୍ ଭାରତ ସରକାର ନିଜେ କହୁଛନ୍ତି ଯେ ସ୍ଥାନୀୟ ସ୍ତରରେ ନାଗରିକତ୍ୱ ପ୍ରତିଷ୍ଠା କରିବା ପାଇଁ ଏହି ଦଲିଲ ଯଥେଷ୍ଟ ନୁହେଁ । ଏହା ଏକ ଅତ୍ୟନ୍ତ ବିସ୍ମୟକର ବ୍ୟବସ୍ଥା । ଲଣ୍ଡନ, ପ୍ୟାରିସ୍ କିମ୍ବା ୱାଶିଂଟନରେ ବସିଥିବା ଜଣେ ଇମିଗ୍ରେସନ୍ ଅଧିକାରୀ ଆମ ପାସପୋର୍ଟ ଉପରେ ସମ୍ପୂର୍ଣ୍ଣ ବିଶ୍ୱାସ କରିବେ, ଅଥଚ ଯେଉଁ ଦେଶ ଏହି ପାସପୋର୍ଟ ଇସ୍ୟୁ କରିଛି, ସେ ନିଜେ ଏହାକୁ ସନ୍ଦେହ ଦୃଷ୍ଟିରେ ଦେଖିବ ଏବଂ ନାଗରିକତ୍ୱ ପ୍ରମାଣିତ କରିବା ପାଇଁ ଅନ୍ୟ ଦଲିଲ ମାଗିବ ।


କଳ୍ପନା କରନ୍ତୁ, ଯଦି ଏକ ମୃତ୍ୟୁ ପ୍ରମାଣପତ୍ର କେବଳ ମୃତ୍ୟୁର ସମ୍ଭାବନାକୁ ସୂଚାଉଥାଏ କିନ୍ତୁ ମୃତ୍ୟୁକୁ ପ୍ରମାଣିତ କରୁନଥାଏ, କିମ୍ବା ଏକ ଜନ୍ମ ପ୍ରମାଣପତ୍ର ଜନ୍ମ ହେବାର ପ୍ରମାଣ ଦେଉନଥାଏ, ତେବେ ସେହି ଦଲିଲଗୁଡ଼ିକର ମୂଲ୍ୟ କଣ ରହିବ ? ଏକ ବିଶ୍ୱବିଦ୍ୟାଳୟର ଡିଗ୍ରୀ ସାର୍ଟିଫିକେଟ୍ ଯଦି ଛାତ୍ରଙ୍କର ଉତ୍ତୀର୍ଣ୍ଣ ହେବାର ପ୍ରମାଣ ନଦିଏ, ତେବେ ସମାଜରେ ଏପରି ଦଲିଲଗୁଡ଼ିକୁ ଉପହାସ କରାଯିବ । କାରଣ ଏକ ସରକାରୀ ପ୍ରମାଣପତ୍ରର ମୂଲ୍ୟ ସେହି ତଥ୍ୟକୁ ପ୍ରମାଣିତ କରିବାରେ ଥାଏ ଯେଉଁଥିପାଇଁ ତାହା ସୃଷ୍ଟି କରାଯାଇଛି । କିନ୍ତୁ ଆଶ୍ଚର୍ଯ୍ୟର କଥା ହେଉଛି, ପାସପୋର୍ଟ କ୍ଷେତ୍ରରେ ଆମ ପ୍ରଶାସନିକ ବ୍ୟବସ୍ଥା ଏହି ସାଧାରଣ ଯୁକ୍ତିକୁ ମଧ୍ୟ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହେଁ । ଏହା ଏକ ଏପରି ଦଲିଲରେ ପରିଣତ ହୋଇଛି, ଯାହାକୁ ଗ୍ରହଣ କରିବା ପୂର୍ବରୁ ଆଉ ଏକ ଦଲିଲର ସମର୍ଥନ ଆବଶ୍ୟକ ହେଉଛି । ଅର୍ଥାତ୍, ପାସପୋର୍ଟ ପାଇବା ପାଇଁ ଆପଣଙ୍କୁ ନାଗରିକତ୍ୱ ପ୍ରମାଣିତ କରିବାକୁ ପଡ଼ିବ, କିନ୍ତୁ ପାସପୋର୍ଟ ପାଇସାରିଲା ପରେ ତାହା ଆପଣଙ୍କ ନାଗରିକତ୍ୱ ପ୍ରମାଣିତ କରିବ ନାହିଁ । ଭାରତୀୟ ଅମଲାତନ୍ତ୍ର ଏକ ଏପରି ଦଲିଲ ସୃଷ୍ଟି କରିବାରେ ସଫଳ ହୋଇଛି ଯାହାକୁ ଯେଉଁ ଉଦ୍ଦେଶ୍ୟରେ ବ୍ୟବହାର କରାଯିବା କଥା, ସେହି ମୁହୂର୍ତ୍ତରେ ହିଁ ତାହା ନିଜର ଉପଯୋଗିତା ହରାଇ ବସୁଛି ।

ଡିଜିଟାଲ୍ ଇଣ୍ଡିଆ, ଇ-ଗଭର୍ଣ୍ଣାନ୍ସ, ପ୍ରଶାସନିକ ସଂସ୍କାର ଏବଂ 'ଇଜ୍ ଅଫ୍ ଡୁଇଙ୍ଗ୍ ବିଜିନେସ୍' ଭଳି ବଡ଼ ବଡ଼ ସ୍ଲୋଗାନ ଦେଉଥିବା ସରକାରଙ୍କ ପାଇଁ ଏହା ନିଶ୍ଚିତ ଭାବରେ ଏକ ପଛୁଆ ପଦକ୍ଷେପ । ପାସପୋର୍ଟ ସେବା କେନ୍ଦ୍ରଗୁଡ଼ିକୁ ଅଧିକ କ୍ରିୟାଶୀଳ କରାଯାଇଛି ଏବଂ ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟାରେ ଉନ୍ନତ ଟେକ୍ନୋଲୋଜିର ବ୍ୟବହାର, ବାୟୋମେଟ୍ରିକ୍ ତଥ୍ୟ ସଂଗ୍ରହ ଏବଂ ଆଧାର ସହିତ ସଂଯୋଗୀକରଣ କରାଯାଉଛି । ଏତେ ସବୁ ବୈଷୟିକ ଏବଂ ପ୍ରଶାସନିକ ସୁଦୃଢ଼ୀକରଣ ସତ୍ତ୍ୱେ ଯଦି ଚୂଡ଼ାନ୍ତ ଦଲିଲଟି ନିଜର ମୂଳ ଉଦ୍ଦେଶ୍ୟ ପୂରଣ କରିବାରେ ବିଫଳ ହୁଏ, ତେବେ ସେହି ସିଷ୍ଟମର ଉପଯୋଗିତା କଣ ରହିଲା ? ବିଶ୍ୱର ଅଧିକାଂଶ ଦେଶ ସେମାନଙ୍କର ପାସପୋର୍ଟକୁ ନାଗରିକତ୍ୱର ଏକ ନିର୍ଦ୍ଦିଷ୍ଟ ଏବଂ ଅକାଟ୍ୟ ପ୍ରମାଣ ଭାବରେ ସ୍ଥାପିତ କରିବା ପାଇଁ ଅନେକ ପ୍ରୟାସ କରୁଥିବା ବେଳେ, ଭାରତ ସରକାର ନିଜ ପାସପୋର୍ଟର ଗୁରୁତ୍ୱକୁ ନିଜେ ହିଁ ହ୍ରାସ କରୁଛନ୍ତି । ଯଦି ନାଗରିକତ୍ୱକୁ ଏହି ସମୀକରଣରୁ ବାହାର କରିଦିଆଯାଏ, ତେବେ ପାସପୋର୍ଟ କେବଳ ଏକ ବହୁମୂଲ୍ୟ ନୋଟବୁକ୍ ବା ଡାଏରୀରେ ପରିଣତ ହୋଇଯିବ, ଯେଉଁଥିରେ କେବଳ ବିଦେଶୀ ରାଷ୍ଟ୍ରମାନଙ୍କର ଇମିଗ୍ରେସନ୍ ଷ୍ଟାମ୍ପ ବାଜିବ । କିନ୍ତୁ ଭବିଷ୍ୟତରେ ସେହି ଷ୍ଟାମ୍ପ ମଧ୍ୟ ସେତେବେଳେ ମୂଲ୍ୟହୀନ ହୋଇଯିବ ଯେତେବେଳେ ବିଦେଶୀ ରାଷ୍ଟ୍ରମାନେ ଭାରତ ସରକାରଙ୍କ ଏହି ବୟାନକୁ ଆଧାର କରି ଭାରତୀୟ ପାସପୋର୍ଟର ବିଶ୍ୱସନୀୟତା ଉପରେ ପ୍ରଶ୍ନ ଉଠାଇବା ଆରମ୍ଭ କରିବେ ।

ଶେଷରେ, ସରକାର ଏହି ପ୍ରସଙ୍ଗରେ ନିଜର ଆଭିମୁଖ୍ୟକୁ ସ୍ପଷ୍ଟ ଏବଂ ଯୁକ୍ତିଯୁକ୍ତ କରିବାର ନିତାନ୍ତ ଆବଶ୍ୟକତା ରହିଛି । ଗୋଟିଏ ପଟେ ସରକାର ନାଗରିକମାନଙ୍କୁ ସେମାନଙ୍କର ନାଗରିକତ୍ୱ ପ୍ରମାଣିତ କରିବା ପାଇଁ ବିଭିନ୍ନ କାଗଜପତ୍ରର ଚାହିଦା କରୁଛନ୍ତି, ଅନ୍ୟ ପଟେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏବଂ ସର୍ବୋଚ୍ଚ ସ୍ତରର ଯାଞ୍ଚ ପରେ ପ୍ରଦାନ କରାଯାଉଥିବା ଦଲିଲକୁ ଅସ୍ୱୀକାର କରୁଛନ୍ତି । ଏହା ଦେଶର ସାଧାରଣ ନାଗରିକଙ୍କ ମନରେ କେବଳ ଦ୍ୱନ୍ଦ୍ୱ ସୃଷ୍ଟି କରୁନାହିଁ ବରଂ ସରକାରୀ ପ୍ରତିଷ୍ଠାନଗୁଡ଼ିକର କାର୍ଯ୍ୟଦକ୍ଷତା ଏବଂ ଆନ୍ତରିକତା ଉପରେ ମଧ୍ୟ ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଯଦି ଏକ ସାର୍ବଭୌମ ଗଣତାନ୍ତ୍ରିକ ରାଷ୍ଟ୍ରରେ ପାସପୋର୍ଟ ନାଗରିକତ୍ୱର ପ୍ରମାଣ ନୁହେଁ, ତେବେ ନାଗରିକତ୍ୱର ପ୍ରକୃତ ପ୍ରମାଣ କଣ ତାହା ସରକାର ସ୍ପଷ୍ଟ କରିବା ଉଚିତ୍ । ନଚେତ୍, ବିଶ୍ୱ ଦରବାରରେ ଭାରତୀୟ ପାସପୋର୍ଟ ନିଜର ମୂଲ୍ୟ ହରାଇବ ଏବଂ ଏହାର ଭୟାବହ ପରିଣାମ ପ୍ରତ୍ୟେକ ଭାରତୀୟ ନାଗରିକ, ବିଶେଷକରି ପ୍ରବାସୀ ଭାରତୀୟ ଏବଂ ବିଦେଶରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀମାନଙ୍କୁ ଭୋଗିବାକୁ ପଡ଼ିବ ।

ଧ୍ୱନି ପ୍ରତିଧ୍ୱନି

# କୃତ୍ରିମ ବୁଦ୍ଧିମତା : ମଣିଷର୍ ନୂଆ ସହଯୋଗୀ ନା ପ୍ରତିଦ୍ୱନ୍ଦ୍ୱୀ ?



## ମିଳନ କୁମାର ମିଶ୍ର (ଭରଦ୍ୱାଜ)




'ମୋ ପାଇଁ ଗୋଟିଏ ପ୍ରବନ୍ଧ ଲେଖିଦିଅ', 'ଏହି ଫଟୋକୁ ଭିଡିଓ କରିଦିଅ', 'ଚାକିରି ପାଇଁ ବାୟୋଡାଟା ପ୍ରସ୍ତୁତ କର' -ଏହିଭଳି ଅନେକ କାମ ଆଜି କିଛି ଯାହାକୁ ମାତ୍ର କେଇ ସେକେଣ୍ଡ ମଧ୍ୟରେ କରିଦେଉଛି କୃତ୍ରିମ ବୁଦ୍ଧିମତା ବା ଏଆଇ (**Artificial Intelligence**) । ଯେଉଁ ପ୍ରଯୁକ୍ତିକୁ କିଛି ବର୍ଷ ପୂର୍ବରୁ କଳ୍ପନାର ବିଷୟ ବୋଲି ଧରାଯାଉଥିଲା, ତାହା ଆଜି ଆମ ଦୈନନ୍ଦିନ ଜୀବନର ଏକ ଅବିଚ୍ଛେଦ୍ୟ ଅଂଶ ହୋଇ ଯାଇଛି । ବିଶେଷକରି ଯୁବପିଢ଼ି ଏହାକୁ ଶିକ୍ଷା, ଗବେଷଣା, ବ୍ୟବସାୟ ଓ ସୃଜନଶୀଳ କାର୍ଯ୍ୟରେ ବ୍ୟାପକ ଭାବେ ବ୍ୟବହାର କର ପାରୁଛନ୍ତି ।

କିନ୍ତୁ ଯେପରି ପ୍ରତ୍ୟେକ ନୂଆ ପ୍ରଯୁକ୍ତି ମଣିଷ ପାଇଁ ସୁଯୋଗ ଆଣେ, ସେହିପରି କିଛି ନୂଆ ସଙ୍କଟ ମଧ୍ୟ ସୃଷ୍ଟି କରେ । ଏଆଇ ମଧ୍ୟ ଏହାର ବ୍ୟତିକ୍ରମ ନୁହେଁ । ପ୍ରଥମେ, ଶିକ୍ଷା କ୍ଷେତ୍ରରେ ଏଆଇର ଅତ୍ୟଧିକ ନିର୍ଭରଶୀଳତା ଏକ ଚିନ୍ତାର ବିଷୟ । ଅନେକ ଛାତ୍ରଛାତ୍ରୀ ନିଜେ ଚିନ୍ତା ନକରି ପ୍ରବନ୍ଧ, ପ୍ରକଳ୍ପ, ଗବେଷଣା ପତ୍ର ଓ ଗୃହକାର୍ଯ୍ୟ ସମ୍ପୂର୍ଣ୍ଣ ଏଆଇ ଦ୍ୱାରା ପ୍ରସ୍ତୁତ କରାଉଛନ୍ତି । ଏଥିରେ ନକଲ ପ୍ରବୃତ୍ତି ବଢ଼ୁଛି ଏବଂ ସୃଜନଶୀଳ ଚିନ୍ତାଧାରା, ବିଶ୍ଳେଷଣ କ୍ଷମତା ଓ ସମସ୍ୟା ସମାଧାନର ଦକ୍ଷତା ଧୀରେ ଧୀରେ କ୍ଷୀଣ ହେବାର ଆଶଙ୍କା ରହିଛି । ଶିକ୍ଷାର ମୂଳ ଉଦ୍ଦେଶ୍ୟ କେବଳ ଉତ୍ତର ପାଇବା ନୁହେଁ, ବରଂ ଚିନ୍ତା କରିବାର କ୍ଷମତାକୁ ବିକଶିତ କରିବା ।

ଦ୍ୱିତୀୟତଃ, ଭୁଲ ସୂଚନା ସମାଜ ପାଇଁ ନୂଆ ବିପଦ ସୃଷ୍ଟି କରୁଛି । ଏଆଇ ଦ୍ୱାରା ଆଜି ଏପରି ଫଟୋ, ଭିଡିଓ ଓ ଅଡିଓ ପ୍ରସ୍ତୁତ କରାଯାଉଛି, ଯାହାକୁ ସାଧାରଣ ଲୋକ ସହଜରେ ସତ ବୋଲି ବିଶ୍ୱାସ କରି ନେଉଛନ୍ତି । ଏହା ନିର୍ବାଚନ, ସାମାଜିକ ସଦ୍ଭାବ, ବ୍ୟକ୍ତିଗତ ସମ୍ମାନ ଓ ଜନମତ ଉପରେ ଗୁରୁତର ପ୍ରଭାବ ପକାଉଛି । ସୂଚନାର ଯୁଗରେ ମିଥ୍ୟାକୁ ସତ ଭାବେ ଉପସ୍ଥାପନ କରିବା ଆଜି ସବୁଠାରୁ ବଡ଼ ସମସ୍ୟା ରୂପେ ଦେଖା ଦେଇଛି ।

ଏଆଇ ସହ ସାଇବର ଅପରାଧ ମଧ୍ୟ ଅଧିକ ଜଟିଳ ହେଉଛି । ମିଥ୍ୟା ଇ-ମେଲ୍, ନକଲି ଭଏସ୍ କଲ୍, ଆର୍ଥିକ ଠକେଇ ଓ ବ୍ୟକ୍ତିଗତ ତଥ୍ୟ ଚୋରି ଭଳି ଅପରାଧରେ ଏଆଇର ବ୍ୟବହାର ମଧ୍ୟ ବଢ଼ୁଛି । ସାଧାରଣ ଲୋକ ଅନେକ ସମୟରେ ଅସଲ ଓ ନକଲ ମଧ୍ୟରେ ପାର୍ଥକ୍ୟ ଜାଣି ପାରୁନାହାନ୍ତି । ତେଣୁ ଡିଜିଟାଲ୍ ସଚେତନତା ଆଜି ପୂର୍ବାପେକ୍ଷା ଅଧିକ ଆବଶ୍ୟକ ।

ଚାକିରି କ୍ଷେତ୍ରରେ ମଧ୍ୟ ଏଆଇ ଏକ ବଡ଼ ପରିବର୍ତ୍ତନ ଆଣୁଛି । ପୁନରାବୃତ୍ତିମୂଳକ ଓ ତଥ୍ୟଭିତ୍ତିକ ଅନେକ କାର୍ଯ୍ୟ ଆଜି ମେସିନ୍ ଦ୍ୱାରା ସମ୍ପାଦିତ ହେଉଛି । ଏହା ଫଳରେ କିଛି ପାରମ୍ପରିକ ଚାକିରିର ଚାହିଦା କମି ଯାଇପାରେ । କିନ୍ତୁ ଏହା ସହିତ ନୂଆ କୌଶଳ, ନୂଆ ଚାକିରି ଓ ନୂଆ ଉଦ୍ୟମର ସୁଯୋଗ ମଧ୍ୟ ସୃଷ୍ଟି ହେଉଛି । ତେଣୁ ଏଆଇ ସଦାସର୍ବଦା ଏକ ସଙ୍କଟ ନୁହେଁ; ବରଂ ନୂତନ କୌଶଳ ଆହରଣ ପାଇଁ ଆମର ଏକ ପ୍ରସ୍ତୁତି ।

ଆଉ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ମାନସିକ ନିର୍ଭରଶୀଳତା । ଛୋଟ ଛୋଟ ସିଦ୍ଧାନ୍ତରୁ ଆରମ୍ଭ କରି ଲେଖାଲେଖି, ଯୋଜନା ପ୍ରସ୍ତୁତି ଓ ସୃଜନଶୀଳ କାର୍ଯ୍ୟ ପର୍ଯ୍ୟନ୍ତ ସବୁକିଛି ପାଇଁ ଯଦି ଆମେ ଏଆଇ ଉପରେ ନିର୍ଭର କରିବା, ତେବେ ଧୀରେ ଧୀରେ ମଣିଷର ସ୍ୱାଧୀନ ଚିନ୍ତାଶକ୍ତି, କଳ୍ପନାଶକ୍ତି ଓ ବିବେଚନା କ୍ଷମତା ଦୁର୍ବଳ ହୋଇପାରେ । ପ୍ରଯୁକ୍ତି ଆମର ସହଯୋଗୀ ହେବା ଉଚିତ୍, ପ୍ରତିଦ୍ୱନ୍ଦ୍ୱୀ ନୁହେଁ ।

ଭାରତ ଓ ଓଡ଼ିଶା ପରିପ୍ରେକ୍ଷୀରେ ଏଆଇ ଏକ ବଡ଼ ସୁଯୋଗ ନେଇ ଆସିଛି । ଡିଜିଟାଲ୍ ଇଣ୍ଡିଆ, ଷ୍ଟାର୍ଟଅପ୍ ଇଣ୍ଡିଆ, ସ୍ମାର୍ଟ କୃଷି, ଇ-ଶାସନ, ସ୍ୱାସ୍ଥ୍ୟସେବା ଓ ଶିକ୍ଷା କ୍ଷେତ୍ରରେ ଏଆଇର ବ୍ୟବହାର ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି । ଓଡ଼ିଶାରେ ମଧ୍ୟ ଯୁବପିଢ଼ି ଅନଲାଇନ୍ ଶିକ୍ଷା, ସଫ୍ଟୱେର୍ ବିକାଶ, ଡିଜିଟାଲ୍ ବ୍ୟବସାୟ ଓ ଷ୍ଟାର୍ଟଅପ୍ ମାଧ୍ୟମରେ ଏଆଇକୁ ଆପଣାଇବା ଆରମ୍ଭ କରିଛନ୍ତି । କୃଷିରେ ପାଣିପାଗ ପୂର୍ବାନୁମାନ, ରୋଗ ଚିହ୍ନଟ, ଫସଲ ପରିଚାଳନା ଓ ବଜାର ସଂଯୋଗରେ ଏଆଇ ଚାଷୀଙ୍କୁ ସହାୟତା କରିପାରିବ କିନ୍ତୁ ଏଥିପାଇଁ ଡିଜିଟାଲ୍ ସାକ୍ଷରତା, ଉନ୍ନତ ପ୍ରଶିକ୍ଷଣ ଓ ଗ୍ରାମାଞ୍ଚଳରେ ପ୍ରଯୁକ୍ତିର ସମାନ ସୁବିଧା କରିବା ଜରୁରୀ ।

ଏଆଇର ସଫଳ ବ୍ୟବହାର ପାଇଁ ନୈତିକତା ସବୁଠାରୁ ବଡ଼ ଆଧାର । ଏହାର ବ୍ୟବହାର ସ୍ୱଚ୍ଛ, ଦାୟିତ୍ୱପୂର୍ଣ୍ଣ ଓ ମାନବକଲ୍ୟାଣମୁଖୀ ହେବା ଆବଶ୍ୟକ । ଗୋପନୀୟତାର ସୁରକ୍ଷା, ମୌଳିକ ଅଧିକାରର ସମ୍ମାନ, ଭୁଲ ସୂଚନାର ପ୍ରତିରୋଧ ଓ ଶିକ୍ଷାରେ ସତ୍ୟତା ବଜାୟ ରଖିବା ଆମ ସମସ୍ତଙ୍କ ଦାୟିତ୍ୱ । କେବଳ ସରକାର କିମ୍ବା ପ୍ରଯୁକ୍ତି କମ୍ପାନୀ ନୁହେଁ, ପ୍ରତ୍ୟେକ ବ୍ୟବହାରକାରୀଙ୍କୁ ମଧ୍ୟ ଦାୟିତ୍ୱଶୀଳ ହେବାକୁ ପଡ଼ିବ ।

କୃତ୍ରିମ ବୁଦ୍ଧିମତା ମାନବ ସଭ୍ୟତାର ଏକ ଯୁଗାନ୍ତକାରୀ ବୈଜ୍ଞାନିକ ସଫଳତା । ନା ଏହା ନିଜେ ବିକାଶର ପ୍ରତୀକ, ନା ବିନାଶର ଦୂତ; ବରଂ ଏହାର ପ୍ରଭାବ ନିର୍ଭର କରେ ମଣିଷର ଉଦ୍ଦେଶ୍ୟ, ବିବେକ ଓ ବ୍ୟବହାର ଉପରେ । ପ୍ରଯୁକ୍ତି ଆମର କାର୍ଯ୍ୟକୁ ସହଜ କରିପାରେ, କିନ୍ତୁ ଚିନ୍ତା, ବିଚାର ଓ ମୂଲ୍ୟବୋଧର ସ୍ଥାନ କେବେ ନେଇପାରିବ ନାହିଁ । କୃତ୍ରିମ ବୁଦ୍ଧିମତାଠାରୁ ମାନବିକତା, ନୈତିକତା, ସୃଜନଶୀଳତା ଓ ସହାନୁଭୂତି ହିଁ ମଣିଷର ପ୍ରକୃତ ଶକ୍ତି । ତେଣୁ ଏଆଇକୁ ଭୟ କରିବାର ନୁହେଁ, ବରଂ ଦାୟିତ୍ୱବୋଧ ଓ ସଚେତନତାର ସହ ବ୍ୟବହାର କରିବାର ସମୟ ଆସିଛି । କାରଣ ଏଆଇ ମଣିଷର ସହଯୋଗୀ ହୋଇପାରେ, କିନ୍ତୁ ମଣିଷର ବିବେକଠାରୁ ବଡ଼ କେବେ ହୋଇପାରିବ ନାହିଁ । ଆଗାମୀ ଡିଜିଟାଲ୍ ଯୁଗରେ ପ୍ରଯୁକ୍ତି ଓ ମାନବିକତା ମଧ୍ୟରେ ଏହି ସନ୍ତୁଳନ ହିଁ ଆମର ସୁରକ୍ଷା, ସମୃଦ୍ଧି ଓ ସଫଳତାର ପ୍ରକୃତ ଚାବିକାଠି ହେବ ।

ମାର୍ଫତ୍: ମନ୍ମଥ କୁମାର ମିଶ୍ର
ବିଶ୍ୱେଶ୍ୱରପୁର୍ ଶାସନ, କେନ୍ଦୁଝର ବଜାର,
କେନ୍ଦୁଝର-୭୫୮୦୦୨
ମୋ: ୭୦୦୮୨୪୧୨୮୭

# ଟ୍ରମ୍ପ୍ ବନାମ୍ ନାଟୋ



## ଡା. ରାଜ କିଶୋର ପଣ୍ଡା




ମଧ୍ୟପ୍ରାଚ୍ୟରେ ଚାଲିଥିବା ମହାପ୍ରଳୟଙ୍କାରୀ ଯୁଦ୍ଧ ଶେଷରେ ଥମିଛି । ଏହି ଯୁଦ୍ଧଟି ବିଭିନ୍ନ ମଞ୍ଚରେ ଲଢ଼ା ଯାଉଥିଲା । ସେଗୁଡ଼ିକ ହେଉଛି ଆମେରିକା ବନାମ୍ ଇରାମ, ଇରାନ୍ ବନାମ ଅବଶିଷ୍ଟ ଗଲ୍ଫ ରାଷ୍ଟ୍ର, ଆମେରିକା ବନାମ ଚାଇନା ଇତ୍ୟାଦି । ତେବେ ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ଏହି ଯୁଦ୍ଧର ହେଉଛି ଆମେରିକା ବନାମ୍ ଇଉରୋପୀୟ ସଂଘ । ଏହାକୁ ଆମେ ନାଟୋ ଓ ଟ୍ରମ୍ପଙ୍କ ମଧ୍ୟରେ ବିବାଦ ବୋଲି କହିପାରିବା । ବିଗତ କିଛି ସମୟ ଧରି ଯୁକ୍ତରାଷ୍ଟ୍ର ଓ ଇଉରୋପ ମଧ୍ୟରେ ମଧ୍ୟପ୍ରାଚ୍ୟ ଓ ଅନ୍ୟାନ୍ୟ କିଛି ଗମ୍ଭୀର ପ୍ରସଙ୍ଗ (ଗ୍ରୀନ୍‌ଲ୍ୟାଣ୍ଡ)କୁ ନେଇ ମତାନ୍ତର ସୃଷ୍ଟି ହୋଇଛି ଓ ଦୁଇ ମହାଶକ୍ତି ସମ୍ପ୍ରତି ମୁହାଁମୁହିଁ ଅବସ୍ଥାକୁ ଚାଲି ଆସିଛନ୍ତି । ଏହା ଏକ ଛାଡ଼ପତ୍ରଭଳି ପରିସ୍ଥିତି ସୃଷ୍ଟି କରିଛି କହିଲେ ମଧ୍ୟ ଅତ୍ୟୁକ୍ତି ହେବ ନାହିଁ । ତେଣୁ ଏଥିରେ ପ୍ରଶ୍ନ ଉଠୁଛି ଯେ ଯଦି ଭବିଷ୍ୟତରେ ଆମେରିକା ଓ ଇଉରୋପୀୟ ରାଷ୍ଟ୍ରସଂଘ ମଧ୍ୟରେ ବିଚ୍ଛେଦ ଘଟେ ତଥା ସେମାନଙ୍କର ସାମରିକ ମେଣ୍ଟ ନାଟୋର ପରିସମାପ୍ତି ଘଟେ, ତାହାଦ୍ୱାରା କିଏ ବେଶୀ କ୍ଷତିଗ୍ରସ୍ତ ହେବ ? ଏହା ଜାଣିବା ନିମନ୍ତେ ଆମକୁ ଇତିହାସ ଉପରେ ଦୃଷ୍ଟି ଦେବା ପାଇଁ ପଡ଼ିବ ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଆମେରିକା, ୟୁରୋପରେ ନିଜର ସାମରିକ ଘାଟିମାନ ନିର୍ମାଣ କରିବା ଆରମ୍ଭ କରିଥିଲା । ଏହି ଦିଗରେ ପ୍ରଥମ ପଦକ୍ଷେପ ଥିଲା, ୧୯୪୮ ମସିହାରେ ବ୍ରିଟେନର "ଲାକେନ୍ ହିଥ୍" ଠାରେ ବାୟୁସେନାର ଘାଟି ନିର୍ମାଣ କରିବା । ସେହିପରି ଦ୍ୱିତୀୟ ପଦକ୍ଷେପ ଥିଲା, ୧୯୫୦ ଦଶକର ଆରମ୍ଭରେ ଜର୍ମାନୀର ରାମଷ୍ଟିନ ଏୟାରବେସ୍‌ର ନିର୍ମାଣ ଆମେରିକା ଦ୍ୱାରା । ପରବର୍ତ୍ତୀ ସମୟରେ ଯୁକ୍ତରାଷ୍ଟ୍ରର ଏହି କାର୍ଯ୍ୟକଳାପ କ୍ରମାଗତ ଭାବରେ ବୃଦ୍ଧି ପାଇଲା ଓ ଏହାର ସମରନୀତିର ଏକ ପ୍ରମୁଖ ଅଂଶ ପାଲଟିଗଲା । ପରିଣାମ ସ୍ୱରୂପ ଆଜି ୟୁରୋପରେ ଚାଳିଶରୁ ଅଧିକ ଆମେରିକୀୟ ସାମରିକ ଘାଟି ମାନ ରହିଛି । ଯେଉଁଠାରେ ପାଖାପାଖି ୮୫,୦୦୦ ରୁ ଅଧିକ ସୈନିକ ମୁତୟନ ଅଛନ୍ତି । ଏଠାରେ ଗୋଟିଏ କଥା ଆମକୁ ବୁଝିବାକୁ ପଡ଼ିବ କି ଆମେରିକୀୟ ନେତୃତ୍ୱରେ ପୁଞ୍ଜିବାଦୀ ଶକ୍ତିମାନେ, ଯେତେବେଳେ ଶୀତଳଯୁଦ୍ଧ ସମୟରେ ସୋଭିଏତ୍ ରୁଷ୍‌କୁ ପରାସ୍ତ କରିବା ପାଇଁ ଯୋଜନା କରିଥିଲେ, ସେତେବେଳେ ନାଟୋ ମାଧ୍ୟମରେ ସାମରିକ ଅଭିଯାନର ଆବଶ୍ୟକତା ଥିଲା, ମାତ୍ର ୧୯୯୧ ମସିହାରେ ସୋଭିଏତ୍‌ର ବିଘଟନ ଓ ୱାରସ୍ ଚୁକ୍ତିର ଅବସାନ ଘଟିଲା ପରେ ନାଟୋ ମେଣ୍ଟର ଆବଶ୍ୟକତା ଆଉ ରହିଲା ନାହିଁ । ତଥାପି ଏ ମେଣ୍ଟ ରହିଲା ।

ପାଠକମାନଙ୍କର ଜାଣିବା ପାଇଁ ମୁଁ ଏଠାରେ ନାଟୋ ଓ ୱାରସ୍ ମେଣ୍ଟର ଗଠନ ବିଷୟରେ କିଛି ତଥ୍ୟ ରଖୁଛି । ନାଟୋ ର ପୁରା ନାମ ହେଉଛି ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେସନ୍ । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଉତ୍ତର ଆଟଲାଣ୍ଟିକ ଚୁକ୍ତି (ଘକ୍ଟକ୍ସଙ୍ଖ ଇଙ୍ଖକ୍ଷବଭଙ୍ଖସମ ଞକ୍ସରବଙ୍ଖଚ) ସ୍ୱାକ୍ଷରିତ ହେବା ସହ ୧୯୪୯ ମସିହାରେ ଆନୁଷ୍ଠାନିକ ଭାବରେ ନାଟୋ ମେଣ୍ଟର ଅୟମାରମ୍ଭ ହୋଇଥିଲା । ସମୁଦାୟ ସଦସ୍ୟ ସଂଖ୍ୟା ଏଥିରେ ବତିଶ । ତିରିଶି ଜଣ ଇଉରୋପରୁ ଏବଂ ଦୁଇ ଜଣ ଉତ୍ତର ଆମେରିକାରୁ । ଶୀତଳ ଯୁଦ୍ଧ ସମୟରେ ନାଟୋର ପ୍ରାଥମିକ ଲକ୍ଷ୍ୟ ଥିଲା ସୋଭିଏତ୍ ରୁଷ ଓ ତାହାର ସହଯୋଗୀ ରାଷ୍ଟ୍ରମାନଙ୍କର ପ୍ରତିରୋଧ କରିବା । ନାଟୋକୁ ସାମ୍ନା କରିବା ପାଇଁ ସୋଭିଏତ୍ ରୁଷ୍ ନେତୃତ୍ୱରେ, ପୋଲାଣ୍ଡର ରାଜଧାନୀ ୱାରସ୍ ପରେ ୧୯୫୫ ମସିହାରେ ସ୍ୱାକ୍ଷରିତ ହୋଇଥିଲା ୱାରସ୍ ଚୁକ୍ତି ଓ ଏହା ଜନ୍ମ ଦେଲା ୱାରସ୍ ସାମରିକ ମେଣ୍ଟକୁ । ସୋଭିଏତ୍ ରୁଷ୍ ସମେତ ଏଥିରେ ସଦସ୍ୟ ରହିଲେ ଆଲବାନିଆ, ବୁଲଗେରିଆ, ଚେକୋସ୍ଲୋଭାକିଆ, ପୂର୍ବ ଜର୍ମାନୀ, ହଙ୍ଗେରୀ, ପୋଲାଣ୍ଡ ଓ ରୋମାନିଆ । ସୋଭିଏତ୍‌ର ପତନ ସହ ଏହି ମେଣ୍ଟର ମଧ୍ୟ ପତନ ଘଟିଲା । ବଞ୍ଚି ରହିଲା କିନ୍ତୁ ନାଟୋ । ନାଟୋକୁ ସୃଷ୍ଟି କରିଥିବା ଉତ୍ତର ଆଟଲାଣ୍ଟିକ ଚୁକ୍ତିର ଏକ ପ୍ରମୁଖ ଅଙ୍ଗ ତଥା ଭିତ୍ତି ହେଉଛି "ଆର୍ଟିକିଲ୍-୫" । ଉକ୍ତ ଆର୍ଟିକିଲ୍ ଅନୁଯାୟୀ ନାଟୋର ଯେକୌଣସି ସଦସ୍ୟଭୁକ୍ତ ଦେଶକୁ ବାହ୍ୟ ଦେଶ ଆକ୍ରମଣ କଲେ, ଏହାକୁ ସମଗ୍ର ନାଟୋ ରାଷ୍ଟ୍ରସଂଘ ବିରୁଦ୍ଧରେ ଯୁଦ୍ଧ ବୋଲି ଧରାଯିବ ଓ ମେଣ୍ଟର ସମସ୍ତ ସଦସ୍ୟ ସମ୍ପୃକ୍ତ ବାହ୍ୟ ଶତ୍ରୁ ବିରୋଧରେ ଯୁଦ୍ଧରେ ଅଂଶ ଗ୍ରହଣ କରିବେ । ଏହ ନିୟମଟି ଦ୍ୱାରା ନାଟୋ ଅତୀବ ବଳଶାଳୀ ହୋଇପାରିଛି ବୋଲି ଆମେ କହିପାରିବା ।

ବର୍ତ୍ତମାନ ଆମେ ଦେଖିବା ଯେ, ଇଉରୋପୀୟ ରାଷ୍ଟ୍ରମାନେ, କେଉଁ କାରଣ ବଶତଃ, ଇରାନ୍ ଯୁଦ୍ଧରେ ଆମେରିକାକୁ ଅସହଯୋଗ କରିଥିଲେ ଓ ଏହାକୁ ପ୍ରସଙ୍ଗ କରି ଟ୍ରମ୍ପ ନାଟୋରୁ ଯୁକ୍ତରାଷ୍ଟ୍ର ଓହରି ଯିବା ନେଇ ଧମକ ଦେଇଥିଲେ ।

ପ୍ରଥମ କାରଣ ହେଉଛି, ଇଉରୋପୀୟ ରାଷ୍ଟ୍ର ଯେପରିକି ବ୍ରିଟେନ୍, ଫ୍ରାନ୍ସ ଓ ସ୍ପେନ୍ ଟ୍ରମ୍ପ ପ୍ରଶାସନର ଇରାନ ଉପରେ ଆକ୍ରମଣକୁ ଅନାବଶ୍ୟକ ଓ ଭିତ୍ତିହୀନ ବୋଲି ମନେ କରିଥିଲେ । ଏହାକୁ ଆଧାର କରି ସେମାନେ ଆମେରିକାର ସୈନ୍ୟବାହିନୀକୁ ଇଉରୋପୀୟ ଭିତ୍ତିଭୂମି ଯୁଦ୍ଧରେ ବ୍ୟବହାର ନିମନ୍ତେ ବାରଣ କରିଥିଲେ । ଉଦାହରଣ ସ୍ୱରୂପ ସ୍ପେନ୍ (ଏହାର ଆକାଶ ମାର୍ଗକୁ ଆମେରିକାର ବ୍ୟବହାର ସକାଶେ ନିଷେଧ କରିଛି) । ସେହିପରି ମଧ୍ୟ ଇଟାଲୀ ଓ ଫ୍ରାନ୍ସ । ଇଟାଲି ନିଜର ସିଗୋନେଲା ବାୟୁସେନା ଘାଟିରୁ ଆମେରିକାକୁ ବ୍ୟବହାର କରିବାକୁ ଦେଇନାହିଁ । ଦ୍ୱିତୀୟ କାରଣ ହେଉଛି, ଟ୍ରମ୍ପ ଇରାନ୍, ଆକ୍ରମଣ କରିବା ପୂର୍ବରୁ ନାଟୋର ଅନୁମତି ନେଇ ନାହାନ୍ତି । ଯେବେକି ୨୦୦୩ରେ ତତ୍କାଳୀନ ରାଷ୍ଟ୍ରପତି ବୁଶ୍ ନାଟୋର ସଦସ୍ୟ ରାଷ୍ଟ୍ରମାନଙ୍କ ସହିତ ସବିଶେଷ ଆଲୋଚନା କରିଥିଲେ ଓ ଅନୁମତି ପ୍ରାପ୍ତ କରିଥିଲେ ଇରାକ୍ ଆକ୍ରମଣ ପୂର୍ବରୁ । ଏହାକୁ କେନ୍ଦ୍ର କରି ଇଉରୋପୀୟ ରାଷ୍ଟ୍ରସଂଘ ଟ୍ରମ୍ପଙ୍କ ଉପରେ କ୍ଷୁବ୍ଧ ଅଛନ୍ତି । ତୃତୀୟରେ ନାଟୋର ସଦସ୍ୟ ରାଷ୍ଟ୍ରମାନେ ଭୟ କରୁଛନ୍ତି କି ସେମାନେ ମଧ୍ୟପ୍ରାଚ୍ୟ ସଂଗ୍ରାମରେ ଅଂଶଗ୍ରହଣ କଲେ, ଯୁଦ୍ଧ ବ୍ୟାପକ ଆକାର ଧାରଣ କରିବ ଏବଂ ବିଶ୍ୱବ୍ୟାପୀ ତୈଳ ଓ ଗ୍ୟାସ୍‌ର ଉତ୍କଟ ସଙ୍କଟ ଦେଖାଯିବ । ଯେହେତୁ ଇଉରୋପୀୟ ଦେଶମାନେ ମଧ୍ୟ ଇରାନ ଉପରେ ତୈଳ ସକାଶେ ନିର୍ଭରଶୀଳ, ଆମେରିକାକୁ ସହଯୋଗ କରିବା ପାଇଁ ସେମାନେ ପଛଘୁଞ୍ଚା ଦେଉଛନ୍ତି ।

ଚତୁର୍ଥରେ ଟ୍ରମ୍ପଙ୍କ ସାମ୍ରାଜ୍ୟ ବିସ୍ତାରବାଦୀ ନୀତି । ଅତୀତରେ ଗ୍ରିନଲ୍ୟାଣ୍ଡକୁ, ଆମେରିକାର ଅଂଶ ଓ ଏହାକୁ କଳେବଳେ କୌଶଳେ ଅଧିକାର କରିବା ନେଇ ଟ୍ରମ୍ପ ଘୋଷଣା କରିଥିଲେ । ଏହାକୁ ନେଇ ମଧ୍ୟ ବର୍ତ୍ତମାନ ସମୟରେ ଆମେରିକା ଓ ଇଉରୋପୀୟ ୟୁନିଅନ୍ ମଧ୍ୟରେ ଛକାପଞ୍ଝା ପରିସ୍ଥିତି ଲାଗି ରହିଛି । ଏହି ସବୁ କାରଣ ବଶତଃ ଇଉରୋପୀୟ ରାଷ୍ଟ୍ରମାନେ ଆମେରିକାକୁ ମଧ୍ୟପ୍ରାଚ୍ୟ ସଂଗ୍ରାମରେ ସହାୟତା କରୁ ନାହାନ୍ତି ବୋଲି ଆମେ କହିପାରିବା । ଏବେ ଦେଖିବା ନାଟୋ ମେଣ୍ଟର ଅବସାନ ଘଟିଲେ କେଉଁ ପକ୍ଷ ବେଶୀ ପ୍ରଭାବିତ ହେବ । ପ୍ରଥମେ ଆସିବା ଆମେରିକା ପକ୍ଷକୁ । ଯଦିଓ ଟ୍ରମ୍ପ ଧମକ ଦେଇଛନ୍ତି ଓହରି ଯିବା ପାଇଁ, ଏହା କିନ୍ତୁ କଷ୍ଟ ସାଧ୍ୟ । ଏହାର ପ୍ରଥମ କାରଣ ୨୦୨୩ ମସିହାରେ ଯୁକ୍ତରାଷ୍ଟ୍ରରେ କଂଗ୍ରେସ ଗୋଟିଏ ନିୟମ ପ୍ରଣୟନ କରିଥିଲା । ଏହି ନିୟମ ଅନୁଯାୟୀ ରାଷ୍ଟ୍ରପତି, କଂଗ୍ରେସର ବିନା ସମର୍ଥନ ଓ ଉପଦେଶରେ ଉତ୍ତର ଆମେରିକୀୟ ଚୁକ୍ତିରୁ ଆମେରିକାର ସଦସ୍ୟତାକୁ ରଦ୍ଦ କରି ପାରିବେ ନାହିଁ ।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)




## ବିଭତ୍ସ କବିତା

### ସଞ୍ଜୟ ଖେମୁଣ୍ଡୁ



ତମ କବିତାର ଅକ୍ଷରଗୁଡ଼ିକ ଲେଖା ହେଇଛି ରକ୍ତଛିଟାରେ
ଶବ୍ଦସବୁ ଗଢ଼ା ହେଇଛି ଖଣ୍ଡଖଣ୍ଡ ମାଂସ ପିଣ୍ଡୁଳାରେ
କବିତାର ଗୋଟେଗୋଟେ ଅନୁଚ୍ଛେଦ
ଦେହର ଗୋଟେଗୋଟେ ଅଙ୍ଗ ପ୍ରତ୍ୟେଙ୍ଗର ଆଭାସ ଦିଏ
ଆଉ ସମ୍ପୂର୍ଣ୍ଣ କବିତାଟି ଗୋଟେ ପଚାଶବ ପରି ଗନ୍ଧାଏ ।

ହଁ ମୋ କବିତାଟି ଗନ୍ଧି ନଥାନ୍ତା କେମିତି ?
ସେ ଯେ ଉଦ୍ଧାର ପାଇଲା
ଗୋଟେ ଓଭରବ୍ରିଜ ତଳୁ ସପ୍ତାହେ ପରେ
ତାକୁ ହତ୍ୟାକଲା କେହିଜଣେ ଅତି ହିଂସ୍ର ଭାବରେ
ତା'ଦେହକୁ କାଟିଦେଲା ଖଣ୍ଡଖଣ୍ଡ କରି
ତା'ମୁଣ୍ଡକୁ ଛେଚିଛେଚି ଫଟାଇଲା ମୁଗୁନି ପଥରରେ
ସେ ଚିତ୍କାର କରୁଥିଲା ପ୍ରାଣ ବିକଳରେ ।


ସେ ସାହାଯ୍ୟ ଲୋଡ଼ିବା ପାଇଁ ହାତ ପାତିଲା
କିନ୍ତୁ କେହି ତାକୁ ହାତ ବଢ଼ାଇଲେ ନାହିଁ
କେହିକେହି ପାଲଟି ଯାଇଥିଲେ ନିରବ ଦ୍ରଷ୍ଟା
କେହିକେହି ପାଲଟି ଯାଇଥିଲେ ଗାନ୍ଧିଜୀଙ୍କର ତିନି ମାଙ୍କଡ଼
ତାଙ୍କପାଇଁ ସେ ପାଲଟି ଯାଇଥିଲା ଗୋଟେ ଖରାପ ଦୃଶ୍ୟ
ଗୋଟେ ଖରାପକଥା ଆଉ ଗୋଟେ ଖରାପଶ୍ରାବ୍ୟ ।

ଆଜି ମଧ୍ୟ ପଶାଖେଳ ଚାଲିଛି
ଆଜି ମଧ୍ୟ ସେ ବସ୍ତ୍ରହରା ହେଉଛି
ଆଜି ମଧ୍ୟ ସେ ଅତ୍ୟାଚାର,
ଶୋଷଣ ଓ ପେଷଣର ଶିକାର ହେଉଛି
ଆଇନ ପାଲଟି ଯାଉଛି ଅନ୍ଧ ଧୃତରାଷ୍ଟ୍ର
ଆଉ ଜନତା ଜନାର୍ଦ୍ଦନ ପାଲଟି ଯାଉଛନ୍ତି
କୁରୁସଭାତଳେ ଉପସ୍ଥିତ ଥିବା
ଯେତେକ ଦେଖଣାହାରି
ସେ କିନ୍ତୁ ଅତି ନିରୀହ, ଅସହାୟ ଭାବରେ
ସଭିଙ୍କ ଆଗରେ ଦେଉଛି ଆତ୍ମାହୂତି ।

ସେ ଯଦି ଏତେ କୁତ୍ସିତ
ଓ କଦାକାର ହୋଇଯାଏ
ତେବେ ମୋ କବିତାଟି ଏତେ ବିଭତ୍ସ
ହୋଇନଥାନ୍ତା ବା କେମିତି ?

ସ୍ନାତକୋତ୍ତର ଛାତ୍ର,
ବିକ୍ରମଦେବ ବିଶ୍ୱବିଦ୍ୟାଳୟ,
ଜୟପୁର, କୋରାପୁଟ,
(ମୋ) -୭୮୫୪୦୧୦୫୧୯





# ଡିମିରି ଫୁଲ



## ଅଧ୍ୟାପକ ରାଜେଶ୍ ରାୟ

ପ୍ରବଳ ଗରମ ଓ ଗୁଳୁଗୁଳି ଭିତରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ବେଳେ ମିଲୁ ମନରେ ଗୋଟିଏ ଭାବନା ଘୁରି ବୁଲୁଥିଲା ‘ କେମିତି ମୁଁ ବଡ଼ ଲୋକ ହେବି ? ‘ । ଏକଥା ଭାବି ଭାବି ସେ ଶାନ୍ତିରେ ଖାଇ ପାରୁନଥିଲା କି ଶୋଇପାରୁ ନଥିଲା । ପିଲାବେଳୁ ଅଭାବ ଅନଟନରେ ବଢ଼ିଥିବା ମିଲୁ ଟଙ୍କାବାଲା ବଡ଼ ବାବୁ ମାନଙ୍କୁ ଅତି ପାଖରୁ ଦେଖି ଆସିଛି । କେମିତି ସେମାନଙ୍କର ଜୀବନ ଶୈଳୀ ବିଳାସ ବେସନରେ କଟେ । ସେଥିପାଇଁ ତା ଆଖିରେ ବଡ଼ ଲୋକ ହେବାର ଅସରନ୍ତି ସ୍ୱପ୍ନ ବସା ବାନ୍ଧି ରହିଛି କିନ୍ତୁ କିଏ କଣ ଗୋଟିଏ ରାତିରେ ବଡ଼ ଲୋକ ହେଲାଣି କି ? ମିଲୁ ସେକଥା ବୁଝିବାକୁ ନାରାଜ । ଏମିତି କିଛିଦିନ ଗଲାପରେ ଗାଁ ର ଜଣେ ବୟସ୍କ ଲୋକ ଦିନେ ମିଲୁକୁ ଭେଟି କହିଲେ ‘ ବାପ , ମୁଁ ଗୋଟିଏ ଉପାୟ ଜାଣିଛି ଯାହାକୁ କରିପାରିଲେ ତୁ ନିଶ୍ଚୟ କମ୍ ଦିନ ଭିତରେ ବହୁତ୍ ବଡ଼ ଲୋକଟିଏ ହୋଇ ପାରିବୁ ‘ । ମିଲୁ ଆଶ୍ଚର୍ଯ୍ୟ ହୋଇ ସଙ୍ଗେ ସଙ୍ଗେ ସେ ଉପାୟ



କଥା ପଚାରିଲା । ବୃଦ୍ଧ ଜଣକ କହିଲେ ‘ ଡିମିରି ଗଛର ଫଳକୁ ତୁ ନିଶ୍ଚୟ ଦେଖିଥିବୁ କିନ୍ତୁ ତାର ଫୁଲକୁ କେବେ ଦେଖିଛୁ କି ? ଡିମିରି ଫୁଲ ରାତିରେ ଫୁଟି କମ୍ ସମୟ ମଧ୍ୟରେ ନଷ୍ଟ ହୋଇଯାଏ । ଆମ ପୂର୍ବ ପୁରୁଷ କହିଯାଇଛନ୍ତି ଯିଏ ସେହି ଡିମିରି ଫୁଲକୁ ଗଛରେ ଫୁଟିଥିବା ଅବସ୍ଥାରେ ଦେଖିବ ତାକୁ ଈଶ୍ୱରଙ୍କ ବିଶେଷ କୃପା ମିଳିବ ଏବଂ ତାର ଭାଗ୍ୟ ଅଳ୍ପଦିନ ଭିତରେ ବଦଳି ଯିବ । ଏକଥା ଶୁଣିବା ପରେ ମିଲୁ ପ୍ରଥମେ ଭାବିଲା ବୃଦ୍ଧ ଲୋକଟି ବୋଧେ କାହାଣୀ କହୁଛନ୍ତି କିନ୍ତୁ ପରବର୍ତ୍ତୀ ସମୟରେ ବଡ଼ ଲୋକ ହେବାର ଲୋଭକୁ ନେଇ ସେ ମନେ ମନେ ନିଷ୍ପତି ନେଲା ରାତିରେ ଯାଇ ଡିମିରି ଫୁଲକୁ ଦେଖିବା ପାଇଁ ଚେଷ୍ଟା କରିବ । ତା ପରଦିନ ପ୍ରସ୍ତୁତ ହୋଇ ଘର ପାଖରେ ଥିବା ଡିମିରି ଗଛ ପାଖକୁ ଯାଇ ସେ ଜଗିକରି ବସିଲା । ସମୟ ଯେତିକି ଆଗକୁ ଗତି କରୁଥାଏ ମିଲୁର ଡିମିରି ଫୁଲ ଦେଖିବାର ଆଗ୍ରହ ସେତେ ବଢ଼ି ଚାଲୁଥାଏ । ପ୍ରଥମ ଦିନ ପ୍ରୟାସରେ ସେ ଫେଲ୍ ମାରିଲା । ଜିଦ୍ଦିରେ ପୁଣି ତା ପରଦିନ ରାତିରେ ଯାଇ ଗଛ ମୂଳେ ବସିରହିଲା କିନ୍ତୁ ସେଦିନ ମଧ୍ୟ ସେ ନିରାଶ ହୋଇ ଫେରିଲା । ଏମିତି ୬ ଦିନ ଗଲାପରେ ରାଗ ଜର ଜର ହୋଇ ମିଲୁ ସେ ବୃଦ୍ଧଙ୍କ ପାଖକୁ ଗଲା ଓ କହିଲା ‘ ଆପଣ ଯାହାବି କହିଥିଲେ ସବୁ ମିଛ , ମୁଁ ଏତେ ଦିନ ଡିମିରି ଗଛକୁ ଜଗିଲି ହେଲେ ଫୁଲକୁ ଦେଖି ପାରିଲି ନାହିଁ ‘ ।ଏକଥା ଶୁଣି ବୃଦ୍ଧ ଜଣକ ଅଳ୍ପ ହସି ଉତ୍ତର ଦେଲେ ‘ ଶୁଣ ବାପ, ମତେ ଗୋଟିଏ କଥା କହ ତୁ କଣ ପୁରା ରାତିଯାକ ଡିମିରି ଗଛକୁ ଦେଖୁଥିଲୁ ? ‘ । ମିଲୁ ଧିର ସ୍ୱରରେ ଉତ୍ତର ଦେଲା ‘ ଅଧିକ ସମୟ ଜଗିଥିଲି କିନ୍ତୁ ଭୋର୍ ହେଲାବେଳେ ଟିକେ ଘୁମେଇ ପଡୁଥିଲି ‘ । ବୃଦ୍ଧ କହିଲେ ‘ ହଁ ସେଇଠି ତୋର ଭୁଲ୍ ରହିଗଲା , କେଉଁ କାମ କେତେବେଳେ ଘଟିବ ତାହା ଆମେ ଜାଣିନୁ ତେଣୁ ଧ୍ୟାନକୁ ସର୍ବଦା ଜାଗ୍ରତ ରଖିବା ଦରକାର । ପ୍ରକୃତିରେ ଘଟୁଥିବା ପ୍ରତିଟି କାର୍ଯ୍ୟ ଉଦ୍ଦିଷ୍ଟ ସମୟରେ ସମ୍ପନ୍ନ ହୋଇଥାଏ । ମତେ ଗୋଟିଏ କଥା କହ ଡିମିରି ଗଛରେ ଫୁଲ ନଥିଲେ ଫଳ କେମିତି ଆସୁଛି ? ତେଣୁ ଡିମିରି ଗଛ ତା ସମୟରେ ଫୁଲ ଫୁଟାଇ ଫଳ ଦେଉଛି । ଏକଥାରୁ ଆମେ ଶିଖିବା ଦରକାର ସମୟକୁ ସମ୍ମାନ ଦେଇ ଯିଏ ନିଜ କାମକୁ କରନ୍ତି ସେମାନଙ୍କୁ ହିଁ ସଠିକ୍ ଫଳ ମିଳିଥାଏ । ମୁଁ ତତେ କହିଥିବା ଡିମିରି ଫୁଲର କଥା ପ୍ରକୃତରେ ଗୋଟିଏ କାହାଣୀ । ତୋର ଧ୍ୟାନ ଓ ଧର୍ଯ୍ୟକୁ ପରୀକ୍ଷା କରିବା ପାଇଁ ଏମିତି କହିଥିଲି । ଆମେ ସର୍ବଦା ମନେ ରଖିବା ଦରକାର ଯେ କେବଳ ଭାବିଲେ ଜଣେ ସଫଳ ହୁଏନି ବରଂ ସମୟ ଅନୁସାରେ କାମ କରିବାକୁ ପଡ଼େ । ତୋ ପାଖରେ ଧ୍ୟାନ ଶକ୍ତି ଅଛି କିନ୍ତୁ ଧର୍ଯ୍ୟଶକ୍ତି ଦୁର୍ବଳ ଯୋଗୁ ତୁ ଚାହୁଁଥିବା କାର୍ଯ୍ୟ କରିପାରୁନୁ । ତେଣୁ ସମୟକୁ ସମ୍ମାନ ଦେଇ ଧର୍ଯ୍ୟର ସହ କାମ କରିଚାଲେ ଦେଖିବୁ ଦିନେ ନିଶ୍ଚୟ ତୁ ସଫଳ ମଣିଷଟେ ହେବୁ । ବୃଦ୍ଧଙ୍କ ପାଖରୁ ସବୁକଥା ଶୁଣିବା ପରେ ମିଲୁ ନିଜର ଭୁଲକୁ ବୁଝିପାରିଲା ଏବଂ ସେହିଦିନ ଠାରୁ ସମୟକୁ ସଠିକ୍ କର୍ମରେ ବିନିଯୋଗ କରି ସଫଳ ପରିଚୟ ପାଇଲା ।

+ ବିଦ୍ୱାନ୍ ମହାବିଦ୍ୟାଳୟ, ଜୟପୁର
(ମୋ) ୬୩୭୧୫୫୫୯୪୦

# ନାଲି ଟୁକୁ ଟୁକୁ ସାଧବ ବୋହୂ

## ରାମଚନ୍ଦ୍ର ବେହେରା



ଆଷାଢ ଆସିଲେ ଘାସ ପଡିଆରେ
ସାଥି ପରିବାର ନେଇ
ନାଲି ଟୁକୁ ଟୁକୁ ସାଧବ ବୋହୂଟି
ଚାଲଇ ଗେହ୍ଲେଇ ହୋଇ।

ସୁନ୍ଦର ରୂପକୁ ଥିରି ଥିରି ଚାଲି
ମନକୁ ନିଅଇ କିଣି
ପିଲାଠାରୁ ବୁଢା ସଭିଂକ ପରାଣେ
ଦିଏ ସେ ଆନନ୍ଦ ବୁଣି।

ଟିକି ଟିକି ଆଖି କୁନି କୁନି ଗୋଡ
ଛୋଟ ତା’ ପୁରା ଶରୀର
ଛୋଟ ହୋଇ ସିଏ ସଭିଂକ ପରାଣୁ
କରିଥାଏ ଦୁଃଖ ଦୂର।

ଶାନ୍ତ ସରଳ ତା’ ଚାଲିବାର ଠାଣି
ଖୁସି ଭରିଦିଏ ପ୍ରାଣେ
ଛୋଟ ପୋକଟିଏ ହେଲେବି ଜଗତେ
ନିଜକୁ ଛୋଟ ନ’ମଣେ।

ବର୍ଷାକାଳ ଗଲେ ଲୁଚିଯାଏ ସିଏ
ନମିଳେ ତାହାର ପତ୍ତା
ଅଳପ ଦିନର ଅତିଥି ସାଜି ସେ
ବାଣ୍ଟିଥାଏ ଖୁସି ବାର୍ତ୍ତା।

ଛୋଟ ହୋଇ ସିଏ ରୂପ ଓ ଗୁଣରେ
ଲୋକଂକ ମନକୁ ମୋହେ
ରାଗ ରୋଷ ଭୁଲି ଦିନ କାଟିବାକୁ
ସଭିଂକୁ ପ୍ରେରଣା ଦିଏ।

+ ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬

# ବହି

## ଶିବ ପ୍ରସାଦ ଚାନ୍ଦ

ବହିରେ, ବହି
ତୋ ’ ଗୁଣ କିଏ [illegible]
ଦୁନିଆଁ ରେ ଅଛି ଯେତେକ ଧନ
କହ କିଏ ହେବ ତୋ’ ର ସମାନ ।

ବହିରେ ବହି,
ଜଗତେ ତୋହର ତୁଳନା ନାହିଁ
ହେଉ ତୋ ଆକାର ବଡ କି ଛୋଟ
ସଭିଙ୍କୁ ପରା ତୁ ଦେଖାଉ ବାଟ ।

ବହି ରେ ବହି,
ସଦା ତୁ ମଉନ କହ କି ପାଇଁ ?
ପଡିଗଲେ ଥରେ ପିଲା ଙ୍କ ହାତେ
ଶିଖାଉ ତୁ ପାଠ କହରେ କେତେ ।

ବହିରେ ବହି,
ତୋ ପରି ଅମୂଲ୍ୟ ସମ୍ପଦ ନାହିଁ
ତୋ ଦେହେ ସାଇତା ଏ ଜାତି କଥା
ଆମ ପାଇଁ ସେ ତ ଅମୂଲ୍ୟ ଗାଥା ।

ବହିରେ ବହି ,
ଭଲ ବାଟ ପରା ଦେଉ ବତାଇ
ନିମିଷକେ ଦୂର କରୁ ତୁ ଚିନ୍ତା
ସଭିଁ ଏ ତୋ ପାଶେ ନୁଆଁନ୍ତି ମଥା ।

ପୁରୁଣିଆଁ, କେନ୍ଦୁଝର
(ମୋ) ୯୪୩୮୧୬୦୫୪୫

# ବରଷାରାଣୀଲୋ ବରଷାରାଣୀ

## କନ୍ଦର୍ପ ବେହେରା

ବରଷାରାଣୀ ଲୋ ବରଷାରାଣୀ ,
ବରଷକ ପରେ ଆସିଲୁ ପୁଣି
ବରଷାରାଣୀ ଲୋ ବରଷାରାଣୀ,
ଗଡିଆ ପୋଖରୀ ପୁରି ଗଲାଣି ॥

ବରଷା ରାଣୀ ଲୋ ବରଷା ରାଣୀ,
ଆକାଶୁ ଝରାଇ ଦେଲୁ ତୁ ପାଣି
ବରଷା ରାଣୀ ଲୋ ବରଷା ରାଣୀ,
ନଈ,ନାଳ ସବୁ ପୁରି ଗଲାଣି ॥

ବରଷାରାଣୀ ଲୋ ବରଷା ରାଣୀ,
ତୋ ଲାଗି ନାଳରେ ଆଣ୍ଠୁଏ ପାଣ
ବରଷାରାଣୀ ଲୋ ବରଷା ରାଣୀ ,
ପୋଖରୀରେ କଇଁ ଫୁଟିଗଲାଣି ॥

ବରଷା ରାଣୀ ଲୋ ବରଷା ରାଣୀ
ସୁନ୍ଦର ଦିଶୁଛି ଏଇ ଧରଣି
ବରଷାରାଣୀ ଲୋ ବରଷାରାଣୀ,
ହଳ କରି ଚଷା ଖୁସି ହେଲାଣି ॥

ବରଷା ରାଣୀ ଲୋ ବରଷାରାଣି,
ସାଧବ ବୋହୂଟି ଆସି ଗଲାଣି
ବରଷା ରାଣୀ ଲୋ ବରଷାରାଣୀ,
ଲୋକଙ୍କର ହିତ କରୁଛୁ ଜାଣି ॥

ବରଷାରାଣୀ ଲୋ ବରଷାରାଣୀ
ତୋ ପାଇଁ ମୋହର ଏତିକି ବାଣୀ ॥

କବି କୁଟୀର, ସା/ପୋ-ରେଢାଖୋଲ
ଜି-ସମ୍ବଲପୁର- ୭୬୮୧୦୬
ମୋ-୭୬୮୩୯୭୩୮୫୧

# ସ୍ୱାଗତ କରିବା ବରଷାକୁ ଆମେ

## ଦୀପକ କୁମାର ମିଶ୍ର

ବରଷା ଆସିଲେ ମାଟିର ବାସ୍ନା
ମହମହ ହୋଇ ବାସେ
ଚଷାପୁଅ ହସେ ଗାଁର କ୍ଷେତରେ
ନଈ ନାଳ ପୁରି ହସେ ।

ପୃଥିବୀ ଆମର କୁରୁଳି ଉଠଇ
ସାଧବବୋହୂଟି ଭିଜେ
ଚାରିଆଡ଼େ ଖେଳେ ଖୁସିର ଲହରୀ
ପକ୍ଷୀ ନୀଡ଼ଟିଏ ଖୋଜେ ।

ନଡ଼ା ଛପରରୁ ଟୁପୁର୍ ଟାପୁର୍
ବରଷା ପାଣି ପଡ଼େ
ଶୁଣି ପ୍ରକୃତିର ମିଠା ଗୀତ ସ୍ୱର
ସଅଳ ନିଦଟି ମାଡ଼େ ।

ଅଗଣାରେ ଭାସେ କାଗଜଡ଼ଙ୍ଗା
କାଦୁଅ ଖେଳର ମଜା
ସବୁ ଋତୁ ମଧ୍ୟେ ବରଷା ଶ୍ରେଷ୍ଠ
କହନ୍ତି ପରା ଅଜା ।

ସ୍ୱାଗତ କରିବା ବରଷାକୁ ଆମେ
ଝୁମି ନାଚି ଗାଇ ଗାଇ
ସବୁଜ ରଙ୍ଗରେ ସୁନ୍ଦର ଦିଶୁଛି
ଧରଣୀ ସଜେଇ ହୋଇ ।
ଅଅଅଅ

+ ଭୁବନେଶ୍ୱର
(ମୋ) ୮୨୮୦୨୧୧୦୦୦

# ବିଜ୍ଞାନ ଗବାକ୍ଷ-୮

## କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ




# ଆକାଶ ଦିଶଇ ସୁନ୍ଦର

ପୃଥିବୀ ପୃଷ୍ଠରୁ ଆକାଶ କେତେ ସୁନ୍ଦର ଦିଶେ । ସେ ମେଘମୁକ୍ତ ଦିନର ଆକାଶ ହେଉ କି ତାରା ଖଚିତ ରାତ୍ରିର ଆକାଶ । କଳାମେଘ ବା ଧଳା ମେଘଙ୍କ ଦ୍ୱାରା ଢାଙ୍କି ହୋଇଥିବା ଆକାଶ ଦାର୍ଶନିକ ଓ କବିଙ୍କୁ ଆନମନା କରେ । ନୀଳ ଆକାଶର ନୀଳିମାରେ ହଜି ଯାଆନ୍ତି ଦାର୍ଶନିକ, ଭାବୁକ, ଏପରିକି ସାଧାରଣ ଲୋକ ।

ପୃଥିବୀରୁ ଆକାଶର ରଂଗ ନୀଳ, ପୃଥିବୀରୁ ମହାକାଶର ରଂଗ ବାରି ହୁଏନି । ଆକାଶ ଯେଉଁଠି ସରେ, ସେଇଠୁ ଆରମ୍ଭ ହୁଏ ମହାକାଶ । ତେବେ ଏ ଆକାଶ ଓ ମହାକାଶର ସୀମାରେଖା କେଉଁଠି ?

ଅକ୍ଟୋବର ମାସ ୪ ତାରିଖ, ୧୯୫୩ ମସିହା ଦିନ ସୋଭିଏତ ରୁଷିଆ ସ୍ପୁଟନିକ୍-୧କୁ ସଫଳତା ସହିତ ମହାକାଶକୁ ପଠାଇ ପୃଥିବୀରେ ମହାକାଶ ଯୁଗର ଉଦ୍‌ଘୋଷଣା କଲା । ସେ ପର୍ଯ୍ୟନ୍ତ ଆକାଶ ଓ ମହାକାଶର ପାର୍ଥକ୍ୟ କଥା କେହି ଚିନ୍ତା କରି ନଥିଲେ । ଉଡ଼ାଜାହାଜମାନେ ପୃଥିବୀର ବାୟୁମଣ୍ଡଳରେ ଯାତ୍ରା କରନ୍ତି । ରକେଟ ବାୟୁମଣ୍ଡଳ ଉପରକୁ ଯାଏ । ସେମାନଙ୍କ କାର୍ଯ୍ୟ ପ୍ରଣାଳୀ ଓ ପରିବେଶ ଅଲଗା ।

ମହାକାଶ ଯୁଗ ଆରମ୍ଭ ହୋଇଯାଇଥାଏ । ବିଭିନ୍ନ ବୈଜ୍ଞାନିକ ମହଲରେ ବାୟୁମଣ୍ଡଳ ଓ ମହାକାଶକୁ ନେଇ ଅନେକ ଚର୍ଚ୍ଚା ଚାଲିଥାଏ । ହଙ୍ଗେରୀ ଜନ୍ମିତ ଆମେରିକା ନିବାସୀ ଜଣେ ବୈଜ୍ଞାନିକ ଥିଓଡୋର ଫନ କରମନ ତାଙ୍କ ଆତ୍ମଜୀବନର ଶେଷ ଅଧ୍ୟୟନରେ ପୃଥିବୀର ବାୟୁମଣ୍ଡଳ ଓ ମହାକାଶ ମଧ୍ୟରେ ଏକ ସୀମାରେଖା କଥା ଉଲ୍ଲେଖ କଲେ । ତାଙ୍କ ତଥ୍ୟ ବେଶ୍ ଯୁକ୍ତିଯୁକ୍ତ ଥିଲା, ତାଙ୍କ ଯୁକ୍ତି ଅନୁସାରେ ପୃଥିବୀ ପୃଷ୍ଠରୁ ୧୦୦ କିଲୋମିଟର ଉପରକୁ ମହାକାଶ ବୋଲି କୁହାଗଲା । ତା ଉପରକୁ ବାୟୁମଣ୍ଡଳର ସାନ୍ଦ୍ରତା ଏତେ କମ୍ ଯେ ସେଇଠାରୁ ହିଁ ମହାକାଶର ରଂଗ ଗାଢ଼ କଳା ଦେଖାଯାଏ । ଏରୋନଟିକ୍ ଓ ଆଷ୍ଟ୍ରୋନଟିକ୍ ନାମକ ଦୁଇଟି ବିଜ୍ଞାନ ସ୍ଥିର କଲେ କରମନ୍ ସୀମାରେଖା ବା କରମନ୍ ଲାଇନ୍ ।




ତେଣୁ ଆମ ସୁନ୍ଦର ନୀଳ ଆକାଶର ୮୦ରୁ ୧୦୦ କିମି ଉପରକୁ ଗଲେ ତାର ନୀଳ ରଂଗ ଉଭେଇ ଯାଏ । ପ୍ରଶ୍ନ ଉଠୁଛି ପୃଥିବୀରୁ ଆମ ଆକାଶ କାହିଁକି ନୀଳ ଦେଖାଯାଏ । ଆଗ ଆମ ଆକାଶର ନୀଳ ରଂଗ କଥା ଜାଣିବା, ପରେ ମହାକାଶର ରଂଗ କଥା ଜାଣିବା ।

ମୌଳିକ ବିଜ୍ଞାନ ପଢ଼ାରୁ ଆମେ ଜାଣେ ସୂର୍ଯ୍ୟଙ୍କ ଧଳା କିରଣରେ ସାତଟି ରଂଗ ଅଛି । ଗୋଟିଏ ରଂଗର ବିଶେଷ ଗୁଣ ତାର ତରଙ୍ଗ ଦୈର୍ଘ୍ୟ (**wave length**) ଓ ଫ୍ରିକ୍ୱେନ୍ସି । ସୂର୍ଯ୍ୟ କିରଣ ବାୟୁମଣ୍ଡଳରେ ପୃଥିବୀ ଆଡ଼କୁ ଆସୁଥିଲା ବେଳେ ବାୟୁ କଣିକାଙ୍କ ଲାଗି ତାର ବିଚ୍ଛୁରଣ ହୁଏ । ଅତିକମ୍ ତରଙ୍ଗ ଦୈର୍ଘ୍ୟ ବିଶିଷ୍ଟ ନୀଳ ଓ ବାଇଗଣୀ ରଂଗର ବିଚ୍ଛୁରଣ ସର୍ବାଧିକ ହୁଏ । ଏହା ଜଣେ ବୈଜ୍ଞାନିକ ରାଲେଙ୍କ ନିୟମ ଅନୁସାରେ ହୁଏ । ସୂର୍ଯ୍ୟକିରଣରେ ନୀଳ ରଂଗ ଅଧିକ ଥାଏ ଓ ଏହାର ବିଚ୍ଛୁରଣ ଅଧିକ ହୁଏ । ସେଥିଲାଗି ଆକାଶର ରଂଗ ନୀଳ ଦେଖାଯାଏ । ବାଇଗଣୀ ରଂଗର ବିଚ୍ଛୁରଣ ଅଧିକ ହେଲେ ବି ସୂର୍ଯ୍ୟକିରଣରେ ଏହାର ପରିମାଣ ଅଛି କମ୍ ଥାଏ । ଦ୍ୱିତୀୟ କଥାଟି ହେଲା ଆମ ଆଖିର ରେଟିନାରେ ଥିବା କୋନ୍ ଏହି ରଂଗ ଲାଗି ସମ୍ବେଦନଶୀଳ ନୁହେଁ । ତେଣୁ ଆକାଶର ରଂଗ ବାଇଗଣୀ ଦେଖାଯାଏ ନାହିଁ ।

ଏବେ ମହାକାଶର ରଂଗ କଥା ଚିନ୍ତା କରିବା ଏ ବିଶାଳ ବିଶ୍ୱ ବ୍ରହ୍ମାଣ୍ଡରେ କୋଟି କୋଟି ତାରା ଅହରହ ଆଲୋକ ପ୍ରଦାନ କରୁଛନ୍ତି । ମାତ୍ର ସେମାନେ ବିସ୍ତୃତ ବିଶ୍ୱବ୍ରହ୍ମାଣ୍ଡ ଦେହରେ ଏକ ଛୋଟ କଣିକା ପରି ରହିଛନ୍ତି । ବସ୍ତୁତଃ ଏ ବିଶ୍ୱ ବ୍ରହ୍ମାଣ୍ଡ ଓ ମହାକାଶ ଗୋଟେ ପ୍ରକାର ଶୂନ୍ୟ ବା ଖାଲି । ସେଥିରେ ବାୟୁ ମଣ୍ଡଳ ନାହିଁ । ପୃଥିବୀ ଠାରୁ ୧୦୦ କିମି ଉପରେ ସୂର୍ଯ୍ୟ କିରଣର ବିଚ୍ଛୁରଣ ହୁଏ ନାହିଁ । ତେଣୁ ମହାକାଶ ଘୋର ଅନ୍ଧକାର ମଧ୍ୟରେ ରୁହେ । ଏହାର ରଂଗ ଗାଢ଼ କଳା ।

ଏବେ ଏବେ ବୈଜ୍ଞାନିକମାନେ ମହାକାଶର ରଂଗକୁ ‘କସ୍ମିକ୍ ଲାତେ’ ବୋଲି କହୁଛନ୍ତ । (**cosmi latte**) ଆମେ ଅଧିକ ପଢ଼ି ଏ ସଂପର୍କରେ ଜାଣିବା । (କ୍ରମଶଃ)

+ ପ୍ରାକ୍ତନ ମହାକାଶ ବିଜ୍ଞାନୀ ଓ ଲେଖକ
ମୋ: ୯୯୩୮୭୬୯୯୦୮

# ହୋମ୍‌ୱାର୍କ

## ନଗେନ୍ଦ୍ର ନାଥ ପଟ୍ଟନାୟକ

ଦଶ ବୟସର ପିଲା ରବି । ସକାଳୁ ସ୍କୁଲ ଯିବାପାଇଁ ତୟାର ହେଉଥିଲା । ରବି କ’ଣ ହେଲା କେଜାଣି ହଠାତ୍ ଚିଲେଇ ଉଠିଲା : ଆରେ ମୋ ହୋମୱ୍ୱାର୍କ କୁଆଡ଼େ ଗଲା । ସେ ବସ୍ତାନ ଖୋଲି ଭିତରକୁ ନିରେଖି ଅନେଇଲା। ବିଛଣା ତଳେ ଉଙ୍କିମାରି ଦେଖିଲା ପରେ ପୁଣି ଚିଲେଇଲା : ଉଭେଇ ଗଲା,ଏକ୍‌ଦମ୍ ଗାଏବ୍ ।

ଠିକ୍ ସେ ସମୟରେ ଧଳା ମୁଲାୟମ ରୁମିରୁମିଆ ପୁଷି ବିଲେଇ ମିନି ତା’ ପଢ଼ାଘର ଭିତରକୁ ପଶିଲା । ମିନି ପୁଷି ବିଲେଇ ସହସା ଦରଜା ଆଡ଼େ ଧାଇଁଗଲା ଆଉ ରବି ବି ତା’ ପଛରେ ଦୌଡ଼ିଲା । ମା’ ରନ୍ଧାଘରେ ଜଳଖିଆ ବନାଉଥିଲେ । ଚମକି ପଡ଼ି ମାମା ପଚାରିଲେ: ଆରେ କ’ଣ ହେଲା ? ଏମିତି ଧଇଁସଇଁ ହୋଇ ଦଉଡୁଥିଲୁ କାଇଁକି ? ଏମିତି ଛାନିଆ ହେଉଚୁ କାଇଁକି ?

ସେଉଠୁ ରବି କାନ୍ଦକାନ୍ଦ ହୋଇ କହିଲା : ମା’, ମୋ ହୋମୱ୍ୱାର୍କ କୁଆଡ଼େ ଉଭେଇ ଗଲା । ମିନି ପୁଷି ବିଲେଇ କୁଆଡ଼େ ଭାଗୁଥିଲା ।

ଏଥର ରବି ପହଞ୍ଚିଗଲା ବାରନ୍ଦାରେ । ସେଇଠି ଜେଜେ ଖବରକାଗଜ ଉପରେ ଆଖି ବୁଲାଉଥିଲେ । ବ୍ୟସ୍ତ ହେଇ ଜେଜେ ପଚାରିଲେ : ଆରେ କ’ଣ ଖୋଜାଖୋଜି କରୁଚୁ କିରେ ?

ରବି ମୁହଁ ଶୁଖେଇ କହିଲା: ଜେଜେ, ମୋ ହୋମ୍‌ୱାର୍କଟା କୁଆଡ଼େ ଉଭେଇଗଲା । ଯେତେ ଖୋଜାଲୋଡ଼ା କଲେ ବି ତାକୁ ଠାବ କରିପାରୁନି । ଜେଜେ କହିଲେ : ସେଇଟା ବି ମୋ ନଜରରେ ପଡିନି । ଏଣେ ମିନି ପୁଷି



ବିଲେଇଟି ଗୋଟିଏ ପୁରୁଣା ଗାଡୁଆ ଡ଼ିବା ପାଖକୁ ଯାଇ ମ୍ୟାଉଁ ମ୍ୟାଉଁ ହୋଇ ବୋବାଇଲା ।

ରବି ସେଇ ଗାଡୁଆ ଡ଼ିବାଟିକୁ ଖୋଲିଲା । ଆଶ୍ଚର୍ଯ୍ୟ ହୋଇ କହିଲା : ଓହୋ, ତା’ହେଲେ ସୁରାକଟା ଠିକ୍ ନୁହେଁ। ସେ ସମୟରେ ଗୋଟିଏ ଝଙ୍କାଗଛରୁ ଶବ୍ଦ ଭାସିଆସିଲା : ହୋମୱ୍ୱାର୍କ-ହୋମୱ୍ୱାର୍କ; ଛାତ, ଛାତ ଉପରେ ।

ରବି ମୁହଁରୁ ବାହାରି ଆସିଲା : ଆରେ, ସେଇଟିକୁ ଶୁଆଟା କିଛି ଜାଣିଚି । ସବୁ ଲୋକ ଛାତ ଆଡିକି ଦୌଡ଼ିଗଲେ । ହେଲେ ସେଠି ବି କିଛି ମିଳିଲାନି । ମୁଣ୍ଡରେ ହାତଦେଇ ରବି କହିଲା : ଏଥର ମୁଁ ହାରିଗଲି ।

ସେତିକିବେଳେ ଦମକାଏ ପବନ ବହିଗଲା । ଖଣ୍ଡିଆ କାଗଜ ପାଣିଟାଙ୍କି ପଛପଟୁ ବାହାରି ଆସିଲା ।

ରବି ବଡ଼ପାଟିରେ କହିଲା : ଆରେ, ଆରେ ଏଇଟା ତ ଏଇଠି । ଏଟା କେମିତି ପହଞ୍ଚିଗଲା ? କାଲି ତ ଛାତ ଉପରେ ପଢୁଥିଲି । ବୋଧହୁଏ ଝଙ୍କା ପବନ ତାକୁ ଉଡ଼େଇ ନେଇଛି ।

ପାନଖିଆ ପାକୁଆ ପାଟିରେ ହସିଦେଇ ଜେଜେ କହିଲେ: ମାନେ ଚୋରି ନୁହେଁ, ପବନ । ପବନଟା ପକ୍କା ଚୋର୍, ଚୋର । ପୁଷି ବିଲେଇଟି ମାଉଁ ମାଉଁ ବୋବେଇଲା । ଶୁଆଟି କହିଲା : ଗୁଇନ୍ଦା ରବି, ଜିନ୍ଦାବାଦ୍ ।

ସେଇଠୁ ରବି କହିଲା : ପୂରା ଗୁଇନ୍ଦା ଦଳଙ୍କୁ ଧନ୍ୟବାଦ । ଶେଷରେ ସାରା ଗୁଇନ୍ଦା ଦଳ ହସିହସି ରବିକୁ ସ୍କୁଲଯାଏ ବଳେଇଦେଇ ଆସିଲେ ।

+ ଓସ୍କାର ସିଟି, ଲକ୍ଷ୍ମୀସାଗର କେନାଲ ରୋଡ୍, ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮

# ସିଲଟ ଖଣ୍ଡେ ଦିଅ

## ପବିତ୍ର କୁମାର ସାହୁ


ସିଲଟ ଖଣ୍ଡେ ଦିଅରେ ମୋତେ
ବହି ଖଣ୍ଡିଏ ଦିଅ।
ପାଠ ପଢ଼ିବି ବଳିଛି ମନ
ହୋଇବି ସୁନା ପୁଅ ।

ମୁଁ ବଡ଼ ହେଲେ ହାକିମ ହେବି
ସୁଝିବି ସବୁ ଋଣ।
ହେଳା କରନି ପଢ଼ାରେ ମୋର
ରଖିବି ତୁମ ପଣ ।

ଫୁଲଟେ ପରି ମହକି ଯିବି
ରାଇଜ ସାରା ମୁହିଁ।
ସ୍ନେହ ଆଦର ପାଇଲେ ଟିକେ
ଜମା ହାରିବି ନାହ ।

ସାଙ୍ଗ ମେଳରେ ଖେଳିବି ଖେଳ
ପଢ଼ିବି ନୂଆ ପାଠ।
ସବୁରି ମୁଖେ ହସ ଫୁଟାଇ
ହୋଇବି ଭଲ ଚାଟ ।

ମୋ ପାଇଁ ଦିନେ ପୂରୁବ ଦିଗେ
ନୂଆ ସକାଳ ହେବ।
ସପନ ମୋର ସତ ହୋଇବ
ମନ ମୋ ହସୁଥିବ ।
ଅଅଅଅଅଅଅଅଅଅଅଅଅଅଅଅ



ସଂସ୍କୃତ ଶିକ୍ଷକ
ଅତାସାହି, ଆନନ୍ଦପୁର କେନ୍ଦୁଝର
ମୋ -୯୭୭୭୫୬୦୯୨୧

# ପୁରୀରେ ନିର୍ମାଣ ହେବ ୧୦୦୦ ଆସନ ବିଶିଷ୍ଟ ଅତ୍ୟାଧୁନିକ ବହୁମୁଖୀ ସମ୍ମିଳନୀ କେନ୍ଦ୍ର: ମନ୍ତ୍ରୀ

ଭୁବନେଶ୍ୱର, ୨୬/୦୬ (ନି.ପ୍ର): ପବିତ୍ର ଶ୍ରୀକ୍ଷେତ୍ର ପୁରୀର ଭିତିଭୂମି ବିକାଶ କ୍ଷେତ୍ରରେ ଏକ ବଡ଼ ଘୋଷଣା କରିଛନ୍ତି ରାଜ୍ୟ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର । ପୁରୀକୁ ସମ୍ମିଳନୀ, ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରଦର୍ଶନୀ ଏବଂ ବୃହତ ଜନସମାବେଶ ପାଇଁ ଏକ ପ୍ରମୁଖ ସ୍ଥଳ ଭାବେ ଗଢ଼ି ତୋଳିବା ଲକ୍ଷ୍ୟରେ ସେଠାରେ ୧୦୦୦ ଆସନ ବିଶିଷ୍ଟ ଏକ ଅତ୍ୟାଧୁନିକ ବହୁମୁଖୀ ସମ୍ମିଳନୀ କେନ୍ଦ୍ର ନିର୍ମାଣ କରାଯିବ। ବିଭାଗ ପକ୍ଷରୁ "ବିକଶିତ ଓଡ଼ିଶା ପାଇଁ ଜନ ଭାଗିଦାରୀ: ସଶକ୍ତ ନାଗରିକ - ସମାବେଶୀ ସହର - ସ୍ଥାୟୀ ସହରାଂଚଳ ଭବିଷ୍ୟତ" ଆଭିମୁଖ୍ୟରେ ଆୟୋଜିତ ରାଜ୍ୟସ୍ତରୀୟ ସହରାଂଚଳ ଜନସମ୍ପର୍କ କାର୍ଯ୍ୟକ୍ରମ ଅବସରରେ ମନ୍ତ୍ରୀ ଏହି ଘୋଷଣା କରିଛନ୍ତି । ପ୍ରସ୍ତାବିତ ପ୍ରକଳ୍ପକୁ ସମସ୍ତ ଅତ୍ୟାଧୁନିକ ସୁବିଧା ସୁଯୋଗ ଏବଂ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆୟୋଜନ କରିବା ଭଳି ସ୍ଥାନ ଭାବେ ପରିକଳ୍ପନା କରାଯାଇଛି । ଏଠାରେ ଜାତୀୟ ଓ ଅନ୍ତର୍ଜାତୀୟ ସମ୍ମିଳନୀ, ଶିକ୍ଷାଗତ ତଥା ବୃତିଗତ ଆଲୋଚନାଚକ୍ର, ସାଂସ୍କୃତିକ ମହୋତ୍ସବ, ସରକାରୀ କାର୍ଯ୍ୟକ୍ରମ ଏବଂ ସାମାଜିକ ସମାବେଶ ଆଦି ଆୟୋଜନ କରାଯାଇପାରିବ । ଏହି ପ୍ରକଳ୍ପ ଦ୍ୱାରା ପୁରୀରେ ଏକ ବୃହତ ଓ ଆଧୁନିକ ପ୍ରେକ୍ଷାଳୟର ବହୁ ପ୍ରତୀକ୍ଷିତ ଆବଶ୍ୟକତା ପୂରଣ ହେବ ବୋଲି ଆଶା କରାଯାଉଛି । ଭାରତର ଅନ୍ୟତମ ତୀର୍ଥ କ୍ଷେତ୍ର ତଥା ଏକ ପ୍ରମୁଖ ବିଶ୍ୱ ପର୍ଯ୍ୟଟନ ସ୍ଥଳୀ ଭାବେ ପୁରୀର ସ୍ୱତନ୍ତ୍ର ପରିଚୟକୁ ରେଖାଙ୍କିତ କରି ଡଃ ମହାପାତ୍ର କହିଛନ୍ତି ଯେ, ସହରର ବର୍ଦ୍ଧିତ ଆବଶ୍ୟକତାକୁ ପୂରଣ କରିବା ଏବଂ ସହରାଞ୍ଚଳ ଭିତିଭୂମି ତଥା ଜନସାଧାରଣଙ୍କ ସୁବିଧା ସୁଯୋଗକୁ ସୁଦୃଢ଼ କରିବା ଦିଗରେ ଏହି ସମ୍ମିଳନୀ କକ୍ଷ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ । ଏହି ପ୍ରକଳ୍ପର ଶୀଘ୍ର ରୂପାୟନ ପାଇଁ ଆବଶ୍ୟକ ପ୍ରଶାସନିକ ପ୍ରକ୍ରିୟା ଏବଂ ପ୍ରାଥମିକ ପ୍ରସ୍ତୁତି କାର୍ଯ୍ୟକୁ ପ୍ରାଥମିକତା ଭିତିରେ ଆରମ୍ଭ କରିବାକୁ ମନ୍ତ୍ରୀ, ପୁରୀ ମହାନଗର ନିଗମର କମିଶନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।ମନ୍ତ୍ରୀ ଆହୁରି ମଧ୍ୟ ସୂଚନା ଦେଇଛନ୍ତି ଯେ, ଓଡ଼ିଶାର ବିଭିନ୍ନ ପୌରସଂସ୍ଥା ଗୁଡ଼ିକରେ ପର୍ଯ୍ୟାୟକ୍ରମେ ଏଭଳି ବହୁମୁଖୀ ଭିତିଭୂମି ସୃଷ୍ଟି କରିବା ପାଇଁ ରାଜ୍ୟ ସରକାର ଏକ ବ୍ୟାପକ ରୋଡମ୍ୟାପ୍ ପ୍ରସ୍ତୁତ କରୁଛନ୍ତି । ଏହି ପଦକ୍ଷେପ ସହରାଂଚଳର ସୁବିଧା ସୁଯୋଗକୁ ସୁଦୃଢ଼ କରିବ, ଗୋଷ୍ଠି ସହଭାଗିତାକୁ ପ୍ରୋତ୍ସାହିତ କରିବ ଏବଂ ଦ୍ରୁତ ଗତିରେ ବଢ଼ୁଥିବା ସହରାଂଚଳ ଜନସଂଖ୍ୟାର ଆବଶ୍ୟକତାକୁ ପୂରଣ କରିବ ।

# ମାଲଦା ହିଂସା ମାମଲାରେ ଆଉ ଜଣେ ଅଭିଯୁକ୍ତକୁ ଗିରଫ କଲା ଏନଆଇଏ

ନୂଆଦିଲ୍ଲୀ, ଜୁନ୍ ୨୫(ହି.ସ)-ରଷ୍ଟ୍ରୀୟ ଯାଞ୍ଚ ଏଜେନ୍ସି (ଏନଆଇଏ)ପଶ୍ଚିମବଙ୍ଗର ମାଲଦା ଜିଲ୍ଲାରେ ବିଧାନସଭା ନିର୍ବାଚନ ପୂର୍ବରୁ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ଅଭିଯାନ ସମୟରେ ହିଂସା, ରାସ୍ତା ଅବରୋଧ ଏବଂ ନ୍ୟାୟିକ ଅଧିକାରୀଙ୍କୁ ବନ୍ଧକ ରଖିବା ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି ।ଗିରଫ ଅଭିଯୁକ୍ତଙ୍କୁ ମାଲଦାର ମୋଥବାଡି ଅଞ୍ଚଳର ସ୍ଥାନୀୟ ରାଜନୈତିକ ନେତା ସାୟେମ୍ ଚୌଧୁରୀ ଓରଫ ବାବୁ ଚୌଧୁରୀ ଭାବରେ ଚିହ୍ନଟ କରାଯାଇଛି ।ଏନଆଇଏ ଗୁରୁବାର କହିଛି ଯେ ସାୟେମ୍ ଚୌଧୁରୀଙ୍କୁ କୋଲକାତା ସ୍ଥିତ ଜେନ୍ସି ଶାଖା କାର୍ଯ୍ୟାଳୟରେ ପଚରାଉଚରା ପରେ ଅଟକ ରଖାଯାଇଛି । ଏହି ମାମଲାରେ ଏପର୍ଯ୍ୟନ୍ତ ମୋଟ ୩୦ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି ।ଏଜେନ୍ସି ଅନୁଯାୟୀ, ବିଧାନସଭା ନିର୍ବାଚନ ପୂର୍ବରୁ ମାଲଦା ଜିଲ୍ଲାରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର ) ଅଭିଯାନ ସମୟରେ ଭିଡ଼ ପ୍ରତିବାଦ, ହିଂସା ଏବଂ ନ୍ୟାୟିକ ଅଧିକାରୀମାନଙ୍କୁ ଅବୈଧ ବନ୍ଦୀ କରିବା ସହିତ ଜଡିତ ଏକ ଡଜନରୁ ଅଧିକ ମାମଲାର ତଦନ୍ତ କରୁଛି ।ତଦନ୍ତରୁ ଜଣାପଡିଛି ଯେ ସାୟେମ ଚୌଧୁରୀ ଏପ୍ରିଲ ୧ ତାରିଖରେ ବିଡିଓ କାର୍ଯ୍ୟାଳୟରେ ନ୍ୟାୟିକ ଅଧିକାରୀମାନଙ୍କୁ ବେଆଇନ ଭାବରେ ଅଟକ ରଖିବା ଘଟଣାରେ ମୁଖ୍ୟ ଅଭିଯୁକ୍ତ ଥିଲେ ।ସେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ କରୁଥିବା ଏବଂ ଡ୍ୟୁଟିରେ ଥିବା ପୋଲିସ ଅଧିକାରୀମାନଙ୍କୁ ଆକ୍ରମଣ କରୁଥିବା ଏକ ଭିଡ଼ର ଅଂଶ ଥିଲେ । ଏହି ଆକ୍ରମଣରେ ୯ ଜଣ ପୋଲିସ ଅଧିକାରୀ ଆହତ ହୋଇଥିଲେ

# କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡାଙ୍କୁ ଭେଟିଲେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ

## ସ୍ୱାସ୍ଥ୍ୟ ସେବା ଓ କୃଷକଙ୍କ ପାଇଁ ସାର ଏବଂ ମଞ୍ଜି ଉପଲବ୍ଧତା ଉପରେ ବିସ୍ତୃତ ଆଲୋଚନା

ନୂଆଦିଲ୍ଲୀ, ୨୫ ଜୁନ୍ (ହି.ସ.)- ଛତିଶଗଡ଼ର ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାୟ ଗୁରୁବାର ଦିନ କେନ୍ଦ୍ର ସ୍ୱାସ୍ଥ୍ୟ, ପରିବାର କଲ୍ୟାଣ, ରସାୟନ ଓ ସାର ମନ୍ତ୍ରୀ ଜେ. ପି. ନଡ୍ଡାଙ୍କୁ ଭେଟିଛନ୍ତି ଏବଂ ରାଜ୍ୟରେ ଜନସ୍ୱାସ୍ଥ୍ୟ, ଚିକିତ୍ସା ଭିତିଭୂମି, ଫାର୍ମାସ୍ୟୁଟିକାଲ୍ସ ଏବଂ ସାର କ୍ଷେତ୍ର ସମେତ ବିଭିନ୍ନ ପ୍ରସଙ୍ଗରେ ବିକାଶ ଯୋଜନା ବିଷୟରେ ବିସ୍ତୃତ ଆଲୋଚନା କରିଛନ୍ତି । ସରକାରୀ ସୂଚନା ଅନୁଯାୟୀ, ମୁଖ୍ୟମନ୍ତ୍ରୀ ସାୟ କେନ୍ଦ୍ର ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ ଯେ ରାଜ୍ୟ ସରକାର ସ୍ୱାସ୍ଥ୍ୟ ସେବାର ସମ୍ପ୍ରସାରଣ ଏବଂ ସୁଦୃଢ଼ୀକରଣ ପାଇଁ ନିରନ୍ତର କାର୍ଯ୍ୟ କରୁଛନ୍ତି। ବିଶେଷ କରି ଦୁର୍ଗମ, ଗ୍ରାମାଚଂଳ ଏବଂ ଆଦିବାସୀ ଅଂଚଳରେ ଗୁଣାତ୍ମକ ସ୍ୱାସ୍ଥ୍ୟ ସୁବିଧା ପହଂଚାଇବା ପାଇଁ ଡାକ୍ତରଖାନା, ମେଡ଼ିକାଲ କଲେଜ ଏବଂ ଅନ୍ୟାନ୍ୟ ମେଡ଼ିକାଲ ଅନୁଷ୍ଠାନଗୁଡ଼ିକୁ ସୁଦୃଢ଼ କରାଯାଉଛି। ସେ କହିଥିଲେ ଯେ, ଏହା ରାଜ୍ୟ ସରକାରଙ୍କ ପ୍ରୟାସ ଯେ ରାଜ୍ୟର ନାଗରିକମାନେ ନିଜ ରାଜ୍ୟରେ ଉନ୍ନତ ଚିକିତ୍ସା ଏବଂ ଆଧୁନିକ ସ୍ୱାସ୍ଥ୍ୟ ସୁବିଧା ପାଇବେ। ଏହି ବୈଠକରେ ମୁଖ୍ୟମନ୍ତ୍ରୀ କୃଷି ଏବଂ ସାର କ୍ଷେତ୍ର ସହ ଜଡ଼ିତ ପ୍ରସଙ୍ଗ ଉପରେ ଆଲୋଚନା କରି କେନ୍ଦ୍ର ମନ୍ତ୍ରୀଙ୍କୁ ସୂଚନା ଦେଇଥିଲେ ଯେ, ରାଜ୍ୟରେ କୃଷକମାନଙ୍କୁ ପର୍ଯ୍ୟାପ୍ତ ଏବଂ ସମୟୋଚିତ ସାର ଏବଂ ମଞ୍ଜି ଉପଲବ୍ଧ କରାଇବା ପାଇଁ ସ୍ପଷ୍ଟ ନିର୍ଦ୍ଦେଶନାମା ଜାରି କରାଯାଇଛି। ଖରିଫ ଋତୁରେ କୃଷକମାନେ ଯେପରି କୌଣସି ପ୍ରକାରର ସମସ୍ୟାର ସମ୍ମୁଖୀନ ନହୁଅନ୍ତି ଏବଂ ଅତ୍ୟାବଶ୍ୟକ କୃଷି ଉପକରଣର ଯୋଗାଣ ଯେପରି ସୁରୁଖୁରୁରେ ବଜାୟ ରହେ, ତାହା ସରକାର ସୁନିଶ୍ଚିତ କରୁଛନ୍ତି।

# ମନି ଲଣ୍ଡରିଂ ମାମଲା: ଅଭିନେତ୍ରୀ ଜ୍ୟାକଲିନ୍ ଫର୍ଣ୍ଣାଣ୍ଡିଜ୍ ସୁପ୍ରିମକୋର୍ଟରୁ ଆବେଦନ ପ୍ରତ୍ୟାହାର କଲେ

ନୂଆଦିଲ୍ଲୀ, ଜୁନ୍ ୨୫ (ହି.ସ.)- ଫିଲ୍ମ ଅଭିନେତ୍ରୀ ଜ୍ୟାକଲିନ୍ ଫର୍ଣ୍ଣାଣ୍ଡିଜ୍ ୨୧୭ କୋଟି ଟଙ୍କା ଠକେଇ ମାମଲାରେ ଟ୍ରାଏଲ୍ କୋର୍ଟଙ୍କ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରୁ ତାଙ୍କର ଆବେଦନ ପ୍ରତ୍ୟାହାର କରିଛନ୍ତି। ଜଷ୍ଟିସ୍ ବି.ଭି. ନାଗାରଥନାଙ୍କ ନେତୃତ୍ୱାଧୀନ ଛୁଟିଦିନ ଖଣ୍ଡପୀଠ ଜ୍ୟାକଲିନ୍‌ଙ୍କୁ ଉପଲବ୍ଧ ଆଇନଗତ ବିକଳ୍ପ ଅନୁସରଣ କରିବାକୁ ଅନୁମତି ଦେଇଥିଲେ ।ପୂର୍ବରୁ, ଜୁନ୍ ୧୧ ତାରିଖରେ ଜଷ୍ଟିସ୍ ପ୍ରଶାନ୍ତ କୁମାର ମିଶ୍ର ଆବେଦନର ଶୁଣାଣିରୁ ନିଜକୁ ଓହରି ଯାଇଥିଲେ। ପଟିଆଲା ହାଉସ୍ କୋର୍ଟ ଏହି ମାମଲାରେ ଜ୍ୟାକଲିନ୍, ଠକ ସୁକେଶ ଚନ୍ଦ୍ରଶେଖର ଏବଂ ତାଙ୍କ ପତ୍ନୀ ଲୀନା ପଲଙ୍କ ବିରୋଧରେ ଅଭିଯୋଗ ଫଇସଲା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପଟିଆଲା ହାଉସ୍ କୋର୍ଟ ଏହି ଅଭିଯୁକ୍ତମାନଙ୍କ ବିରୁଦ୍ଧରେ ମକୋକା ଧାରା ୩ ଏବଂ ୪, ଭାରତୀୟ ଦଣ୍ଡ ସଂହିତାର ଧାରା ୧୭୦, ୧୮୬, ୩୮୪, ୩୮୬, ୩୮୮, ୪୦୬, ୪୦୯, ୪୨୦, ୪୬୮, ୪୭୧ ଏବଂ ୧୨୦ବି, ଆଇଟି ଆଇନର ଧାରା ୬୬ ସହିତ ଅଭିଯୋଗ ଫଇସଲା ପାଇଁ ନିର୍ଦ୍ଦେଶ ଦେଇଥିଲେ।

# ସମ୍ବିଧାନ ହତ୍ୟା ଦିବସ ଗଣତନ୍ତ୍ର ଏବଂ ସମ୍ବିଧାନର ସୁରକ୍ଷା ପାଇଁ ପ୍ରେରଣା ଦେଇଥାଏ: ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୨୫ ଜୁନ (ହି.ସ) ଗୁରୁବାର ଦିନ ସମ୍ବିଧାନ ହତ୍ୟା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜରୁରୀକାଳୀନ ପରିସ୍ଥିତିକୁ ଭାରତୀୟ ଗଣତନ୍ତ୍ରର ଏକ କଳା ଅଧ୍ୟାୟ ବୋଲି ବର୍ଣ୍ଣନା କରି କହିଛନ୍ତି ଯେ ଏହି ଦିନ ଆମକୁ ଗଣତନ୍ତ୍ର, ସମ୍ବିଧାନ ଏବଂ ନାଗରିକ ଅଧିକାରର ସୁରକ୍ଷା ପାଇଁ ସର୍ବଦା ପ୍ରତିଶ୍ରୁତିବଦ୍ଧ ହେବାକୁ ପ୍ରେରଣା ଦେଇଥାଏ। ପ୍ରଧାନମନ୍ତ୍ରୀ ମୋଦି ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ କହିଛନ୍ତି, 'ସମ୍ବିଧାନ ହତ୍ୟା ଦିବସ ଆମକୁ ସେହି ଅନ୍ଧକାର ସମୟକୁ ମନେ ପକାଉଛି ଯେତେବେଳେ ଭାରତୀୟ ଗଣତନ୍ତ୍ରକୁ ନିର୍ମମ ଭାବେ ଦମନ କରାଯାଇଥିଲା। ଏହା ଆମକୁ ଗଣତନ୍ତ୍ର, ସମ୍ବିଧାନ ଏବଂ ନାଗରିକ ଅଧିକାରର ସୁରକ୍ଷା ପାଇଁ ସର୍ବଦା ପ୍ରତିବଦ୍ଧ ହେବାକୁ ପ୍ରେରଣା ଦେଇଥାଏ। ଜରୁରୀକାଳୀନ ପରିସ୍ଥିତିକୁ ବିରୋଧ କରିଥିବା ସମସ୍ତ ବ୍ୟକ୍ତିତ୍ୱଙ୍କୁ ଅଭିବାଦନ । ଏହା ସହିତ ପ୍ରଧାନମନ୍ତ୍ରୀ 'ସଂସ୍କୃତ ସୁଭାଶିତମ୍' ସେୟାର କରି ଲେଖିଥିଲେ, 'ସ୍ୱତନ୍ତ୍ରତ ସୁଖମା ପଟୁତି ସ୍ୱତନ୍ତ୍ରୟଲ୍ଲଭତେ ପରମ। ସ୍ୱାଧୀନତା ହେଉଛି ସର୍ବୋଚ୍ଚ ସ୍ତରର ସ୍ୱାଧୀନତା । ଏହି ଅଭିବ୍ୟକ୍ତିର ଅର୍ଥ ହେଉଛି ଯେ ସ୍ୱାଧୀନତା ସୁଖ ଆଡ଼କୁ ନେଇଯାଏ; ସ୍ୱାଧୀନତାରୁ ହିଁ ମଣିଷ ସର୍ବୋଚ୍ଚ ଲକ୍ଷ୍ୟ ହାସଲ କରିପାରିବ। ସ୍ୱାଧୀନତା ସନ୍ତୋଷ, ଆଧ୍ୟାତ୍ମିକ ଶାନ୍ତି ଏବଂ ଜୀବନର ସର୍ବୋଚ୍ଚ ସ୍ଥିତିକୁ ପ୍ରବେଶ ପାଇଁ ପଥ ପରିଷ୍କାର କରେ । ସମ୍ବିଧାନ ହତ୍ୟା ଦିବସ ପ୍ରତିବର୍ଷ ୨୫ ଜୁନରେ ପାଳନ କରାଯାଏ । ୧୯୭୫ ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଦ୍ୱାରା ଦେଶରେ ଲାଗୁ କରାଯାଇଥିବା ଜରୁରୀକାଳୀନ ପରିସ୍ଥିତିକୁ ବିରୋଧ କରି ସରକାର ଏହି ଦିନଟିକୁ ପାଳନ କରିବା ଆରମ୍ଭ କରିଥିଲେ।

# ରାଜ୍ୟସଭାର ୧୦ ଜଣ ନବ ନିର୍ବାଚିତ ଏବଂ ପୁର୍ନନିର୍ବାଚିତ ସଦସ୍ୟଙ୍କ ଶପଥ ଗ୍ରହଣ

ନୂଆଦିଲ୍ଲୀ, ୨୫ ଜୁନ୍ (ହି.ସ.)- ରାଜ୍ୟସଭା ଅଧକ୍ଷ ସି. ପି. ରାଧାକ୍ରିଷ୍ଣନ ଗୁରୁବାର ଦିନ ରାଜ୍ୟସଭାରେ ୧୦ ଜଣ ନବ ନିର୍ବାଚିତ ଏବଂ ପୁର୍ନନିର୍ବାଚିତ ସଦସ୍ୟଙ୍କୁ ପଦ ଏବଂ ଗୋପନୀୟତାର ଶପଥ ପାଠ କରାଇଥିଲେ। ଶପଥ ଗ୍ରହଣ କରିଥିବା ସଦସ୍ୟମାନେ ହେଲେ ପ୍ରବୀଣ ଚକ୍ରବର୍ତୀ, ଦେବାଶିଷ ସାମନ୍ତରାୟ, ସନା ସତୀଶ ବାବୁ, ବିଜୟ ଚିନ୍ତାକାୟାଲା, ଭାଷ୍ୟମ ରାମ କ୍ରିଷ୍ଣା, ଲିଙ୍ଗାମନେନୀ ରମେଶ, ରାଜେଶ ପରମାନନ୍ଦ ଶୁକ୍ଳା, ବୈଦ୍ୟନାଥ ରାମ, ପରିମଲ ନାଥୱାନୀ ଏବଂ ତାଇ ତାଗକ। ତନ୍ମଧ୍ୟରୁ ୫ ଜଣ ସଦସ୍ୟ ହିନ୍ଦୀରେ, ଜଣେ ସଦସ୍ୟ ଇଂରାଜୀରେ, ଜଣେ ସଦସ୍ୟ ତାମିଲରେ ଏବଂ ତିନି ଜଣ ସଦସ୍ୟ ତେଲୁଗୁରେ ଶପଥ ଗ୍ରହଣ କରିଥିଲେ। ଶପଥ ଗ୍ରହଣ କରିଥିବା ସଦସ୍ୟମାନଙ୍କ ମଧ୍ୟରେ ଆନ୍ଧ୍ର ପ୍ରଦେଶରୁ ୪ ଜଣ, ଝାଡ଼ଖଣ୍ଡରୁ ୨ ଜଣ ଏବଂ ତାମିଲନାଡୁ, ଗୁଜରାଟ, ଅରୁଣାଚଳ ପ୍ରଦେଶ ଏବଂ ଓଡ଼ିଶାର ଜଣେ ଲେଖାଏଁ ସଦସ୍ୟ ରହିଛନ୍ତି। ଏହି ଅବସରରେ ଆଇନ ଓ ନ୍ୟାୟ ରାଷ୍ଟ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ, ରାଜ୍ୟସଭା ସାଧାରଣ ସମ୍ପାଦକ ପି. ସି. ମୋଦୀ, ଗୃହର ଅନ୍ୟ ସଦସ୍ୟ, ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ରାଜ୍ୟସଭା ସଚିବାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ମଣିପୁରରେ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଓ ଗୋଳାବାରୁଦ ଜବତ : ଜଣେ ଆତଙ୍କବାଦୀ ଗିରଫ

ଇମ୍ଫାଲ, ଜୁନ ୨୫ (ହି.ସ)। ମଣିପୁରରେ ପୋଲିସ୍ ଏବଂ ସୁରକ୍ଷା ଏଜେନ୍ସିମାନେ ବେଆଇନ ଅସ୍ତ୍ରଶସ୍ତ୍ର, ଆତଙ୍କବାଦୀ ଏବଂ ନିଶା ଦ୍ରବ୍ୟ ବିରୁଦ୍ଧରେ ଅପରେସନ ଜାରି ରଖିଛନ୍ତି। କାଙ୍ଗପୋକପି ଜିଲ୍ଲାରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଏବଂ ଗୋଳାବାରୁଦ ଉଦ୍ଧାର କରାଯାଇଥିବା ବେଳେ ଇମ୍ଫାଲ ପଶ୍ଚିମ ଜିଲ୍ଲାରୁ ଜଣେ ଆତଙ୍କବାଦୀଙ୍କୁ ଗିରଫ କରାଯାଇଛି। ରାଜ୍ୟର ବିଭିନ୍ନ ସ୍ଥାନରେ ସୁରକ୍ଷା ବାହିନୀ ଦ୍ୱାରା ସର୍ଚ୍ଚ ଅପରେସନ ମଧ୍ୟ ଜାରି ରହିଛି। ଆଜି ମଣିପୁର ପୋଲିସ ମୁଖ୍ୟାଳୟ ଦ୍ୱାରା ଜାରି ଏକ ସରକାରୀ ବିଜ୍ଞପ୍ତି ଅନୁଯାୟୀ, ସୁରକ୍ଷା ବାହିନୀ କାଙ୍ଗପୋକପି ଜିଲ୍ଲାର କୋଟଲେନ ଅଞ୍ଚଳରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଏବଂ ଗୁଳିଗୋଳା ଉଦ୍ଧାର କରିଛନ୍ତି। ଉଦ୍ଧାର ହୋଇଥିବା ଅସ୍ତ୍ରଶସ୍ତ୍ର ମଧ୍ୟରେ ମୁଖ୍ୟତଃ ଗୋଟିଏ ଏମ୍. ଏମ୍. ଏକ୍ସ-କ୍ୟାଲିବର ରାଇଫଲ, ଆଠଟି ସିଙ୍ଗଲ ବ୍ୟାରେଲ ରାଇଫଲ, ଚାରୋଟି ଇମ୍ପ୍ରୋଭାଇଜ୍ଡ ମୋର୍ଟାର, ଗୋଟିଏ ୟୁ. ବି. ଜି., ପାଞ୍ଚଟି ଲାଥୋଡ, ବିଭିନ୍ନ କ୍ୟାଲିବରର ୨୩୬ଟି ଜୀବନ୍ତ କାର୍ତ୍ରିଜ, ଦୁଇଟି ମାଗାଜିନ, ଗୋଟିଏ ବାଓଫେଙ୍ଗ ହ୍ୟାଣ୍ଡସେଟ ଏବଂ ଚାର୍ଜର ରହିଛି। ପୋଲିସ କହିଛି ଯେ ଜୁନ ୨୨, ରେ ସୁରକ୍ଷା ବାହିନୀ ମଣିପୁର ନାଗା ପିପୁଲ୍ସ ଫ୍ରଣ୍ଟ (ଏମଏନପିଏଫ) ର ଜଣେ ତଥାକଥିତ ଲାନ୍ସ କର୍ପୋରାଲ, ସିରୋ ଭୁଙ୍ଗଟା ଓରଫ ରୋନାଲଡୋ (୨୪), ଯିଏ କାମଜୋଙ୍ଗ ଜିଲ୍ଲାର ତାରୋଙ୍ଗ ଗାଁର ବାସିନ୍ଦା, ଇମ୍ଫାଲ ପଶ୍ଚିମ ଜିଲ୍ଲାର ଇମ୍ଫାଲ ପଶ୍ଚିମ ପୋଲିସ ଷ୍ଟେସନ ଅଞ୍ଚଳର ଆଇଏସବିଟି ଗେଟ୍ ନିକଟରେ ଖୁମାନ ଲାମ୍ପାକରୁ ଗିରଫ ହୋଇଥିଲେ। ଇତି ମଧ୍ୟରେ, ୨୪ ଜୁନ ରେ, ସୁରକ୍ଷା ବାହିନୀ ଜିଲ୍ଲାର ଉପକଣ୍ଠ ଏବଂ ସମ୍ବେଦନଶୀଳ ଅଞ୍ଚଳରେ ସର୍ଚ୍ଚ ଅପରେସନ ଏବଂ ଏରିଆ ଡୋମିନେସନ ଅପରେସନରେ ନିୟୋଜିତ ରହିଥିଲେ, ଯାହାର ଫଳସ୍ୱରୂପ ଅସ୍ତ୍ରଶସ୍ତ୍ର ଏବଂ ଗୁଳିଗୋଳା ଉଦ୍ଧାର କରାଯାଇଥିଲା। ଉଭୟ ପାର୍ବତ୍ୟାଞ୍ଚଳ ଏବଂ ଉପତ୍ୟକା ଅଞ୍ଚଳରେ ମଣିପୁରର ବିଭିନ୍ନ ଜିଲ୍ଲାରେ ମୋଟ ୧୧୨ଟି ଚେକପଏଣ୍ଟ/ଚେକପଏଣ୍ଟ ସ୍ଥାପନ କରାଯାଇଥିଲା।

# ନିର୍ଜଳା ଏକାଦଶୀ ଅବସରରେ କାଶୀର ପବିତ୍ର ଗଙ୍ଗାରେ ଲକ୍ଷ ଲକ୍ଷ ଭକ୍ତଙ୍କ ବୁଡ

ବାରାଣସୀ, ଜୁନ୨୫ (ହି.ସ)। ଗୁରୁବାର ଦିନ ଉତ୍ତର ପ୍ରଦେଶର ପବିତ୍ର ସହର ବାରାଣସୀ (କାଶୀ) ରେ ନିର୍ଜଳା ଏକାଦଶୀ ଅବସରରେ ଲକ୍ଷ ଲକ୍ଷ ସନାତନ ଭକ୍ତ ପବିତ୍ର ଗଙ୍ଗା ନଦୀରେ ଏକ ପବିତ୍ର ବୁଡ଼ ପକାଇ ଗଙ୍ଗା ଘାଟରେ ଦାନ କରିଥିଲେ। ସ୍ନାନ ପର୍ବରେ ନଦୀରେ ସ୍ନାନ କରିବା ପାଇଁ ଭକ୍ତମାନେ ସକାଳେ ଗଙ୍ଗା ଘାଟରେ ପହଞ୍ଚିବା ଆରମ୍ଭ କରିଥିଲେ। ଗଙ୍ଗା ସ୍ନାନ ପାଇଁ ପ୍ରାଚୀନ ଦଶାଶ୍ୱମେଧ ଘାଟ, ରାଜେନ୍ଦ୍ର ପ୍ରସାଦ ଘାଟ, ଶୀତଳଘାଟ, ଅହିଲ୍ୟାବାଇ ଘାଟ, ପଞ୍ଚଗଙ୍ଗା ଘାଟ, ସମ୍ନେଘାଟରେ ବିପୁଳ ଜନସମାଗମ ହୋଇଥିଲା। ସ୍ନାନକାରୀଙ୍କ କାରଣରୁ ଗୌଡ଼ୋଲିଆରୁ ଦଶାଶ୍ୱମେଧ ଘାଟ ପର୍ଯ୍ୟନ୍ତ ଦୃଶ୍ୟ ଏକ ମେଳା ଭଳି ଥିଲା। ଗଙ୍ଗା କୂଳରୁ ବାବା ବିଶ୍ୱନାଥ ଦରବାର ପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରିଥିଲା। ଶୀତଳାଘାଟର ତୀର୍ଥ ପୁରୋହିତ ଦୀନେଶ ଉପାଧ୍ୟାୟ କହିଛନ୍ତି ଯେ ସନାତନ ଧର୍ମରେ ନିର୍ଜଳା ଏକାଦଶୀର ବହୁତ ଗୁରୁତ୍ୱ ରହିଛି। ଏହି ଦିନ ବ୍ରହ୍ମାଣ୍ଡର ପ୍ରଭୁ ଭଗବାନ ବିଷ୍ଣୁଙ୍କୁ ସମର୍ପିତ। ବର୍ଷର ସମସ୍ତ ଏକାଦଶୀ ମଧ୍ୟରେ ଏହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଏ । ଏହି ଦିନ ଉପବାସ ପାଳନ କରିବା ଦ୍ୱାରା ଭକ୍ତମାନେ ସଦ୍ଗୁଣ ଲାଭ ପାଆନ୍ତି ଏବଂ ବର୍ଷସାରା ଏକାଦଶୀ ଉପବାସର ଫଳ ପାଆନ୍ତି । ତୀର୍ଥ ପୁରୋହିତ କହିଛନ୍ତି ଯେ ଏକାଦଶୀ ଦିନ ସନାତନ ଚାଉଳ ଖାଆନ୍ତି ନାହିଁ କିମ୍ବା ଚାଉଳ ଦାନ କରନ୍ତି ନାହିଁ। ଏହି ଦିନ ଲୋକମାନେ ଫଳ, ଫୁଲ, ଆମ୍ବ, କଦଳୀ ଇତ୍ୟାଦି ଦାନ କରନ୍ତି । ଗାଗ୍ରି ଭର୍ତ୍ତି କରାଯାଏ ଏବଂ ବ୍ରାହ୍ମଣଙ୍କୁ ପାଣି ଦାନ କରାଯାଏ । ନିର୍ଜଳା ଏକାଦଶୀ, ଯାହାକୁ ଭୀମ ଏକାଦଶୀ ମଧ୍ୟ କୁହାଯାଏ, ହେଉଛି ଜ୍ୟେଷ୍ଠ ମାସର ଏକ ଏକାଦଶୀ। ନିର୍ଜଳା ଏକାଦଶୀ ବ୍ରତ ମନକୁ ସଂଯମ ଶିକ୍ଷା ଦେଇଥାଏ ଏବଂ ଶରୀରକୁ ନୂତନ ଶକ୍ତି ଦେଇଥାଏ। ପୌରାଣିକ ବିଶ୍ୱାସ ଅନୁଯାୟୀ, ଏହି ଏକାଦଶୀରେ ବ୍ରହ୍ମହତ୍ୟା ସମେତ ସମସ୍ତ ପାପକୁ ପ୍ରଶମିତ କରିବାର ଶକ୍ତି ରହିଛି। ଏହି ଦିନ, ଜଣେ ମନ, କାର୍ଯ୍ୟ, ଶବ୍ଦ ଦ୍ୱାରା କୌଣସି ପ୍ରକାରର ପାପପୂର୍ଣ୍ଣ କାର୍ଯ୍ୟ ନକରିବାକୁ ଚେଷ୍ଟା କରିବା ଉଚିତ୍ । ଏଥି ସହିତ, ତାମସିକ ଖାଦ୍ୟ, ନିନ୍ଦା ଏବଂ ଅନ୍ୟମାନଙ୍କ ପ୍ରତି ଅପମାନ ମଧ୍ୟ ଏଡ଼ାଇବା ଉଚିତ୍ । ଭକ୍ତିର ସହିତ ଏହି ବ୍ରତ କରିବା ଦ୍ୱାରା, ବ୍ରତ କୋଟି କୋଟି ଗାଈ ଦାନ କରିବା ଭଳି ସମାନ ଫଳାଫଳ ପାଇଥାଏ।

# ବିବାଦୀୟ ଭିଡିଓ ଉପରେ ଭଗବନ୍ତ ମାନଙ୍କ ଦାବି: ଏକ ମାସ୍କ ବ୍ୟବହାର କରି ତିଆରି କରାଯାଇଥିଲା ଭିଡିଓ

ଚଣ୍ଡିଗଡ଼, ୨୫ ଜୁନ୍ (ହିସ): ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନ ଦାବି କରିଛନ୍ତି ଯେ ବିବାଦୀୟ ଭିଡିଓଟି ଏକ ଷଡ଼ଯନ୍ତ୍ରର ଅଂଶ ଭାବରେ ଏକ ମାସ୍କ ବ୍ୟବହାର କରି ସୁଟ୍ କରାଯାଇଥିଲା। କାନାଡାରେ ରହୁଥିବା ଜଗମନ ସାମରା ଏହି ଷଡ଼ଯନ୍ତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି। ଗୁରୁବାର ଦିନ ପଞ୍ଜାବର ମୋହାଲିରେ ଡିଜିଟାଲ ପ୍ରମାଣ ଉପସ୍ଥାପନ କରି ଭଗବନ୍ତ ମାନ ଦାବି କରିଛନ୍ତି ଯେ ଭିଡିଓଟିକୁ ତଦନ୍ତ ପାଇଁ ଅକାଳ ତଖ୍ତ ସାହିବକୁ ମଧ୍ୟ ପଠାଯିବ। ଉଲ୍ଲେଖନୀୟ ଯେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନଙ୍କ ଏକ ଭିଡିଓ ଭାଇରାଲ ହୋଇଥିଲା, ଯେଉଁଥିରେ ତାଙ୍କୁ ଏକ ହୋଟେଲ ରୁମରେ ମଦ୍ୟପ ଅବସ୍ଥାରେ, ଗୁରୁ ସାହିବାନଙ୍କ ଫଟୋ ସହିତ ଅସଦାଚରଣ କରୁଥିବାର ଦେଖାଯାଇଥିଲା। ଏହି ଭିଡିଓର ଏଫଏଲଏସ ତଦନ୍ତ ଆଧାରରେ, ଅକାଳ ତଖ୍ତ ସାହିବ ଜଥେଦାର ଜ୍ଞାନୀ କୁଲଦୀପ ସିଂହ ଗଡଗଜ ଜୁନ୍ ୨୯ ରେ ଭଗବନ୍ତ ମାନ ଏବଂ ତାଙ୍କ କ୍ୟାବିନେଟର ଶିଖ ମନ୍ତ୍ରୀ ଏବଂ ବିଧାୟକମାନଙ୍କୁ ସମନ କରିଛନ୍ତି।

# ଇନ୍ଦିରା ଗାନ୍ଧୀଙ୍କ ପଦବୀ ବଂଚାଇବା ପାଇଁ ଜରୁରୀକାଳୀନ ପରିସ୍ଥିତି ଲାଗୁ କରାଯାଇଥିଲା : ରବି ଶଙ୍କର ପ୍ରସାଦ

ନୂଆଦିଲ୍ଲୀ, ୨୫ ଜୁନ୍ (ହିସ) - ଭାରତୀୟ ଜନତା ପାର୍ଟି (ବିଜେପି)ର ବରିଷ୍ଠ ନେତା ଏବଂ ସାଂସଦ ରବି ଶଙ୍କର ପ୍ରସାଦ ଗୁରୁବାର କହିଛନ୍ତି ଯେ କେବଳ ଇନ୍ଦିରା ଗାନ୍ଧୀଙ୍କ ପଦବୀ ବଂଚାଇବା ପାଇଁ ଜରୁରୀକାଳୀନ ପରିସ୍ଥିତି ଲାଗୁ କରାଯାଇଥିଲା। ପାର୍ଟି ମୁଖ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସେ ଜୁନ୍ ୨୫, ୧୯୭୫ରେ ଲାଗୁ ହୋଇଥିବା ଜରୁରୀକାଳୀନ ପରିସ୍ଥିତିକୁ ଭାରତୀୟ ଗଣତନ୍ତ୍ରର ସବୁଠାରୁ ଦୁଃଖଦ ଏବଂ କଳା ଅଧ୍ୟାୟ ବୋଲି ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି ଯେ ଆଲାହାବାଦ ହାଇକୋର୍ଟ ଇନ୍ଦିରା ଗାନ୍ଧୀଙ୍କ ନିର୍ବାଚନକୁ ରଦ୍ଦ କରିଦେଇଥିଲେ। ଇନ୍ଦିରା ଗାନ୍ଧୀ ଏହି ନିଷ୍ପତି ବିରୁଦ୍ଧରେ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ, କିନ୍ତୁ ତାଙ୍କୁ ସମ୍ପୂର୍ଣ୍ଣ ଆଶ୍ୱସ୍ତି ମିଳିନଥିଲା। ଯେତେବେଳେ ଏହି ଘଟଣା ଘଟିଥିଲା, ଇନ୍ଦିରା ଗାନ୍ଧୀଙ୍କୁ ରକ୍ଷା କରିବା ପାଇଁ ପ୍ରୟାସ ଆରମ୍ଭ ହୋଇଥିଲା ଏବଂ ଏହି କ୍ରମରେ ଜରୁରୀକାଳୀନ ପରିସ୍ଥିତି ଲାଗୁ କରାଯାଇଥିଲା। ରବି ଶଙ୍କର ପ୍ରସାଦ କହିଥିଲେ ଯେ ଜରୁରୀକାଳୀନ ପରିସ୍ଥିତିକୁ ୫୦ ବର୍ଷ ବିତିଗଲାଣି। ଆଜି ଦେଶରେ ଗଣତନ୍ତ୍ରକୁ ରକ୍ଷା କରିବାର କଥା କୁହାଯାଉଛି ଏବଂ ସମ୍ବିଧାନକୁ ପ୍ରଶଂସା କରାଯାଉଛି। ଏପରି ପରିସ୍ଥିତିରେ, ୫୦ ବର୍ଷ ପୂର୍ବେ ଘଟିଥିବା ଘଟଣା ସାମ୍ନା କରିଥିବା ଲୋକମାନଙ୍କୁ ପର୍ଦ୍ଦାଫାସ କରିବା ଗୁରୁତ୍ୱପୂର୍ଣ୍ଣ। ସେ କହିଥିଲେ ଯେ ସେ ଜେପି ଆନ୍ଦୋଳନର ଜଣେ ଯୋଦ୍ଧା ଥିଲେ, ମିସା ଅଧୀନରେ ମଧ୍ୟ ଜେଲ ଯାଇଥିଲେ ଏବଂ ଜରୁରୀକାଳୀନ ପରିସ୍ଥିତି ବିରୁଦ୍ଧରେ ଲଢ଼ିଥିଲେ। ତେଣୁ, ଆମେ ସେହି ସମୟର ଘଟଣାଗୁଡ଼ିକୁ ପ୍ରତ୍ୟକ୍ଷ ଭାବରେ ମନେ ପକାଇପାରିବା। ଅନେକ ସାମ୍ବାଦିକ ଜେଲରେ ନିର୍ଯାତନା ଉପରେ ପୁସ୍ତକ ଲେଖିଛନ୍ତି।

# ହାଉସିଂ ସୋସାଇଟି ଠକେଇ ମାମଲାରେ ଦିଲ୍ଲୀ ଏବଂ ଗାଜିଆବାଦରେ ଚଢାଉ

ନୂଆଦିଲ୍ଲୀ, ୨୫ ଜୁନ୍ (ହିସ): ପ୍ରବର୍ତନ ନିର୍ଦ୍ଦେଶାଳୟ (ଇଡି) ର ଲକ୍ଷ୍ନୌ ଆଂଚଳିକ କାର୍ଯ୍ୟାଳୟ ଗୁରୁବାର ଦିନ ମନି ଲଣ୍ଡରିଂ ନିବାରଣ ଆଇନ (ପିଏମଏଲଏ), ୨୦୦୨ ର ଧାରା ୧୭ ଅନ୍ତର୍ଗତ ଗାଜିଆବାଦ ଏବଂ ଦିଲ୍ଲୀର ଅନେକ ସ୍ଥାନରେ ତଲାସ କରିଥିଲା। ସନ୍ଦୀପ ସିଂହ ଶ୍ରେଷ୍ଠ ପ୍ରପବିଲ୍ଡ ପ୍ରାଇଭେଟ୍ ଲିମିଟେଡର ପ୍ରମୋଟର ଏବଂ ସେବା ସୁରକ୍ଷା ସମବାୟ ହାଉସିଂ ସୋସାଇଟିର ଅଧିକାରୀଙ୍କ ବିରୁଦ୍ଧରେ ଚାଲିଥିବା ତଦନ୍ତ ସହିତ ଜଡିତ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏଡି ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା ଅନୁଯାୟୀ, ତଦନ୍ତରୁ ଜଣାପଡିଛି ଯେ ଅଭିଯୁକ୍ତମାନେ ଏକ ପୁନଃବିକାଶ ପ୍ରକଳ୍ପ ଅଧୀନରେ ଆବାସିକ ଫ୍ଲାଟ ପ୍ରତିଶ୍ରୁତି ଦେଇ ଗାଜିଆବାଦର ଆକବରପୁର ବହରମପୁରରେ ପ୍ରାୟ ୪୧,୫୪୪ ବର୍ଗ ମିଟର ଜମି ଉପରେ ସେମାନଙ୍କର ଅଧିକାର ପରିତ୍ୟାଗ କରିବାକୁ ହାଉସିଂ ସୋସାଇଟିର ସଦସ୍ୟମାନଙ୍କୁ ପ୍ରବର୍ତାଇଥିଲେ। ପରବର୍ତୀ ସମୟରେ, ସୋସାଇଟିର ଜମି ଏବଂ ଫ୍ଲାଟଗୁଡ଼ିକୁ ତୃତୀୟ ପକ୍ଷକୁ ବିକ୍ରି କରାଯାଇଥିଲା, ବିକାଶ ଅଧିକାରର ଅପବ୍ୟବହାର କରି, ଯାହା ଫଳରେ ବେଆଇନ ଆୟ ହୋଇଥିଲା।


# ଜେପି ନଡ୍ଡାଙ୍କୁ ଭେଟିଲେ ବିଷ୍ଣୁଦେବ ସାଇ, ସ୍ୱାସ୍ଥ୍ୟ ସେବା ଏବଂ ଚାଷୀଙ୍କ ପାଇଁ ସାର ଏବଂ ବିହନ ଉପଲବ୍ଧତା ଉପରେ ବିସ୍ତୃତ ଆଲୋଚନା

ନୂଆଦିଲ୍ଲୀ, ଜୁନ୍ ୨୫ (ହି.ସ.)- ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଇ ଗୁରୁବାର ନୂଆଦିଲ୍ଲୀସ୍ଥିତ ତାଙ୍କ ବାସଭବନରେ କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ଏବଂ ରସାୟନ ଏବଂ ସାର ମନ୍ତ୍ରୀ ଜେପି ନଡ୍ଡାଙ୍କୁ ଭେଟିଥିଲେ ।ଏହି ସମୟରେ ଉଭୟ ଜନସ୍ୱାସ୍ଥ୍ୟ, ଚିକିତ୍ସା ଭିତ୍ତିଭୂମି ଏବଂ ଔଷଧ ଏବଂ ସାର କ୍ଷେତ୍ର ସମେତ ବିଭିନ୍ନ ବିଭାଗୀୟ ଏବଂ ସମସାମୟିକ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ ।ମୁଖ୍ୟମନ୍ତ୍ରୀ ସାଇ କେନ୍ଦ୍ରମନ୍ତ୍ରୀଙ୍କୁ ସୂଚନା ଦେଇଥିଲେ ଯେ ଛତିଶଗଡ଼ ସରକାର ସ୍ୱାସ୍ଥ୍ୟ ସେବାକୁ ବିସ୍ତାର ଏବଂ ସୁଦୃଢ଼ କରିବା ପାଇଁ ନିରନ୍ତର କାର୍ଯ୍ୟ କରୁଛି । ବିଶେଷକରି ଦୂରଦୂରାନ୍ତ, ଗ୍ରାମାଞ୍ଚଳ ଏବଂ ଆଦିବାସୀ ଅଞ୍ଚଳରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ହସ୍ପିଟାଲ, ମେଡିକାଲ କଲେଜ ଏବଂ ଅନ୍ୟାନ୍ୟ ଚିକିତ୍ସା ପ୍ରତିଷ୍ଠାନଗୁଡ଼ିକୁ ସୁଦୃଢ଼ କରାଯାଉଛି। ସେ କହିଥିଲେ ଯେ ରାଜ୍ୟ ସରକାରଙ୍କ ପ୍ରୟାସ ହେଉଛି ରାଜ୍ୟର ନାଗରିକମାନଙ୍କୁ ସେମାନଙ୍କ ନିଜ ରାଜ୍ୟ ମଧ୍ୟରେ ଉନ୍ନତ ଚିକିତ୍ସା ଏବଂ ଆଧୁନିକ ସ୍ୱାସ୍ଥ୍ୟସେବା ସୁବିଧା ଉପଲବ୍ଧ କରିବା। ବୈଠକ ସମୟରେ, ମୁଖ୍ୟମନ୍ତ୍ରୀ କୃଷି ଏବଂ ସାର କ୍ଷେତ୍ର ସହିତ ଜଡିତ ସମସ୍ୟାଗୁଡ଼ିକ ଉପରେ ମଧ୍ୟ ଆଲୋଚନା କରିଥିଲେ ।ସେ କେନ୍ଦ୍ରମନ୍ତ୍ରୀଙ୍କୁ ସୂଚନା ଦେଇଥିଲେ ଯେ ରାଜ୍ୟରେ ଚାଷୀମାନଙ୍କୁ ସାର ଏବଂ ବିହନର ପର୍ଯ୍ୟାପ୍ତ ଏବଂ ସମୟୋଚିତ ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ସ୍ପଷ୍ଟ ନିର୍ଦ୍ଦେଶ ଜାରି କରାଯାଇଛି । ଖରିଫ ଋତୁରେ ଚାଷୀମାନେ ଯେପରି କୌଣସି ସମସ୍ୟାର ସମ୍ମୁଖୀନ ନ ହୁଅନ୍ତି ଏବଂ ଅତ୍ୟାବଶ୍ୟକ କୃଷି ସାମଗ୍ରୀର ଯୋଗାଣ ନିରନ୍ତର ଭାବରେ ଜାରି ରହେ ତାହା ସରକାର ସୁନିଶ୍ଚିତ କରୁଛନ୍ତି ।ମୁଖ୍ୟମନ୍ତ୍ରୀ ସାଇ କହିଛନ୍ତି ଯେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଯେ ସାର ବଣ୍ଟନ ବ୍ୟବସ୍ଥା ଉପରେ ନିରନ୍ତର ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି ଏବଂ ଯେକୌଣସି ପ୍ରକାରର କଳାବଜାରୀ, ମହଜୁଦକାରୀ କିମ୍ବା ଅବହେଳାକୁ ଶୂନ୍ୟ ସହ୍ୟ କରାଯିବ। ସେ ଚାଷୀମାନଙ୍କୁ ଆଧୁନିକ କୃଷି କୌଶଳ ସହିତ ଯୋଡ଼ିବା ଏବଂ ନୂତନ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରିବାକୁ ଉତ୍ସାହିତ କରିବା ପାଇଁ ଗାଁ-ଗାଁ ଅଭିଯାନକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ସେ କେନ୍ଦ୍ରମନ୍ତ୍ରୀଙ୍କୁ ଏହା ମଧ୍ୟ ସୂଚନା ଦେଇଛନ୍ତି ଯେ ରାଜ୍ୟ ସରକାର ନାନୋ ୟୁରିଆ ଏବଂ ନାନୋ ଡିଏପି ବ୍ୟବହାରକୁ ପ୍ରୋତ୍ସାହିତ କରୁଛନ୍ତି।

# କୁଏତରେ ଗଠିତ ରାଜସ୍ଥାନ ଫାଉଣ୍ଡେସନ ଚାପ୍ଟର : ଡୁଙ୍ଗରପୁରର ଦୟାଲାଲ କୁମ୍ଭାର ପ୍ରଥମ ସଭାପତି ନିଯୁକ୍ତ

ଡୁଙ୍ଗରପୁର, ଜୁନ୍ ୨୫ (ହି.ସ.)- ବିଶ୍ୱ ପ୍ରବାସୀ ରାଜସ୍ଥାନୀଙ୍କୁ ସେମାନଙ୍କ ଜନ୍ମଭୂମି ସହିତ ଯୋଡ଼ିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ, କୁଏତରେ ରାଜସ୍ଥାନ ଫାଉଣ୍ଡେସନ ଚାପ୍ଟର ପ୍ରତିଷ୍ଠିତ ହୋଇଛି। ରାଜସ୍ଥାନର ମୁଖ୍ୟମନ୍ତ୍ରୀ ଏବଂ ରାଜସ୍ଥାନ ଫାଉଣ୍ଡେସନର ସଭାପତି କୁଏତର ଜଣେ ପ୍ରସିଦ୍ଧ ପ୍ରବାସୀ ସମାଜସେବୀ ଦୟାଲାଲ କୁମ୍ଭାର (ପ୍ରଜାପତି)ଙ୍କୁ ଏହି ନବଗଠିତ ଚାପ୍ଟରର ପ୍ରଥମ ସଭାପତି ଭାବରେ ମନୋନୀତ କରିଛନ୍ତି। ମୂଳତଃ ରାଜସ୍ଥାନର ଡୁଙ୍ଗରପୁର ଜିଲ୍ଲାର ଗାଲିଆକୋଟ ତହସିଲର ଗରିଆଟାର ବାସିନ୍ଦା, ଦୟାଲାଲ କୁମ୍ଭାର ଦୀର୍ଘ ଦିନ ଧରି କୁଏତରେ ସାମାଜିକ, ସାଂସ୍କୃତିକ ଏବଂ ସାମୁଦାୟିକ କାର୍ଯ୍ୟକଳାପରେ ପ୍ରମୁଖ ଭୂମିକା ଗ୍ରହଣ କରିଆସୁଛନ୍ତି। ତାଙ୍କର ନିଯୁକ୍ତି କୁଏତ ଏବଂ ବିଶ୍ୱବ୍ୟାପୀ ବାସ କରୁଥିବା ପ୍ରବାସୀ ରାଜସ୍ଥାନୀଙ୍କ ପାଇଁ ଆନନ୍ଦ ଏବଂ ଗର୍ବ ଆଣିଛି ।ରାଜସ୍ଥାନ ଫାଉଣ୍ଡେସନର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ବିଶ୍ୱବ୍ୟାପୀ ବାସ କରୁଥିବା ଅଣ-ନିବାସୀ ରାଜସ୍ଥାନୀ (ଏନଆରଆରଏସ) ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ଏକ ଦୃଢ଼ ସେତୁ ନିର୍ମାଣ କରିବା। କୁଓ୍ୱେତ ଚାପ୍ଟର ମାଧ୍ୟମରେ, ଉପସାଗରୀୟ ଦେଶରେ ରହୁଥିବା ପ୍ରବାସୀମାନେ ଏବେ ରାଜସ୍ଥାନ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା, ନିବେଶ ସୁଯୋଗ, ଷ୍ଟାର୍ଟଅପ୍, ପର୍ଯ୍ୟଟନ, ଶିକ୍ଷା ଏବଂ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ସହିତ ସିଧାସଳଖ ଯୋଡ଼ି ହେବେ।

# ରାଇବଣିଆର ନୂତନ ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା ନିମନ୍ତେ ଜଗଦଗୁରୁ ଶଙ୍କରାଚାର୍ଯ୍ୟ ଭଗବାନଙ୍କ ଆଗମନ ନିମନ୍ତେ ଏକ ପ୍ରାକ୍ ପ୍ରସ୍ତୁତି ବୈଠକ ଅନୁଷ୍ଠିତ



ଜଳେଶ୍ୱର, ୨୬/୬(ନି. ପ୍ର): ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କ ପ୍ରଚେଷ୍ଟା ଏବଂ ସରପଞ୍ଚ ସନ୍ଦୀପ ନାରାୟଣ ଘୋଷଙ୍କ ଉଦ୍ୟମରେ ଜଳେଶ୍ୱର ବ୍ଲକ ରାଇବଣିଆ ଠାରେ ନୂତନ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ନିମନ୍ତେ ଜଗଦଗୁରୁ ଶଙ୍କରାଚାର୍ଯ୍ୟ ଭଗବାନଙ୍କ ଆଗମନ ପାଇଁ ରାଇବଣିଆ ତପନେଶ୍ୱର ମନ୍ଦିର ପ୍ରାଙ୍ଗଣରେ ବଂଶୀଧର ଗାନ୍ଧୀଙ୍କ ସଭାପତିତ୍ୱରେ ଏକ ପ୍ରାକ୍ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ପୁରୀ ଗୋବର୍ଦ୍ଧନ ପୀଠର ଅନନ୍ତ ଶ୍ରୀ ବିଭୂଷିତ ଶ୍ରୀମଦ୍ ଜଗଦ୍ ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ଶ୍ରୀନିଶ୍ଚଳାନନ୍ଦ ସରସ୍ୱତୀ ମହାରାଜଙ୍କ ପ୍ରତିନିଧି ତଥା ରାଜ୍ୟ ଅଧ୍ୟକ୍ଷ ପଣ୍ଡିତ ମାତୃ ପ୍ରସାଦ ମିଶ୍ରଜୀ, ରାଜ୍ୟ ମହାମନ୍ତ୍ରୀ ଶ୍ରୀଯୁକ୍ତ କୁମାର ସତ୍ୟଜିତ ବେଜଜୀ, ବାଲେଶ୍ୱର ଜିଲ୍ଲାର କ୍ଷେତ୍ରୀୟ ସଂପାଦକ ଶ୍ରୀଯୁକ୍ତ ଗିରିଜା ଶଙ୍କର କରଜୀ, ଯାଜପୁର ଜିଲ୍ଲାର କ୍ଷେତ୍ରୀୟ ସଂପାଦକ ପଣ୍ଡିତ ଲୋକନାଥ ପଣ୍ଡାଜୀ ଉକ୍ତ ବୈଠକରେ ଯୋଗଦାନ କରିଥିଲେ।ଆଗାମୀ ଦିନରେ ଶଙ୍କରାଚାର୍ଯ୍ୟ ଭଗବାନଙ୍କ ରାଇବଣିଆ ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପାଇଁ ଆଗମନ ନେଇ ପଣ୍ଡିତ ମିଶ୍ରଜୀ କହିଛନ୍ତି ଯେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ନିମନ୍ତେ ସମିତି ଗଠନ କରି,ସେହି ସମିତିର ସମସ୍ତ ମାନ୍ୟକାର୍ଯ୍ୟକର୍ତ୍ତା ମାନେ ଗୋବର୍ଦ୍ଧନ ପୀଠ ପହଞ୍ଚି ଶ୍ରୀଶଙ୍କରାଚାର୍ଯ୍ୟ ଭଗବାନଙ୍କୁ ନିମନ୍ତ୍ରଣ ରଖନ୍ତୁ ବୋଲି କହିଥିଲେ। ଉକ୍ତ ବୈଠକରେ ମାତୃ ମଣ୍ଡଳୀ, ଭଦ୍ରବ୍ୟକ୍ତି, ତଥା ଗ୍ରାମବାସି ମାନେ ଉପସ୍ଥିତ ଥିଲେ।

# ବଡସାହିରେ ଭଞ୍ଜସେନାର ମଶାଲ ଶୋଭାଯାତ୍ରା



ବଡ଼ସାହ, ୨୬/୬(ନି. ପ୍ର): ରତ୍ନଗର୍ଭା ଶିମିଳିପାଳର ସମ୍ପୂର୍ଣ ସୁରକ୍ଷା ସହ ପର୍ଯ୍ୟଟନ ଶିଳ୍ପ ଓ ପ୍ରାକୃତିକ ସମ୍ପଦ ମାଧ୍ୟମରେ ମୟୂରଭଞ୍ଜ ବାସୀଙ୍କୁ ଆତ୍ମନିର୍ଭରଶୀଳ କରିବା ସହିତ ଜିଲ୍ଲାରୁ ଦାଦନ ସମସ୍ୟା ର ଦୂରୀକରଣ କରାଯିବା ଲକ୍ଷ୍ୟ ନେଇ ଜିଲ୍ଲା ବାସୀଙ୍କ ମଧ୍ୟରେ ଜନସଚେତନତା ସୃଷ୍ଟି କରି ସରକାରଙ୍କ ଉପରେ ଚାପ ପ୍ରୟୋଗ କରାଇବା ନିମନ୍ତେ 'ଦାଦନ ହଟିବ ମୟୂରଭଞ୍ଜ ହସିବ' ସ୍ଲୋଗାନ ନେଇ ଚଳିତ ମାସ ଜୁନ୍ ୧୭ ତାରିଖରୁ ଜୁଲାଇ ୧୨ ତାରିଖ ପର୍ଯ୍ୟନ୍ତ ଜିଲ୍ଲା ତମାମ୍(ସମସ୍ତ ବ୍ଲକ୍/ ମ୍ୟୁନିସିପାଲ୍ଟି / ଏନଏସି)ପର୍ଯ୍ୟାୟକ୍ରମେ ଜିଲ୍ଲାର ଏକ ମାତ୍ର ଅଗ୍ରଣୀ ତଥା ଅଣ ରାଜନୈତିକ ସଂଗଠନ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ଆହ୍ୱାନ୍ କ୍ରମେ ମୟୂରଭଞ୍ଜ ଜିଲ୍ଲାର ଅଧିଷ୍ଠାତ୍ରୀ ଖିଚିଂ ସ୍ଥିତ ମା କିଚକେଶ୍ୱରୀ ଦେବୀ ଙ୍କର ପୀଠରୁ ମଶାଲ ଶୋଭାଯାତ୍ରା ଆରମ୍ଭ ହୋଇ ସାରିଥିବା ସ୍ଥଳେ, ଆଜି ଜୁନ ମାସ ୨୫ ତାରିଖ ଗୁରୁବାର ବଡ଼ସାହି ବ୍ଲକ୍ ସ୍ଥିତ ମୁଖ୍ୟ ବଜାର ଠାରେ ଭଞ୍ଜସେନା ବ୍ଲକ ସଭାପତି ରାକେଶ ଆଚାର୍ଯ୍ୟଙ୍କ ଙ୍କର ନେତୃତ୍ୱ ରେ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଆଜିକାର ଏହି ମଶାଲ ଶୋଭାଯାତ୍ରାରେ ଜିଲ୍ଲା ମୁଖପାତ୍ର ଜ୍ୟୋତିରଞ୍ଜନ ପୁଷ୍ଟି, ଜିଲ୍ଲା ସମ୍ପାଦକ ଗୌରାଙ୍ଗ ଘଡେଇ, ସଂଗ୍ରାମ୍ ସେଠୀ,ମନୋରଞ୍ଜନ ସିଂହ, ପରେଶ୍ ଓଝା,ତ୍ରିଲୋଚନ୍ ଓଝା, ସତ୍ୟବ୍ରତ ବିନ୍ଧାଣୀ,ପବିତ୍ର ମହାନ୍ତ, ପ୍ରଦୀପ୍ ମହାନ୍ତ,ବିଜୁ ମାଝି, ବିଜୟ ଖିଲାର, କ୍ରିଷ୍ଣା ଲୋହାର, ଦୀପକ୍ ଖିଲାର, ରବିନ୍ଦ୍ର ନାୟକ, ଦେବାନନ୍ଦ ପଲେଇ, ପ୍ରସନଜିତ୍ ମାଦୁଳି,କ୍ରିଷ୍ଣା ମାଦୁଳି, ସୁରଜ୍ ବୈଠା,ଶିବୁ ସିଂ, ଅନନ୍ତ ଘଡେଇ,ରାଜେଶ୍ ଘଡେଇ, ହେମନ୍ତ ଘଡେଇ,ଦୀପକ୍ ମାଦୁଳି, ଜିବନ୍ ସିଂହ, ରାଜକିଶୋର୍ ମୁର୍ମୁ, ସିଲୁ ସିଂ, ଗୌରବ୍ ମହାନ୍ତି, ତପନ୍ କୁମାର୍ ଘଡେଇ,ରାଜ୍ କିସନ୍ ବୈଠା ପ୍ରମୁଖଙ୍କ ସହିତ ସଂଗଠନର ଶତାଧିକ ଯୁବ ଛାତ୍ର ସଂଗଠକ ସାମିଲ ଥିଲେ ବୋଲି ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଯାଇଅଛି ।

## ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ଦେବେନ୍ଦ୍ର ସୁଆର ଓ ଶ୍ରୀରାମକୃଷ୍ଣ ଆଶ୍ରମ ପାଇବେ ଗାନ୍ଧୀ ଗୌରବ ସମ୍ମାନ

ଭୁବନେଶ୍ୱର, ୨୬/୦୬: ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଓ ପୂର୍ବତନ ମନ୍ତ୍ରୀ, ଗାନ୍ଧୀ ମଣିଷ ସ୍ୱର୍ଗତ ଦୋଳଗୋବିନ୍ଦ ପ୍ରଧାନଙ୍କ ସ୍ମୃତିରେ ପ୍ରତିବର୍ଷ ଭଳି ଚଳିତବର୍ଷ ତାଙ୍କର ଜନ୍ମ ଶତବାର୍ଷିକ ଉତ୍ସବରେ ୨୦୨୬ ବର୍ଷ ପାଇଁ ପୂର୍ବତନ ମନ୍ତ୍ରୀ ଜଗ୮ ନ୍ନାଥ ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ଦେବେନ୍ଦ୍ର ସୁଆର ଓ କଳାହାଣ୍ଡିର ଶ୍ରୀରାମକୃଷ୍ଣ ଆଶ୍ରମକୁ "ଗାନ୍ଧୀଗୌରବ ସମ୍ମାନ-୨୦୨୬" ପ୍ରଦାନ କରାଯିବ ବୋଲି ମହାତ୍ମାଗାନ୍ଧୀ ଅହିଂସା ଐତିହ୍ୟ ଟ୍ରଷ୍ଟର ଅଧ୍ୟକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି। ଆସନ୍ତା ୨୮ ତାରିଖ ରବିବାର ସନ୍ଧ୍ୟାରେ ଗୀତଗୋବିନ୍ଦ ସଦନ ସଭାଗୃହରେ ବରିଷ୍ଠ ସନ୍ଥ ପୂଜ୍ୟ ପରମହଂସ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ମହାରାଜ ଏହି ସମ୍ମାନ ପ୍ରଦାନ କରିବେ। ଅନ୍ୟମାନଙ୍କ ମଧ୍ୟରେ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, କଟକ ମହାନଗର ନିଗମର ମେୟର ସୁବାସ ସିଂହ, ପୂର୍ବତନ ମୁଖ୍ୟ ଶାସନ ସଚିବ ଗୋକୁଳ ଚନ୍ଦ୍ର ପତି ଓ ମୁଖ୍ୟବକ୍ତା ଭାବେ ବାଗ୍ମୀ ପ୍ରଦ୍ୟୁମ୍ନ ଶତପଥୀ ଯୋଗ ଦେବେ ବୋଲି ମ୍ୟାନେଜିଂ ଟ୍ରଷ୍ଟି ଡଃ ବୁଦ୍ଧଦେବ ମିଶ୍ର ସୂଚନା ଦେଇଛନ୍ତି। ସେହିପରି ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରୁଥିବା ସ୍ୱର୍ଗତ ପ୍ରଧାନଙ୍କ ସହଯୋଗୀ ମିର୍ଜା ଜାହାଦିନ ବେଗ, ଦଣ୍ଡୁଆସୀପଡ଼ା କଟକର ହୃଷିକେଶ ଜେନା, କଟକ ଝଉଳିଆଗଞ୍ଜ ପୂଜା କମିଟିର ସଭାପତି ଶିବ ପ୍ରସାଦ ସାହୁ, କଟକ ମହାନଗର ନିଗମର କର୍ପୋରେଟର ସନ୍ତୋଷ କୁମାର ଭୋଳ, ନୂଆଗଡ଼ କଟକର ପୀତବାସ ମହାପାତ୍ର, କଟକ ବ୍ରାହ୍ମଣଝରିଲୋର ବିଜୟ କୁମାର ମହାନ୍ତି, କଟକ ଜିଲ୍ଲା ପରିଷଦ ଉପସଭାନେତ୍ରୀ ସୁଭଦ୍ରା ଦାସ, କଟକ ନିମେଇଶାପୁର ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ରାଉତରାୟ, କଟକ ଚଉଦ ଦିଗଭାଗ ସଂକୀର୍ତ୍ତନ ମଣ୍ଡଳୀର ସର୍ବମହନ୍ତ ସୁରେନ୍ଦ୍ର କୁମାର ପଣ୍ଡା, କଟକ ବୟାଳିଶ ମୌଜାର ରାମଚନ୍ଦ୍ର ଗୋଛାୟତ ଓ ଝଟାର୍ଡ ଆକାଉ । ଡଃ ସଞ୍ଜୟ ବେହୁରା ପ୍ରମୁଖଙ୍କୁ ସ୍ୱାମିଜୀ ସମ୍ବର୍ଦ୍ଧିତ କରିବେ।

# ଆନ୍ତର୍ଜାତିକ ନିଶା ନିରୋଧ ଦିବସରେ 'ମନା' ପକ୍ଷରୁ ସଚେତନତା ସଭା




ବାଲେଶ୍ୱର, ୨୬/୬(ନି. ପ୍ର): ଆନ୍ତର୍ଜାତିକ ନିଶା ନିରୋଧ ଦିବସ ଅବସରରେ ମିଳିତ ନିଶା ନିବାରଣ ଅଭିଯାନ 'ମନା' ପକ୍ଷରୁ ଆୟୋଜିତ ସଚେତନତା ସଭାରେ ମୁଖ୍ୟ ଅତିଥିଭାବେ 'ସମ୍ବାଦ'ର ଉତ୍ତର ଓଡ଼ିଶା ସଂସ୍କରଣର ମୁଖ୍ୟ ତଥା ବିଶିଷ୍ଟ ଔପନ୍ୟାସିକ ଚିତ୍ତରଞ୍ଜନ ଚିରଞ୍ଜିତ୍ ଯୋଗଦେଇ କହିଥିଲେ ଯେ, ନିଶା ନିରୋଧ ପାଇଁ ଏକ ସଂକଳ୍ପ ୧୯୮୭ ମସିହାରେ ଜାତିସଂଘ ଦ୍ୱାରା ଗୃହୀତ ହେବାପରେ ବିଶ୍ୱବାସୀ ୧୯୮୯ ମସିହାଠାରୁ ଜୁନ୍ ୨୬ ତାରିଖକୁ ନିଶା ନିରୋଧ ଦିବସ ଭାବେ ପାଳନ କରିଆସୁଛନ୍ତି। କିନ୍ତୁ ବହୁ ସଚେତନତା ପରେ ବି ନିଶାର ବହୁଳ ପ୍ରସାର ହୋଇଥିବାବେଳେ ଆମ ଦେଶର ମାତ୍ର କେତୋଟି ରାଜ୍ୟରେ ରାଜ୍ୟ ସରକାର ନିଶା ବ୍ୟବସାୟକୁ ନିଷେଧ କରିଛନ୍ତି। ସରକାରଙ୍କ ରାଜସ୍ୱ ଆୟଠାରୁ ଏହି ନିଶା କବଳିତ ବ୍ୟକ୍ତିମାନେ ସମାଜରେ ବହୁ କ୍ଷତି ଘଟାଉଛନ୍ତି ବୋଲି ଶ୍ରୀ ଚିତ୍ତରଂଜନ ମତ ଦେଇଥିଲେ। 'ମନା'ର ସଭାପତି ତଥା ବରିଷ୍ଠ ଆଇନଜୀବୀ ପ୍ରଭାକର ସାହୁ ଏହି ସଭାରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଉପଦେଷ୍ଟା ସୁବ୍ରତ କର, ଉପ ସଭାନେତ୍ରୀ ସୁଶ୍ରୀ ଅର୍ଚ୍ଚନା ନନ୍ଦି ଓ ସମ୍ମାନିତ ଅତିଥିଭାବେ ସିଦ୍ଧି ବିନାୟକ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଡ. ସୁଧାଂଶୁ ଶେଖର ପଣ୍ଡା ପ୍ରମୁଖ ଯୋଗ ଦେଇ ନିଶାସେବନ ଓ ଏହାର ପ୍ରଭାବରେ ସମାଜରେ ଘଟୁଥିବା ବିଭିନ୍ନ ଦୁର୍ଘଟଣା ସଂପର୍କରେ ବକ୍ତବ୍ୟ ଦେଇ ନିଶାସେବନଠାରୁ ଆଜିର ଛାତ୍ରଛାତ୍ରୀ ଓ ଯୁବସମାଜ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ। ଉପସଭାପତି ଡ. କ୍ଷିତୀଶ୍ୱର ଦାସ ଅତିଥିମାନଙ୍କ ପରିଚୟ ପ୍ରଦାନ କରି ପ୍ରାରମ୍ଭିକ ସୂଚନା ଦେଇଥିଲେ। ସିଦ୍ଧି ବିନାୟକ ଶିକ୍ଷାନୁଷ୍ଠାନର ୧୦ମ ଶ୍ରେଣୀ ଛାତ୍ରୀ ଗୀତାଞ୍ଜଳି ମହାପାତ୍ର ଓ ସଂଘମିତ୍ରା ମୁଦୁଲି ଏବଂ ୯ମ ଶ୍ରେଣୀର ଜ୍ୟୋତିଶ୍ରୀ ଜେନା 'ମନା'ର ଏହି ସଚେତନତା କାର୍ଯ୍ୟକ୍ରମ ସେମାନଙ୍କୁ ନିଶା ବିରୋଧରେ ବହୁ ଶିକ୍ଷା ଦେଇଛି ବୋଲି କହିଥିଲେ। ଗୌରାଙ୍ଗ ପାଣିଗ୍ରାହୀ ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିଥିଲେ ଓ ଅତିଥିମାନେ ଶ୍ରୀଶ୍ରୀ ଗଣେଶଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ପ୍ରଦାନ କରି ପ୍ରଦୀପ ପ୍ରଜ୍ଜ୍ୱଳନ କରିଥିଲେ। ଶେଷରେ ଗୀତାଞ୍ଜଳି ଶତପଥୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ସାଧାରଣ ସଂପାଦିକା ମମତା ମହାପାତ୍ର ସଭାରେ ଯୋଗଦେଇ ନପାରି ଶୁଭେଚ୍ଛାବାର୍ତ୍ତା ପଠାଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରଫୁଲ୍ଲ କୁମାର ଦାସ, କଲ୍ୟାଣୀ ନନ୍ଦ, ଅକ୍ଷୟ କୁମାର ତ୍ରିପାଠୀ, ଲକ୍ଷ୍ମଣ ବିଶ୍ୱାଳ, ବସନ୍ତ ପ୍ରଧାନ, ରବିନାରାୟଣ ଭୋଳ, ଶ୍ୟାମସୁନ୍ଦର ଜେନା, ଦୟାନିଧି ମହାପାତ୍ର, ବ୍ୟଙ୍ଗକବି ପ୍ରଭାକର ସାହୁ, ବେଣୁଧର ସାହୁ, ରଜନୀକାନ୍ତ ବେହେରା ଓ ଯତୀନ୍ କୁମାର ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# ଭେନେଜୁଏଲାରେ ଭୂକମ୍ପରେ ଅତି କମରେ ୨୩୫ ଜଣଙ୍କର ମୃତ୍ୟୁ

କାରାକାସ୍ (ଭେନେଜୁଏଲା), ୨୬/୦୬ :(ହି.ସ) ଭେନେଜୁଏଲାରେ ଏକ ଭୂମିକମ୍ପ ବ୍ୟାପକ କ୍ଷୟକ୍ଷତି ଘଟାଇଛି। ଯେଉଁ ଲୋକମାନେ ମାତ୍ର ଚାଳିଶ ସେକେଣ୍ଡରେ ଦୁଇଥର ଶକ୍ତିଶାଳୀ ଭୂକମ୍ପ ଭୋଗିଛନ୍ତି, ସେମାନେ ଏବେ ବି ଭୂକମ୍ପକୁ ଭୟ କରୁଛନ୍ତି। ଏହି ଭୂକମ୍ପରେ ଏପର୍ଯ୍ୟନ୍ତ ଅତି କମରେ ୨୩୫ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୫୦୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ପ୍ରଥମେ, ୭.୨ ତୀବ୍ରତାର ଏକ ଭୂମିକମ୍ପରେ ଲୋକମାନେ ଚକିତ ହୋଇଯାଇଥିଲେ। ଏହା ଭେନେଜୁଏଲା ଏବଂ କାରିବିଆନର ଅନ୍ୟାନ୍ୟ ଅଞ୍ଚଳକୁ ମଧ୍ୟ ପ୍ରଭାବିତ କରିଥିଲା। ୟୁଏସ୍ ଜିଓଲୋଜିକାଲ୍ ସର୍ଭେ ଅନୁଯାୟୀ, ଏକ ମିନିଟରୁ କମ୍ ସମୟ ମଧ୍ୟରେ ୭.୫ ତୀବ୍ରତାର ଆଉ ଏକ ଭୂକମ୍ପ ଅନୁଭୂତ ହୋଇଥିଲା।

ଭେନେଜୁଏଲାର ଖବରକାଗଜ ଏଲ୍ ନାସିଓନାଲ, ଏଲ୍ ପାଇସ୍ ୟୁଏସ୍ଏ ଏବଂ ଅଲ୍ ଜଜିରା ନ୍ୟୁଜ୍ ଚ୍ୟାନେଲ ରିପୋର୍ଟ କରିଛି ଯେ ଉଦ୍ଧାରକାରୀ ଦଳ ବର୍ତ୍ତମାନ ଭୁଶୁଡ଼ି ପଡ଼ିଥିବା କୋଠାଗୁଡ଼ିକର ଭଗ୍ନାବଶେଷରୁ ବଞ୍ଚିଥିବା ଲୋକଙ୍କୁ ବାହାର କରିବାକୁ ଚେଷ୍ଟା କରୁଛନ୍ତି। ଭେନେଜୁଏଲା ଆନ୍ତର୍ଜାତୀୟ ସହାୟତା ଏବଂ ମାନବିକ ସହାୟତାର ଅନେକ ପ୍ରସ୍ତାବ ପାଇଛି । ୟୁ. ଏସ୍. ଜିଓଲୋଜିକାଲ ସର୍ଭେ ଆକଳନ କରିଛି ଯେ ମୃତ୍ୟୁ ସଂଖ୍ୟା ହଜାର ହଜାରରେ ପହଞ୍ଚିପାରେ। ଏଜେନ୍ସି ଏହା ମଧ୍ୟ ଚେତାବନୀ ଦେଇଛି ଯେ ପରବର୍ତ୍ତୀ ଝଟ୍କା 'ଅତ୍ୟଧିକ ସମ୍ଭାବ୍ୟ' । ରିକ୍ଟର ସ୍କେଲରେ ଏହାର ତୀବ୍ରତା ୬ ରୁ ଅଧିକ ହେବାର ପ୍ରାୟ ୩୦ ପ୍ରତିଶତ ସମ୍ଭାବନା ରହିଛି।

ୟୁ. ଏସ୍. ଜିଓଲୋଜିକାଲ୍ ସର୍ଭେ'ର ଅଟୋମେଟେଡ୍ ହଜାର୍ଡ ଆସେସ୍ମେଣ୍ଟ ସିଷ୍ଟମ୍ ସମ୍ଭାବ୍ୟ ଭୂସ୍ଖଳନ ଏବଂ ତରଳକରଣ ବିଷୟରେ ଚେତାବନୀ ଦେଇଛି। ୟୁ. ଏସ୍. ଜିଓଲୋଜିକାଲ୍ ସର୍ଭେ ଆକଳନ କରିଛି ଯେ ମୃତ୍ୟୁ ସଂଖ୍ୟା ୧୦,୦୦୦ରୁ ୧୦୦,୦୦୦ ମଧ୍ୟରେ ରହିବାର ୪୨ ପ୍ରତିଶତ ସମ୍ଭାବନା ରହିଛି। ଏହାଦ୍ୱାରା ୧୦ ବିଲିୟନ ଡଲାରରୁ ୧୦୦ ବିଲିୟନ ଡଲାର ମଧ୍ୟରେ ଆର୍ଥିକ କ୍ଷତି ହୋଇପାରେ।

ଭେନେଜୁଏଲା ହେଉଛି ଭୂମିକମ୍ପ ପାଇଁ ଏକ ଉଚ୍ଚ ବିପଦପୂର୍ଣ୍ଣ ଅଞ୍ଚଳ। ଏହା କାରିବିଆନ୍ ଏବଂ ଦକ୍ଷିଣ ଆମେରିକୀୟ ଟେକ୍ଟୋନିକ୍ ପ୍ଲେଟ୍ ର ସୀମା ନିକଟରେ ଅବସ୍ଥିତ, ଯାହା ପ୍ରାୟ ବିପରୀତ ଦିଗରେ ଚାଲିଥାଏ । ଏହାଦ୍ୱାରା ଭୂମିକମ୍ପର ଚାପ ସୃଷ୍ଟି ହୋଇଥାଏ। ଉଭୟ ଭୂକମ୍ପ ଦେଶର ସବୁଠାରୁ ସକ୍ରିୟ ଏବଂ ବିପଜ୍ଜନକ ତ୍ରୁଟି ମଧ୍ୟରୁ ଅନ୍ୟତମ ବୋକୋନିନୋ ତ୍ରୁଟି ନିକଟରେ ଘଟିଥିଲା। ଭେନେଜୁଏଲାର ଭୂକମ୍ପ ଗବେଷଣା ପ୍ରତିଷ୍ଠାନ ଅନୁଯାୟୀ, ଜନସଂଖ୍ୟାର ପ୍ରାୟ ୮୦ ପ୍ରତିଶତ ବର୍ତ୍ତମାନ ଭୂକମ୍ପ ଆଶଙ୍କା ଥିବା ଅଞ୍ଚଳରେ ରହୁଛନ୍ତି। ଜୁଲାଇ ୧୯୬୭ ରେ କାରାକାସରେ ସବୁଠାରୁ ଭୟଙ୍କର ଭୂମିକମ୍ପ ଘଟିଥିଲା। ପ୍ରାୟ ୨୪୦ ଲୋକ ପ୍ରାଣ ହରାଇଥିଲେ। ଅନେକ ଉଚ୍ଚ ଅଟ୍ଟାଳିକା ଭୁଶୁଡ଼ି ପଡ଼ିଥିଲା। ୧୯୦୦ ମସିହାରୁ ଭେନେଜୁଏଲାରେ ଦେଶର ଉତ୍ତର ଭାଗରେ କିମ୍ବା ଉପକୂଳ ନିକଟରେ ୭ କିମ୍ବା ତା 'ଠାରୁ ଅଧିକ ତୀବ୍ରତାର ପାଞ୍ଚଟି ଭୂମିକମ୍ପ ଘଟିଛି। ଏହା ପୂର୍ବରୁ, ୧୮୧୨ ମସିହାର ଭୟଙ୍କର ଭୂମିକମ୍ପ ଦେଶକୁ ଦୋହଲାଇ ଦେଇଥିଲା। ୟୁନାଇଟେଡ୍ ଷ୍ଟେଟ୍ସ ଜିଓଲୋଜିକାଲ୍ ସର୍ଭେ ଅନୁଯାୟୀ, ଏହା ପ୍ରାୟ ୩୦,୦୦୦ ଲୋକଙ୍କୁ ହତ୍ୟା କରିଥିଲା । ଇତି ମଧ୍ୟରେ, ଇଣ୍ଟରନ୍ୟାସନାଲ ଫେଡେରେସନ୍ ଅଫ୍ ଦି ରେଡ୍ କ୍ରସ୍ ଭେନେଜୁଏଲା ପାଇଁ ଉଦ୍ଦିଷ୍ଟ ଅତି କମରେ ୪୦ ଟନ୍ ମାନବିକ ସହାୟତାର ପ୍ରାରମ୍ଭିକ ଶିପମେଣ୍ଟ ସହିତ ଏକ ଜରୁରୀକାଳୀନ ଲଜିଷ୍ଟିକ୍ ଅପରେସନ୍ ଆରମ୍ଭ କରିବାକୁ ଘୋଷଣା କରିଛି। ପ୍ରମୁଖ ୟୁଏସ୍ ଏବଂ ୟୁରୋପୀୟ ଏୟାରଲାଇନ୍ସ ଆଇବେରିଆ, ଏୟାର ୟୁରୋପା, କୋପା ଏୟାରଲାଇନ୍ସ, ଆଭିଆଙ୍କା ଏବଂ ଲାଟମ୍ ଅନିଶ୍ଚିତ କାଳ ପାଇଁ କାରାକାସକୁ ସେମାନଙ୍କର ବିମାନ ବାତିଲ କରିଛନ୍ତି।

## ଟ୍ରମ୍ପ୍ ବନାମ୍ ନାଟୋ...

(ପୃଷ୍ଠା ୪ର ଅବଶିଷ୍ଟ)

ରଦ୍ଦ ସକାଶେ କଂଗ୍ରେସର ସମର୍ଥନ ନିତାନ୍ତ ଆବଶ୍ୟକ। ଆଗାମୀ ନଭେମ୍ବରରେ ଯୁକ୍ତରାଷ୍ଟ୍ରରେ ମଧ୍ୟବର୍ତ୍ତୀ କାଳୀନ ନିର୍ବାଚନ ହେବାର ଅଛି ଏବଂ ଯଦି ଡେମୋକ୍ରାଟ୍ ମାନେ ସଂଖ୍ୟା ଗରିଷ୍ଠତା ହାସଲ କରନ୍ତି, ତେବେ ଟ୍ରମ୍ପଙ୍କର ଆଶା କଦାପି ଫଳବତୀ ହୋଇପାରିବ ନାହିଁ। ଦ୍ୱିତୀୟ କାରଣ ହେଉଛି ନାଟୋର ସଦସ୍ୟତା, ଯାହାକି ଆମେରିକୀୟମାନଙ୍କ ମଧ୍ୟରେ ଅତ୍ୟନ୍ତ ଲୋକପ୍ରିୟ। ୨୦୨୫ରେ କରାଯାଇଥିବା ଗୋଟିଏ ସର୍ବେକ୍ଷଣରୁ ଜଣା ପଡ଼ିଛି କି ଛଅଷଠି ପ୍ରତିଶତ ଆମେରିକୀୟ ନାଗରିକ ସ୍ୱୀକାର କରନ୍ତି ଯେ, ନାଟୋ ସଦସ୍ୟତା ଦ୍ୱାରା ଯୁକ୍ତରାଷ୍ଟ୍ର ଲାଭବାନ ହୋଇଛି। ଯେବେବି ବତିଶ ପ୍ରତିଶତ ବିପରୀତ କଥା କହିଛନ୍ତି। ଏହି ସଦସ୍ୟତାକୁ ନେଇ ଆମେରିକା ମଧ୍ୟ ବିଭାଜିତ ଅବସ୍ଥାରେ ଅଛି। ଡେମୋକ୍ରାଟିକ୍ ଭୋଟରମାନଙ୍କ ମଧ୍ୟରୁ ସତସ୍ତରି ପ୍ରତିଶତ ନାଟୋ ସଦସ୍ୟତା ସପକ୍ଷରେ ଥିବା ବେଳେ, ରିପବ୍ଲିକାନ୍ ଭୋଟରଙ୍କ ମଧ୍ୟରୁ ପଇଁଚାଳିଶ୍ ପ୍ରତିଶତ ଏହା ସପକ୍ଷରେ ଅଛନ୍ତି। ତେଣୁ ସାମଗ୍ରିକ ଭାବରେ ଦେଖିଲେ ଯୁକ୍ତରାଷ୍ଟ୍ରର ଜନତା, ନାଟୋ, ସଦସ୍ୟତାକୁ ସମର୍ଥନ କରୁଛନ୍ତି।

ତୃତୀୟରେ ନାଟୋ ଛାଡ଼ିବା ଦ୍ୱାରା ଆମେରିକା ସାମରିକ ଦୃଷ୍ଟିକୋଣରୁ ଦୁର୍ବଳ ହୋଇପଡ଼ିବ ବୋଲି ଆନ୍ତର୍ଜାତିକ ରାଜନୀତି ବିଶେଷଜ୍ଞମାନେ ମତପୋଷଣ କରିଛନ୍ତି। ୧୯୮୯ ମସିହାରେ ଐତିହାସିକ "ପଲ କେନେଡ଼ି"ପାଞ୍ଚଶହ ବର୍ଷ ଧରି ବିଭିନ୍ନ ଯୁଦ୍ଧମାନଙ୍କ ଉପରେ ଗବେଷଣା କରି ଏକ ପୁସ୍ତକ ରଚନା କରିଥିଲେ। ବହିଟିର ନାମ ହେଉଛି "ଦି ରାଇଜ୍ ଆଣ୍ଡ ଫଲ୍ ଅଫ୍ ଗ୍ରେଟ୍ ପାୱାର।" ଏହି ପୁସ୍ତକରେ କେନେଡ଼ି ଦର୍ଶାଇଛନ୍ତି, ଯେ ଯୁଦ୍ଧରେ ସେହି ପକ୍ଷ ବିଜୟଲାଭ କରିଥାଏ, ଯିଏ ନିଜର ସମ୍ବଳ(ସୈନିକ, ଯୁଦ୍ଧାସ୍ତ୍ର) କୁ ଶୀଘ୍ର ଗତିଶୀଳ କରାଇ ପାରିଥାଏ। ଏଠାରେ ଉଦାହରଣ ଭାବରେ ସେ ନେଇଛନ୍ତି ଜର୍ମାନୀକୁ। ଦଇଟି ବିଶ୍ୱଯୁଦ୍ଧରେ ଜର୍ମାନୀ ଅପେକ୍ଷା ମିତ୍ରଶକ୍ତି ନିଜର ସମ୍ବଳକୁ ଶୀଘ୍ର ଗତିଶୀଳ କରାଇ ପାରିଥିବାରୁ ବିଜୟ ଲାଭ କରିଥିଲା। ଯେହେତୁ ଯୁକ୍ତରାଷ୍ଟ୍ରର ମଧ୍ୟ ସୈନ୍ୟଦଳ ଓ ସାମରିକ ଘାଟିମାନ ଇଉରୋପୀୟ ଦେଶମାନଙ୍କରେ ଅଛି ତେଣୁ ନାଟୋରୁ ଓହରିବା ଦ୍ୱାରା ସେ କ୍ଷତିଗ୍ରସ୍ତ ହିଁ ହେବ।

ଆମେରିକୀୟ ନାଭାଲ ୱାର କଲେଜ୍ ତରଫରୁ ସମ୍ପ୍ରତି ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଚାଇନା ତାଇୱାନ୍ ଅକ୍ତିଆର କରିବା ପାଇଁ ଗୋପନ ପ୍ରସ୍ତୁତି ଚଳାଇଛି। ତାଇୱାନ୍ ଓ ଆମେରିକାର ଘନିଷ୍ଠ ସମ୍ପର୍କ ରହିଆସିଛି। ଯଦି ଚୀନ ତାଇୱାନ୍ ଆକ୍ରମଣ କରେ ତେବେ ତାଇୱାନର ସୁରକ୍ଷା ପାଇଁ ଆମେରିକା ଓ ଚୀନ ମୁହାଁମୁହିଁ ହେବେ। ଯଦି ଆମେରିକା ନାଟୋର ସଦସ୍ୟ ଥାଏ, ତେବେ ଆର୍ଟିକିଲ୍-୫ ଅନୁସାରେ ସମଗ୍ର ମେଣ୍ଟଭୁକ୍ତ ଦେଶ ଚୀନ୍ ବିରୁଦ୍ଧରେ ଲଢ଼ିବେ। ଅନ୍ୟଥା ଆମେରିକା ଚୀନ୍‌ର ପ୍ରତିରୋଧରେ ଏକା ପଡ଼ିଯିବ। ତେଣୁ ନାଟୋରେ ରହିବା ଆମେରିକା ପକ୍ଷରେ ନିଶ୍ଚିତ ଭାବରେ ଲାଭଦାୟକ।

ସେହିପରି ଆମେରିକାକୁ ନାଟୋରୁ ବାଦ୍ ଦେବା ଇଉରୋପ ପାଇଁ ମଧ୍ୟ ବିପଜ୍ଜନକ ହୋଇପାରେ, କାରଣ ରୁଷ୍ ୟୁକ୍ରେନ୍ ଯୁଦ୍ଧ ଏବେ ମଧ୍ୟ ଚାଲିଛି। ଯଦି ଏଥିରେ ରଷ୍ ବିଜୟ ଲାଭ କରେ, ସେ ଇଉରୋପ୍‌କୁ ଭବିଷ୍ୟତରେ ଆକ୍ରମଣ କରିପାରେ। ଏହାକ କେନ୍ଦ୍ର କରି ନାଟୋର ମୁଖ୍ୟ ମାର୍କ ରୁଟେ କହିଛନ୍ତି ଯେ, ଆମେରିକାକୁ ବାଦ୍‌ଦେଇ ଇଉରୋପୀୟ ରାଷ୍ଟ୍ରସଂଘ କେବେ ବି ରୁଷ୍‌ର ମୁକାବିଲା କରିପାରିବେ ନାହିଁ। ତେଣୁ ଶେଷରେ ଆମେ ଏହି ସିଦ୍ଧାନ୍ତରେ ଉପନୀତ ହୋଇପାରିବା ଯେ, ଯଦିଓ ଆମେରିକା ଓ ନାଟୋ ମଧ୍ୟରେ ବିବାହ ଅଶାନ୍ତିରେ ପରିପୂର୍ଣ୍ଣ, ସେଥିରେ ଛାଡ଼ପତ୍ରର ଆଶଙ୍କା ନାହିଁ କହିଲେ ଚଳେ। କାରଣ ଉଭୟ ପକ୍ଷ ପରସ୍ପର ଉପରେ ନିର୍ଭରଶୀଳ।

ମେଡିକାଲ ଅଫିସର, ଓଡ଼ିଶା ସ୍ୱାସ୍ଥ୍ୟ ସେବା, ଭୁବନେଶ୍ୱର
ମୋ-୮୧୪୪୦୪୨୯୯୭

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଅଯୋଧ୍ୟା ରାମମନ୍ଦିରରୁ ...

ଏସଆଇଟିର ପ୍ରାଥମିକ ରିପୋର୍ଟରେ ମାମଲାରେ ପରବର୍ତ୍ତୀ ବିଚାରଣ ପାଇଁ ସୁପାରିସ କରାଯିବାପରେ ସରକାରଙ୍କ ନିର୍ଦ୍ଦେଶକ୍ରମେ ଭାରତୀୟ ନ୍ୟାୟ ସଂହିତାର ଧାରା ୩୦୬, ୩୧୬ (୫), ୩୧୭ (୪), ୩୧୭ (୫) ଏବଂ ୩ (୫) ଅଧୀନରେ ଏହି ମାମଲାରେ ରାମଶଙ୍କର ଯାଦବ (ଟିନୁ ଯାଦବ), ଅନୁକଳ୍ପ ମିଶ୍ର, ଅବିନାଶ ଶୁକ୍ଳା, ମନୀଷ ଯାଦବ, ଲବକୁଶ ମିଶ୍ର, ରାମଶଙ୍କର ମିଶ୍ର, ସୁଭାଷ ଶ୍ରୀବାସ୍ତବ ଓ କରୁଣେଶ ପାଣ୍ଡେ ଓ କେତେକ ଅଜ୍ଞାତ ଲୋକଙ୍କ ବିରୋଧରେ ଏତଲା ରୁଜୁ ହୋଇଥିଲା। ଏହାପରେ ସମସ୍ତ ୮ଜଣଙ୍କୁ ଗିରଫ କରାଯାଇଥିଲା। ଅଭିଯୁକ୍ତମାନେ ପୁଲିସ ହେପାଜତରେ ଅଛନ୍ତି ଓ ପୁଲିସ ସେମାନଙ୍କୁ ପଚରାଉଚରା କରୁଛି।

### ବହିରେ ତ୍ରୁଟି ପଛରେ...

ପଡିଥିଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ଉଚ୍ଚସ୍ତରୀୟ କମିଟି ଗଠନ କରି ଦେଇଥିଲେ ତଦନ୍ତ ନିର୍ଦ୍ଦେଶ। ୭ଦିନର ତନାଘନା ପରେ କମିଟି ମୁଖ୍ୟମନ୍ତ୍ରୀଙ୍କୁ ଯେଉଁ ରିପୋର୍ଟ ଦେଇଛି ସେଥିରେ ରହିଛି ସାଂଘାତିକ ତଥ୍ୟ। ରିପୋର୍ଟ ଦେଖିବା ପରେ ଷଡଯନ୍ତ୍ରର ଗନ୍ଧ ବାରିଛନ୍ତି ମୁଖ୍ୟମନ୍ତ୍ରୀ। ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ କହିଛନ୍ତି, ଯେଉଁ ପ୍ରକ୍ରିୟା ରହିଛି, ପାଣ୍ଡୁଲିପି ତିଆରି ହେବ, ତା' ପରେ ତାର ନୋଟ୍ ବନାଯିବା ପରେ ପ୍ରିଣ୍ଟିଂକୁ ଯିବ। ପ୍ରିଣ୍ଟ ହେଲା ପରେ ମଧ୍ୟ ତାକୁ ଦେଖାଯିବ। ତା' ପରେ ଯାଇ ସମସ୍ତ ପ୍ରିଣ୍ଟ ହେବା କଥା । ମୋତେ ଲାଗୁଛି ଏଥିରେ ବଡ଼ ଷଡ଼ଯନ୍ତ୍ର ଅଛି ସରକାରଙ୍କୁ ବଦନାମ କରିବା ପାଇଁ । ଉଚ୍ଚସ୍ତରୀୟ କମିଟିର ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି ମୁଖ୍ୟମନ୍ତ୍ରୀ। ବହିରେ ଭୁଲ୍ ପାଇଁ ଏସ୍‌ସିଇଆରଟିର ପୂର୍ବତନ ନିର୍ଦ୍ଦେଶକ ମନୋଜ ପାଢ଼ୀଙ୍କୁ ନିଲମ୍ବନ କରାଯାଇଛି। ମନୋଜ ପାଢ଼ୀଙ୍କ ଖାମଖିଆଲି ଓ ଦାୟିତ୍ୱହୀନତା ଯୋଗୁଁ ଏତେ ବଡ଼ ବିଭ୍ରାଟ ହୋଇଛି ବୋଲି କମିଟି ତଦନ୍ତ ରିପୋର୍ଟରେ ଉଲ୍ଲେଖ କରିଛି। ବହି ତ୍ରୁଟିରେ ଆଉ ଯେଉଁମାନଙ୍କ ସମ୍ପୃକ୍ତି ଥିବା ଜଣାପଡିବ ସେମାନଙ୍କ ବିରୋଧରେ ବି ହେବ କାର୍ଯ୍ୟାନୁଷ୍ଠାନ । ସେମାନଙ୍କ ପାଖରୁ ମଧ୍ୟ ସେ ଅର୍ଥକୁ ଆଦାୟ କରାଯିବ ଓ କାହାକୁ ଛଡ଼ାଯିବନି ବୋଲି ସ୍ପଷ୍ଟ କରିଛନ୍ତି ମୁଖ୍ୟମନ୍ତ୍ରୀ।

## ସୁସ୍ଥ, ସୁରକ୍ଷିତ ଓ ସଶକ୍ତ ସମାଜ ଗଠନ ପାଇଁ ନିଶାମୁକ୍ତ ପରିବେଶ ସୃଷ୍ଟି ଅପରିହାର୍ଯ୍ୟ- ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୬/୦୬ : (ନି.ପ୍ର)- ଅନ୍ତର୍ଜାତୀୟ ନିଶାଦ୍ରବ୍ୟ ଅପବ୍ୟବହାର ଓ ଅବୈଧ ଚୋରା ଚାଲାଣ ବିରୋଧୀ ଦିବସରେ ସୁସ୍ଥ, ସୁରକ୍ଷିତ ଓ ସଶକ୍ତ ସମାଜ ଗଠନ ପାଇଁ ନିଶାମୁକ୍ତ ପରିବେଶ ସୃଷ୍ଟି ଅପରିହାର୍ଯ୍ୟ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଏନେଇ ସୋସିଆଲ ମିଡିଆ ଏକ୍ସରେ ଏକ ବାର୍ତ୍ତା ଜାରି କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏକ ସୁସ୍ଥ, ସୁରକ୍ଷିତ ଓ ସଶକ୍ତ ସମାଜ ଗଠନ ପାଇଁ ନିଶାମୁକ୍ତ ପରିବେଶ ସୃଷ୍ଟି ଅପରିହାର୍ଯ୍ୟ। ଅନ୍ତର୍ଜାତୀୟ ନିଶାଦ୍ରବ୍ୟ ଅପବ୍ୟବହାର ଓ ଅବୈଧ ଚୋରା ଚାଲାଣ ବିରୋଧୀ ଦିବସ ଅବସରରେ ଆସନ୍ତୁ, ନିଶାଦ୍ରବ୍ୟକୁ 'ନା' କହିବା ସହ ଏହାର କୁପ୍ରଭାବ ସମ୍ପର୍କରେ ସମାଜରେ ସଚେତନତା ସୃଷ୍ଟି କରିବାର ସଂକଳ୍ପ ନେବା। ଅବୈଧ ନିଶାଦ୍ରବ୍ୟର ଚୋରା ଚାଲାଣ ଓ ସେବନକୁ ପ୍ରତ୍ୟାଖ୍ୟାନ କରି ଆସନ୍ତୁ, ଏକ ସୁସ୍ଥ, ସଚେତନ ଓ ନିଶାମୁକ୍ତ ସମାଜ ଗଠନରେ ସମସ୍ତେ ସହଭାଗୀ ହେବା।

**AFFIDAVIT**

ଏତଦ୍ୱାରା ସର୍ବ ସାଧାରଣଙ୍କ ଅବଗତ ନିମନ୍ତେ ପ୍ରକାଶ କରା ଦିଆ ଯାଇଛି କି ଶୁକ୍ଳାମ୍ବର ବାରିକ ପି: ବଂଶୀଧର ବାରିକ ଗ୍ରାମ-ସାହାର୍ଦା, ପୋ- ବରୁଣସିଂ, ଥାନା - ଖନ୍ତାପଡା, ଜିଲ୍ଲା- ବାଲେଶ୍ୱର ପିନ- ୭୫୬୦୬୦ ଓଡ଼ିଶା ।
ନିଜସ୍ୱ ଭୂ-ସମ୍ପତ୍ତି ମୌଜା- ସାହାର୍ଦା, ତହସିଲ- ରେମୁଣା, ଖାତା ନମ୍ବର ୫୩୭/୫୪୬ ପ୍ଲଟ ନମ୍ବର-୮୨୫/୧୮୧୭/୨୦୭୪କୁ ଜନା ସ୍ମଲ ଫାଇନାନ୍ସ ବ୍ୟାଙ୍କ୍ ବାଲେଶ୍ୱର ଶାଖାରୁ ବନ୍ଧକ ଦେଇ ଋଣ ଗ୍ରହଣ କରୁଛନ୍ତି । ଉକ୍ତ ବନ୍ଧକ ସମ୍ବନ୍ଧରେ କାହାରି କିଛି ଅଭିଯୋଗ ଥିଲେ ଏହି ବିଜ୍ଞପ୍ତି ପ୍ରକାଶ ତାରିଖ ଠାରୁ ୧୪ଦିନ ମଧ୍ୟରେ ଆମର ଓକିଲ ଶ୍ରୀ ଅରୁଣ କୁମାର ବେହେରାଙ୍କୁ ଯୋଗାଯୋଗ କରି ପାରିବେ । ଯୋଗାଯୋଗ ନଂ ୮୨୪୯୬୫୮୩୯୭ । ନିର୍ଦ୍ଧାରିତ ସମୟ ସୀମା ପରେ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ।

ଶୁକ୍ଳାମ୍ବର ବାରିକ

25001/522/2627

**e-Procurement Notice for Building Works Identification No. 04/ SERW/JLS/2026-27**

| | | |
|---|---|---|
| 1. Procurement Officer | :- | Superintending Engineer Rural Works Division, Jaleswar |
| 2. Name of the Work | :- | Buildings |
| 3. Total No. of Works | :- | 09 Nos |
| 4. Estimated Cost | :- | Approx. Estimated Cost ₹.51.69 Lakh to ₹.67.19 Lakh |
| 5. Class of Contractor | :- | B Class |
| 6. Time of Completion | :- | Six & Nine Calender months ( As per annexure ) |
| 7. Avaliability of tender On-line for bidding | :- | From 30.06.2026 at 10.00 A.M. to 15.07.2026 upto 05.00 P.M. |
| 8. Last date & time of seeking tender clarification | :- | 14.07.2026 upto 05.00 P.M |
| 9. Date & Time of Opening of tender in the office of the Superintending Engineer, R.W.Division, Jaleswar | :- | Date & Time Opening of Techinical & Financial bid -17.07.2026 at 11.00 A.M. |

Further details can be seen from the web site- *www.tendersodisha.gov.in*

OIPR: 25001/25051/1/26-27/0003

Superintending Engineer
R.W. Division, Jaleswar

ଶନିବାର, ଜୁନ୍ ୨୭, ୨୦୨୬

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ସବୁକିଛିରୁ ବଂଚିତ ୭୦ ବର୍ଷ ବୟସ୍କା ମା’ ‘ସୀତା’

ଉଦଳ, ୨୬/୬(ନି. ପ୍ର): ଖୁଂଟା ବ୍ଲକର ଭୋଳାଗଡ଼ିଆ ପଂଚାୟତ ଅନ୍ତର୍ଗତ ସାନଓଲିଆ ଗ୍ରାମର ବାସିନ୍ଦା ରାମଚନ୍ଦ୍ର ହାଁସଦାଙ୍କର ସହଧର୍ମିଣୀ ‘ସୀତା’ ଖାଦ୍ୟ ସୁରକ୍ଷା ଯୋଜନାରେ ମିଳୁଥିବା ମୁଣ୍ଡପିଛା ୫ କିଗ୍ରା ଚାଉଳ ଓ ସାମାଜିକ ସୁରକ୍ଷା ଯୋଜନାରେ ସରକାର ଯୋଗାଇ ଦେଉଥିବା ଭତା ପାଇବାରୁ ବଂଚିତ ଅଛନ୍ତି । ‘ସୀତା’ଙ୍କୁ ବର୍ତମାନ ବୟସ ୭୦ ବର୍ଷ ଛୁଇଁଥିବା ବେଳେ ସେ ଦିନମଜୁରିଆ ଭାବରେ କାମ କରି ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଛନ୍ତି । ବୟସ ଅଧିକ ହୋଇଯାଇଥିବାରୁ ସେ ଆଗଭଳି ଆଉ କାମ କରିପାରୁ ନାହାଁନ୍ତି । ଫଳରେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଖବର ନେବାରୁ ‘ସୀତା’ ଙ୍କର ଘରନାହିଁ । ପଲିଥିନ ତଳେ ସେ ରାତି ବିତାଇବାକୁ ବାଧ ହୋଇଥାନ୍ତି । ଏଭଳି ଅବସ୍ଥାରେ ଆଧାର କାର୍ଡ଼ ଓ ଭୋଟ ପରିଚୟପତ୍ର ସାଇତି ରଖିବା ତାଙ୍କ ପକ୍ଷେ ଖୁବ୍ କଷ୍ଟକର ହୋଇପଡ଼ିଲା ଫଳରେ ୨ଟି ଯାକ ନଷ୍ଟ ହୋଇଯାଇଥିବାରୁ ସେ ଖାଦ୍ୟ ଓ ସାମାଜିକ ସୁରକ୍ଷା ସବୁକିଛିରୁ ବଂଚିତ ଥିବର ଜଣାଯାଇଛି । ଏ ବାବଦରେ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇ ବାରମ୍ବାର ଗୁହାରି ଜଣାଇଥିଲେ ମଧ କେହି ଶୁଣୁ ନଥିବାର ‘ସୀତା’ ଅଭିଯୋଗ କରିଛନ୍ତି । ବିଭାଗୀୟ କତୃପକ୍ଷ ଉକ୍ତ ଘଟଣାର ତଦନ୍ତ କରି ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ବହୁ ସ୍ୱେଚ୍ଛାସେବି ସଂଗଠନ ଅନୁରୋଧ ଜଣାଇଛନ୍ତି ।



# ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମଦିନରେ ରକ୍ତଦାନ ଶିବିର ଅନୁଷ୍ଠିତ

ବାସୁଦେବପୁର, ୨୬/୬(ନି. ପ୍ର): ବାସୁଦେବପୁର ପୌର ପାଳିକା ଅନ୍ତର୍ଗତ ମନ୍ଦାରି ମଣ୍ଡଳ ପୋଖରୀ ସରକାରୀ କଲ୍ୟାଣ ମଣ୍ଡପ ପରିସରରେ ମାନ୍ୟବର କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ୫୭ ତମ ଜନ୍ମ ଦିନ ଅବସରରେ ବାସୁଦେବପୁର ର ଭାରତୀୟ ଜନତା ପାର୍ଟି ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଭାରତୀୟ ଜନତା ପାର୍ଟିର ପୂର୍ବତନ ଜିଲ୍ଲା ଉପ ସଭାପତି ଉଦୟ ନାରାୟଣ ମଲ୍ଲିକଙ୍କ ନେତୃତ୍ୱରେ ଏହି ଶିବିରରେ ବିଶେଷ ଅତିଥି ଭାବେ ଯୋଗ ଦେଇ ଶିବିରକୁ ଉଦଘାଟନ କରିଥିଲେ ଏସ ଡି ପି ଓ ବିଚିତ୍ରା ନନ୍ଦ ସେଠୀ ଓ ବାସୁଦେବପୁର ଥାନା ଅଧିକାରୀ ନିରଜ କୁମାର ସାମଲ । ଅନ୍ୟ ମାନଙ୍କ ମଧ୍ୟରେ ଏହି ଶିବିରରେ ଯୁବ ନେତା ତଥା କାଉନସିଲର ଜଗବନ୍ଧୁ ଦାସ,ମହେଶ୍ୱର ଧଳ, ପ୍ରତାପ ସେନାପତି, ବରିଷ୍ଠ ଆଇନଜୀବି କବି ପ୍ରଦୀପ କୁମାର ମହାନ୍ତି, ଅଧିବକ୍ତା ଡକ୍ଟର ନିରଦ କୁମାର ଦାଶ, ରାଜେନ୍ଦ୍ର କୁମାର ବାରିକ, ସମ୍ବିତ ମହାନ୍ତି,ରମାକାନ୍ତ ସେଠୀ, ସୂର୍ଯ୍ୟକାନ୍ତ ମହାନ୍ତି, ମମତା ଦାସ, ଗୌତମ ବିଶ୍ୱାଳ, ଉତ୍ତମ ମହାଳିକ, ହେମନ୍ତ କୁମାର ସନ୍ଧି ବିଗ୍ରହ, ନିର୍ମଳ ଚନ୍ଦ୍ର ବାରିକ୍, ଆନନ୍ଦ ଶଙ୍କର ଦାସ, ବିଭୂତି ପାଣିଗ୍ରାହୀ, ରାଧାଶ୍ୟାମ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ଏହି ଶିବିରରେ ସମୁଦାୟ ୮୨ ୟୁନିଟ ରକ୍ତ ସଂଗୃହୀତ ହୋଇ ଥିଲା । ଏହି ଅବସରରେ ବୃକ୍ଷ ରୋପଣ କାର୍ଯ୍ୟ ହୋଇ ଥିଲା ଏବଂ ଅଙ୍ଗନ ବାଡ଼ି ରେ ଛାତ୍ର ଛାତ୍ରୀ ମାନଙ୍କୁ ଫଳ ବ ନ




କରା ଯାଇଥିଲା । ସମସ୍ତ ରକ୍ତଦାତା ମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ ପ୍ରଦାନ କରାଯାଇଥିଲା ଏବଂ ସେମାନଙ୍କୁ ଫଳ ଓ ମିଷ୍ଟାନ୍ନ ଦିଆଯାଇ ଥିଲା । ରକ୍ତଦାନ ମହତ ଦାନ । ତେଣୁ ରକ୍ତ ଦାନ କରି ଆମେ ପୃଥିବୀରେ ସବୁ ଭାଇ ଭଉଣୀ ମାନଙ୍କର ଜୀବନ ବଞ୍ଚାଇ ପାରିବା ବୋଲି ସମସ୍ତଙ୍କର ଆଶା ଓ ଭରସାର ପ୍ରତୀକ ଉଦୟ ନାରାୟଣ ମଲ୍ଲିକ ପ୍ରକାଶ କରିଥିଲେ ଏବଂ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ମାର୍ଶାଲ ଆର୍ଟ ପ୍ରଶିକ୍ଷକ ଉମାକାନ୍ତ ବେହେରାଙ୍କୁ ୩ୟ ବ୍ଲାକ ବେଲ୍ଟ ପ୍ରାପ୍ତ ପାଇଁ ଜନ୍ମମାଟିରେ ସ୍ୱାଗତ

ବାଲକାଟି: ୨୬/୬(ନି.ପ୍ର) : ବାଲିଅନ୍ତା ବ୍ଲକ ଅଧୀନ ବାଲକାଟି ଅଞ୍ଚଳର ମାର୍ଶାଲ ଆର୍ଟ ପ୍ରଶିକ୍ଷକ ଉମାକାନ୍ତ ବେହେରାଙ୍କୁ ଓଡ଼ିଶାର ଅଗ୍ରଣୀ ପରିବେଶ ପାଇଁ କାର୍ଯ୍ୟରତ ସାମାଜିକ ଅନୁଷ୍ଠାନ ଗ୍ରୀନ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ବାଲକାଟି ବଜାର ସ୍ଥିତ ସ୍ୱର୍ଗର ବାଳକୃଷ୍ଣ ଦାଶଙ୍କ ପ୍ରତିମୂର୍ତ୍ତି ନିକଟରେ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଜୟଦେବ ମାଟିର ବାଲକାଟି ଅଞ୍ଚଳର ଗର୍ବ ଗୌରବ ମାର୍ଶଲ ଆର୍ଟ ପ୍ରଶିକ୍ଷକ ଉମାକାନ୍ତ ବେହେରା ମାର୍ଶାଲ ଆର୍ଟ ପ୍ରଶିକ୍ଷକ ଭାବରେ ଅଞ୍ଚଳରେ ତାଙ୍କର ସୁଖ୍ୟାତି ରହିଛି । କେବଳ ଛାତ୍ର ଛାତ୍ରୀମାନଙ୍କ ଭିତରେ ନୁହେଁ ଉତ୍ତମ ବ୍ୟବହାର ପାଇଁ ଅଭିଭାବକ ତଥା ସାଧାରଣ ଜନତାଙ୍କ ହୃଦୟରେ ସ୍ଥାନିତ । ସେ ମାର୍ଶାଲ ଆର୍ଟର ପ୍ରଚାର ଓ ପ୍ରସାର ପାଇଁ ନିଜକୁ ଜୀବନ ବ୍ୟାପି ଉତ୍ସର୍ଗୀକୃତ କରିଛନ୍ତି । ବର୍ତ୍ତମାନ ତାଙ୍କ ନିକଟରୁ ବହୁ ଛାତ୍ରଛାତ୍ରୀ ପ୍ରଶିକ୍ଷଣ ଗ୍ରହଣ କରି ବିଭିନ୍ନ ସରକାରୀ ସାମରିକ ବିଭାଗରେ କାର୍ଯ୍ୟରତ । ସଦ୍ୟ ପଞ୍ଜାବରାଜ୍ୟର ଜଳନ୍ଧର ଠାରେ ଅନୁଷ୍ଠିତ କୁମ୍ଫୁ ବ୍ଲାକ ବେଲ୍ଟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୁମ୍ଫୁରେ ବ୍ଲାକ ବେଲ୍ଟ କୃତିତ୍ୱ ଅର୍ଜନ କରିଛନ୍ତି । ପୂର୍ବରୁ ସେ କରାଟେରେ ୨ଗୋଟି ବ୍ଲାକ ବେଲ୍ଟ ପାଇଥିଲେ । ‘ଗ୍ରାଣ୍ଡ ମାଷ୍ଟର ସିଫୁ ଶାନ୍ତି କୁମାର ସିଂହ ଏବଂ ଗ୍ରାଣ୍ଡ ମାଷ୍ଟର ତରୁଣ କୁମାର ନାଜରୀ (ଅଷ୍ଟମ ଡିଗ୍ରୀ ବ୍ଲାକ ବେଲ୍ଟ )ଙ୍କ ଠାରୁ ପ୍ରଥମ ଡିଗ୍ରୀ ବ୍ଲାକ ବେଲ୍ଟ ଉମା ସାରଙ୍କୁ ମିଳିଛି । ତାଙ୍କର ଏହି କୃତିତ୍ୱ ପାଇଁ ଜନ୍ମ ମାଟିରେ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରୁଛି । ଏହି କାର୍ଯ୍ୟକ୍ରମରେ ଗ୍ରୀନ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟର ଅଧକ୍ଷଙ୍କ ତତ୍ତ୍ୱାବଧାନରେ ଓଡ଼ିଆ ଚଳଚ୍ଚିତ୍ର ଜଗତର ପ୍ରସିଦ୍ଧ ସଂଳାପ ଲେଖକ ଡ ରଜନୀ ରଞ୍ଜନ ଦାଶ, ସମାଜସେବୀ ବେଣୁଧର ଭୋଇ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ କାହ୍ନୁ ଚରଣ ଦାସ, କ୍ରୀଡ଼ାବିତ୍ ଆଜାଦ ଓ ପ୍ରଶିକ୍ଷକ ଗ୍ରହଣ କରୁଥିବା ଛାତ୍ର ଓ ଉପସ୍ଥିତି ରହି ଫୁଲତୋଡ଼ା, ଗଛ, ଫଟୋଚିତ୍ର ଓ ଉତରି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ ।



# ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଦିନିକିଆ ବାଲେଶ୍ୱର ଗସ୍ତ

ବାଲେଶ୍ୱର, ୨୬/୬(ନି. ପ୍ର): ଆଜି ଦିନିକିଆ ବାଲେଶ୍ୱର ଜିଲ୍ଲା ଗସ୍ତରେ ରାଜ୍ୟ ସଭାପତି ମନମୋହନ ସାମଲ ଓ ସଂଗଠନ ମହାମନ୍ତ୍ରୀ ମାନସ ମହାନ୍ତି , ରାଜ୍ୟ ବିଜେପି ସମ୍ପାଦକ ସରୋଜ କର ଆସି ବାଲେଶ୍ୱର ସ୍ୱତନ୍ତ୍ର ସର୍କିଟ ହାଉସରେ ପହଞ୍ଚି ଥିଲେ । ସକାଳେ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜନ୍ମ ସ୍ଥଳୀ ଶାନ୍ତି କାନନ ପରିସରରେ ପ୍ରଥମେ ବ୍ୟାସକବିଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିଥିଲେ, ପରେ ସେଠାରେ ସ୍ୱଚ୍ଛ ଭାରତ ଅଭିଯାନ ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଯୋଗଦାନ କରି ପରିସରରକୁ ସଫେଇ କରିବା ସହ ଶାନ୍ତି କାନନକୁ ଆହୁରି ସୌନ୍ଦର୍ଯ୍ୟ କରିବା ପାଇଁ ମୂଲ୍ୟବାନ ଫଳନ୍ତି ବୃକ୍ଷ ଓ ପୁଷ୍ପ ବୃକ୍ଷ ରୋପଣ କରିଥିଲେ । ଏହି କାର୍ଯ୍ୟକ୍ରମର



ପରିସମାପ୍ତି ପରେ ବିଶେଷ ଗୃହ ସମ୍ପର୍କ ଅଭିଯାନରେ ବାଲେଶ୍ୱର ସଦର ଓ ରେମୁଣା ନ୍ର୍ବାଚନ ମଣ୍ଡଳୀ ଅନ୍ତର୍ଗତ କିଛି ବିଶେଷ ବ୍ୟକ୍ତି ବିଶେଷଙ୍କ ଘରକୁ ଯାଇ ରାଜ୍ୟ ସରକାରଙ୍କ ୨ବର୍ଷ ଓ କେନ୍ଦ୍ର ସରକାରଙ୍କ ୧୨ବର୍ଷର ସଫଳତା ବିଷୟରେ କହିଥିଲେ ଏବଂ ସେମାନଙ୍କର ମତାମତ ଦେଇଥିଲେ । ଏହାପରେ ବାଲେଶ୍ୱର ସଂସଦୀୟ କ୍ଷେତ୍ରର କୋର୍ କମିଟି ବୈଠକରେ ପୌରହିତ୍ୟ କରି ଆଗାମୀ ପଞ୍ଚାୟତ ନିର୍ବାଚନ ଓ ସାଂଗଠନିକ ବିଷୟରେ ଆଲୋଚନା କରିଥିଲେ । ପରେ ସାଙ୍ଗଠନିକ ଜିଲ୍ଲା ବାଲେଶ୍ୱର ଓ ଉତ୍ତର ବାଲେଶ୍ୱରର ଜିଲ୍ଲା କମିଟି ସହ ପୃଥକ୍ ପୃଥକ୍ ଭାବେ ବୈଠକ କରିଥଲେ । ଏହି ସମସ୍ତ କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲା ବିଜେପି ସଭାପତି ଈଶ୍ୱର ଚନ୍ଦ୍ର ବେହେରା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଉତ୍ତର ବାଲେଶ୍ୱର ଜିଲ୍ଲା ସଭାପତି ପ୍ରଦୀପ କୁମାର ପଣ୍ଡା, ରାଜ୍ୟ ସରକାରଙ୍କ ଉପ ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ସଦର ବିଧାୟକ ମାନସ କୁମାର ଦତ୍ତ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ବଡସାହି ବିଧାୟକ ସନାତନ ବିଜୁଳି, ପୂର୍ବତନ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ଲମ୍ବୋଦର ନାୟକ, ରାଜ୍ୟ ବିଜେପି ଉପ ସଭାପତି ସିପ୍ରା ବାଜପେୟୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ସୁଷମା ରାଣୀ ବିଶ୍ୱାଳ, ମମତା ମହାପାତ୍ର, ଇଂ ରବିନ୍ଦ୍ର ଜେନା ଭୋଗରାଇ ବିଧାୟକ ପ୍ରାର୍ଥୀ ଆଶିଷ ପାତ୍ର, ଜଳେଶ୍ୱର ବିଧାୟକ ପ୍ରାର୍ଥୀ ବ୍ରଜ ମୋହନ ପ୍ରଧାନ, ବସ୍ତା ବିଧାୟକ ପ୍ରାର୍ଥୀ ରବିନ୍ଦ୍ର ଅଣ୍ଡିଆ ପ୍ରମୁଖଙ୍କ ସମେତ ଶତାଧିକ ନେତା, ନେତ୍ରୀ ଓ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ ।

# ବାଲେଶ୍ୱରରେ ସମ୍ବିଧାନ ହତ୍ୟା ଦିବସ ପାଳିତ

ବାଲେଶ୍ୱର, ୨୬/୬(ନି. ପ୍ର): ଆଜକୁ ୫୧ ବର୍ଷ ତଳେ ଭାରତରେ ଲାଗୁ ହୋଇଥିବା ଜରୁରୀକାଳୀନ ପରିସ୍ଥିତି ବିଷୟକ କଳା ଅଧ୍ୟାୟକୁ ମନେ ପକାଇ ଆଜି ବାଲେଶ୍ୱର ଗାନ୍ଧୀ ସ୍ମୃତି ଭବନ ଠାରେ ଏକ ବିଶାଳ ବୁଦ୍ଧିଜୀବୀ ସମ୍ମିଳନୀର ଆୟୋଜନ ଭାରତୀୟ ଜନତା ପାର୍ଟି ପକ୍ଷରୁ ହୋଇଯାଇଛି । ଜିଲ୍ଲା ସଭାପତି ଶ୍ରୀଯୁକ୍ତ ଈଶ୍ୱର ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସଭାପତି ମନମୋହନ ସାମଲ ଓ ମୁଖ୍ୟ ବକ୍ତା ଭାବେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ଜରୁରୀକାଳୀନ ପରିସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ । ଅତିଥି ପରିଚୟ, ସମ୍ବର୍ଦ୍ଧନା ଓ ସାମୁହିକ ବନ୍ଦେ ମାତରମ୍ ଗାନ ପରେ ଆନୁଷ୍ଠାନିକ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ଉଭୟ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ତାଙ୍କ ବ୍ୟକ୍ତବ୍ୟରେ ଇନ୍ଦିରା ଗାନ୍ଧୀଙ୍କ ସ୍ୱେଚ୍ଛାଚାରୀ ଶାସନ, କ୍ଷମତାଲୋଭୀ ମନୋଭାବ ଯୋଗୁଁ କୋଟି କୋଟି ଲୋକଙ୍କର ଗଣତାନ୍ତ୍ରିକ ଅଧିକାର ହନନ ହୋଇଥିଲା । ୧୯୭୫ ଜୁନ୍ ୧୨ ତାରିଖରେ ଆହ୍‌ହାବାଦ ହାଇକୋର୍ଟ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ନିର୍ବାଚନକୁ ଅବୈଧ ଘୋଷଣା କରି ଏକ ଐତିହାସିକ ରାୟ ଶୁଣାଇଥିଲେ । କୋର୍ଟ ତାଙ୍କୁ ୬ ବର୍ଷ ପର୍ଯ୍ୟନ୍ତ ନିର୍ବାଚନ ଲଢ଼ିବା ପାଇଁ ଅଯୋଗ୍ୟ ଘୋଷଣା କରିଥିଲେ । ଏହି ଘଟଣା ଦେଶର ରାଜନୀତିରେ ଏକ ବଡ଼ ଝଡ଼ ସୃଷ୍ଟି କରିଥିଲା ଏବଂ ପରବର୍ତ୍ତୀ ସମୟରେ ଦେଶରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଇଥିଲା । ଗଣତାନ୍ତ୍ରିକ ମୂଲ୍ୟବୋଧ, ସାମ୍ବିଧାନିକ ମର୍ଯ୍ୟାଦା, ନ୍ୟାୟାଳୟ ପ୍ରତି ସମ୍ମାନକୁ ଜଳାଞ୍ଜଳି ଦେଇ ଇନ୍ଦିରା ଗାନ୍ଧୀ ସମ୍ବିଧାନକୁ ହତ୍ୟା କରିଥିଲେ । ଯୁବପିଢି ଓ ଆଗାମୀ ପିଢ଼ିଙ୍କୁ ସଚେତନ କରାଇବା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଆଗାମୀ ଦିନରେ ଆମଦେଶ ଯେମିତି ଏଭଳି କଳାଦିନର ସମ୍ମୁଖୀନ ନହୁଏ ସେଥିପ୍ରତି ଆମ ସମସ୍ତଙ୍କୁ ଯତ୍ନବାନ ହେବାକୁ ପଡିବ ବୋଲି ଆହ୍ୱାନ ଦେଇଥିଲେ । ଶାସକ ଦଳର ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ଯୋଜନା ବୋର୍ଡର ଅଧକ୍ଷ ପଦ୍ମଲୋଚନ ପଣ୍ଡା, ସଦର ବିଧାୟକ ମାନସ କୁମାର ଦତ୍ତ, ନିଳଗିରି ବିଧାୟକ ସନ୍ତୋଷ ଖଟୁଆ, ବଡ଼ସାହି ବିଧାୟକ ସନାତନ ବିଜୁଳି, ରାଜ୍ୟ ଉପସଭାପତି ଶିପ୍ରା ବାଜପେୟୀ, ପୂର୍ବତନ ସଭାପତି ଉମାକାନ୍ତ ମହାପାତ୍ର, ରାଜ୍ୟ ସମ୍ପାଦକ ସରୋଜ କର, ଜଳେଶ୍ୱର ବିଧାୟକ ବ୍ରଜମୋହନ ପ୍ରଧାନ, ବସ୍ତା ବିଧାୟକ ପ୍ରାର୍ଥୀ ରବିନ୍ଦ୍ର ଅଣ୍ଡିଆ, ଭୋଗରାଇ ବିଧାୟକ ପ୍ରାର୍ଥୀ ଆଶିଷ ପାତ୍ର ମଞ୍ଚାସିନ ଥିଲେ, କାର୍ଯ୍ୟକ୍ରମର ସଂଯୋଜକ ଚନ୍ଦ୍ରଶେଖର ନନ୍ଦ ସଭା ପରିଚାଳନା କରୁଥିଲା ବେଳେ ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା ଅତିଥି ପରିଚୟ କରାଇଥିଲେ । ଶେଷରେ ଜାତୀୟ ସଂଗୀତ ଗାନ ପରେ ସଭାକାର୍ଯ୍ୟ ଶେଷ ହୋଇଥିଲା ।




# ପାଟଣାଗଡ଼ ରାଜ ଖମାର ଠାରେ ବିଜେପିର ସାଙ୍ଗଠନିକ ବୈଠକ ଅନୁଷ୍ଠିତ

ଭୁବନେଶ୍ୱର, ୨୬/୬ (ନି. ପ୍ର): ପାଟଣାଗଡ଼ ସ୍ଥିତ ରାଜ ଖମାର ଠାରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ଶୁକ୍ରବାର ଏକ ଗୁରୁତ୍ୱପୂର୍ଣ୍ଣ ସାଙ୍ଗଠନିକ ବୈଠକ ତଥା ପାଟଣାଗଡ଼ ନିର୍ବାଚନ ମଣ୍ଡଳୀର ’ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ୨୦୨୬’ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏହି ବୈଠକରେ ଉପସ୍ଥିତ ଦଳୀୟ କର୍ମକର୍ତା ଓ ବରିଷ୍ଠ ନେତୃବୃନ୍ଦଙ୍କ ସହ ସାଙ୍ଗଠନିକ ସ୍ଥିତିକୁ ଅଧିକ ସୁଦୃଢ଼ କରିବା ଏବଂ ଆଗାମୀ ଦିନରେ ଦଳର କାର୍ଯ୍ୟପନ୍ଥାକୁ ଜନସାଧାରଣଙ୍କ ପାଖରେ ପହଂଚାଇବା ପାଇଁ ସବିଶେଷ ଆଲୋଚନା କରାଯାଇଥିଲା । ଏହା ସହିତ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାକୁ କିପରି ତୃଣମୂଳ ସ୍ତରରେ ସଫଳ କରାଯାଇପାରିବ, ସେ ନେଇ ରଣନୀତି ପ୍ରସ୍ତୁତ କରାଯାଇଛି । ଦଳର ପ୍ରତ୍ୟେକ କର୍ମୀଙ୍କ ନିଷ୍ଠା ଓ ପରିଶ୍ରମ ଆଗାମୀ ଦିନରେ ପାଟଣାଗଡ଼ ନିର୍ବାଚନ ମଣ୍ଡଳୀରେ ବିଜେପିକୁ ଏକ ନୂତନ ଶିଖରକୁ ନେବ ବୋଲି ମୋର ଦୃଢ଼ ବିଶ୍ୱାସ ବୋଲି ଶ୍ରୀ ସିଂହଦେଓ ଏହି ଅବସରରେ କହିଛନ୍ତି ।

# ବେଢ଼-ଛେଲୁ ଗ୍ରାମରେ କଳାକାର ସମାବେଶ

ଖଲ୍ଲିକୋଟ, ୨୬/୬(ନି. ପ୍ର): ଖଲିକୋଟ ପଞ୍ଚାୟତ ସମିତି ଅନ୍ତର୍ଗତ ବେଢ଼-ଛେଲୁ ଗ୍ରାମସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଶ୍ରୀଜଗନ୍ନାଥ ସଂକୀର୍ତ୍ତନ ମଣ୍ଡଳି ତରଫରୁ ଏକ କଳାକାର ସମାବେଶର ଆୟୋଜନ କରାଯାଇଥିଲା । ସୁନାମଧନ୍ୟ ଭାରତଲୀଳା କଳାକାର ଭାସ୍କର ଚନ୍ଦ୍ର ଗୌଡ଼ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ନିଖିଳ ଓଡ଼ିଶା ବରିଷ୍ଠ କଳାକାର ମହାସଂଘ ମହାସଚିବ ସୁବାସ ଚନ୍ଦ୍ର ସାହୁ ରୋଶନ୍ ମୂଖ୍ୟ ଅତିଥି, ଖଲ୍ଲିକୋଟ ବ୍ଲକ କଳାକାର ସଂଘ ଉପସଭାପତି ଦିଗାମ୍ବର ମହାରଣା ବିଶିଷ୍ଟ ଅତିଥି ଏବଂ ସମ୍ମାନିତ ଅତିଥି ଭାବେ ମହାସଂଘ କୋଷାଧ୍ୟକ୍ଷମହେନ୍ଦ୍ର କୁମାର ସାହୁ, ପ୍ରଥିତଯଶା ସଖିନାଟ ଗୁରୁ ସୁରେନ୍ଦ୍ର ପାଣି ଓ ବଳରାମ ଗୌଡ଼ ଯୋଗଦେଇ ବେଢ଼ ଅଂଚଳର ସାଂସ୍କୃତିକ ବିଭବର ସିଂହାବଲୋକନ କରିବା ସହ ନାମ ସଂକୀର୍ତ୍ତନ କଳାକାରମାନେ ସମାଜର ଜଣେ ଜଣେ ମୋକ୍ଷ ପଥ ପ୍ରଦର୍ଶକ ହେତୁ ସେମାନେ ଅତୀବ ଧନ୍ୟାବାଦାର୍ହ ବୋଲି ନିଜ ନିଜ ବକ୍ତବ୍ୟରେ ଉପସ୍ଥାପନ କରିଥିଲେ । ଏହି ଅବସରରେ ଶ୍ରୀଜଗନ୍ନାଥ ସଂକୀର୍ତ୍ତନ ମଣ୍ଡଳୀର ଉଭୟ ମହିଳା ଓ ପୁରୁଷ ବିଭାଗ ତରଫରୁ କଳା ପ୍ରଦର୍ଶନ କରାଯାଇଥିଲା । ସଭିଙ୍କୁ ଅନୁଷ୍ଠାନ ପକ୍ଷରୁ ପ୍ରମାଣପତ୍ର ବ ନ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ସର୍ବଶ୍ରୀ ବିଜୟ ଦୋରା, କାଶୀନାଥ ପଲେଇ, ପ୍ରମୋଦ ଗୌଡ଼, ରଙ୍କନିଧି ଗୌଡ଼, ଜି. ରାଜାରାଓ ଦୋରା, ବୃନ୍ଦାବନ ପଲେଇ, ପ୍ରତିମା ପ୍ରଧାନ, କାଞ୍ଚନ ପ୍ରଧାନ, ମିନତୀ ଗୌଡ଼, ବିଷ୍ଣୁପ୍ରିୟା ଗୌଡ଼, ବୁଲି ପଲେଇ ପ୍ରମୁଖ କଳାକାରମାନେ ସହଯୋଗ କରିଥିଲେ । ପରିଶେଷରେ ରତ୍ନାକର ବାବୁ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ ।



# ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଭଦ୍ରକ ପକ୍ଷରୁ ଆନ୍ତର୍ଜାତୀୟ ନିଶାଦ୍ରବ୍ୟର ଅପବ୍ୟବହାର ଏବଂ ଅବୈଧ ଚାଲାଣ ବିରୋଧୀ ଦିବସ ପାଳନ

ଭଦ୍ରକ, ୨୬/୬(ନି. ପ୍ର): ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ, କଟକଙ୍କ ପ୍ରଦତ୍ତ କାର୍ଯ୍ୟକ୍ରମ ଅନୁସାରେ ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧକ୍ଷ ଶ୍ରୀ ଲଲାଟେନ୍ଦୁ ଜେନାଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକଙ୍କ ଦ୍ୱାରା ଅବନ୍ତିକା ବିଜ୍ଞାନ କଲେଜ, ଚରମ୍ପା, ଭଦ୍ରକଠାରେ ଛାତ୍ର ଛାତ୍ରୀ ମାନଙ୍କୁ ନିଶା ନିବାରଣ ସମ୍ପର୍କରେ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ, ଶ୍ରୀ ପୂଣ୍ୟଶ୍ଳୋକ ରଥ ଏହି ସଚେତନତା କାର୍ଯ୍ୟକ୍ରମର ଅଧକ୍ଷତା କରିଥିଲେ । ଉପସ୍ଥିତ ଅତିଥି ମାନଙ୍କ ମଧ୍ୟରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଭଦ୍ରକ, ଖଗେଶ୍ୱର ସେଠୀ, ଏଲ୍.ଏ.ଡିସ୍.ଏସ୍., ସହାୟକ-ନ୍ୟାୟ ରକ୍ଷକ, ତାପସ କୁମାର ମହାନ୍ତି, ଭଦ୍ରକ,ଅବନ୍ତିକା ବିଜ୍ଞାନ କଲେଜ, ଅଧକ୍ଷ, ଇଞ୍ଜିନିୟର ଅମିତ କୁମାର ମଲ୍ଲିକ, ଅବକାରୀ ବିଭାଗ, ଅଧୀକ୍ଷକ, ନରୋତ୍ତମ ମିଶ୍ର, ନିୟୁ ଲାଇଫ ନିଶା ନିବାରଣ ମୁଖ୍ୟ ପରିଚାଳକ, ପଙ୍କଜ କୁମାର ସାହୁ ପ୍ରମୁଖ ଅତିଥି ଗଣ ଏହି ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ନିଜବକ୍ତବ୍ୟରେ କହିଥିଲେ ଯେ ତମାଖୁ ସେବନ ଏକ ମହାମାରୀ । ତମାଖୁ ସେବନ ଦ୍ୱାରା ବ୍ୟକ୍ତି ନିଜର ସ୍ୱାସ୍ଥ୍ୟ ଜନିତ ସମସ୍ୟା ଏବଂ ଆର୍ଥିକ ଓ ସାମାଜିକ ବୋଝର ଶିକାର ହୁଅନ୍ତି, ତେଣୁ ତମାଖୁ ଠାରୁ ଦୂରେଇ ରୁହନ୍ତୁ । ନିଶାଦ୍ରବ୍ୟରୁ ଦୂରେଇ ରହି ନିଶାମୁକ୍ତ ଜୀବନ ଧାରଣ କରିବା ପାଇଁ ଛାତ୍ର ଛାତ୍ରୀମାନଙ୍କୁ ପ୍ରେରଣା ଦିଆଯାଇଥିଲା । ସୁସ୍ଥ ସମାଜ ଗଠନ ପାଇଁ ଛାତ୍ରଛାତ୍ରୀମାନେ ଆଗେଇ ଆସିବା ସହ ସମସ୍ତଙ୍କୁ ସଚେତନ ହେବାକୁ ପଡିବ । ନିଜ ଜୀବନକୁ ନିଶା ଠାରୁ ଦୂରେଇ ଦିଅନ୍ତୁ । ଏହି ଅବସରରେ ସମସ୍ତେ ଏକ ସ୍ୱରରେ ନିଶା ନିବାରଣ ନିମନ୍ତେ ଶପଥ ନେଇଥିଲେ । ଜିଲ୍ଲା ଆଇନ ସେବା ପ୍ରାଧିକରଣ ର କର୍ମୀଗଣ ତଥା କଲେଜର ଅଧ୍ୟାପକ, ଅଧ୍ୟାପିକା ଏବଂ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଗଣ ନିଶା ନିବାରଣ ନିମନ୍ତେ ଏକ ଶୋଭାଯାତ୍ରାରେ ସାମିଲ ହୋଇଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।




❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida